ବର୍ଷ-୨୬, ସଂଖ୍ୟା-୨୪୩
ଭୁବନେଶ୍ୱର
ସେପ୍ଟେମ୍ବର, ୦୮, ୨୦୨୬ ମଙ୍ଗଳବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-26, Issue No. 243
Bhubaneswar
September, 08 2026, Tuesday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com
Mahabharat

# ସୁପ୍ରିମକୋର୍ଟରେ ଓଡିଶା ଡିଜିପି ଚୟନ ବିବାଦରେ ନୂଆ ମୋଡ଼

ନୂଆଦିଲ୍ଲୀ,୭।୯(ମହାଭାରତ): ଓଡିଶା ପୁଲିସର ପରବର୍ତ୍ତୀ ମୁଖିଆ(ଡିଜିପି) ଚୟନ ବିବାଦକୁ ନେଇ ସୁପ୍ରିମକୋର୍ଟରେ ଚାଲିଥିବା ମାମଲାରେ ଆଜି ନୂଆମୋଡ ଆସିଛି। ବରିଷ୍ଠ ଓଡିଆ ଆଇପିଏସ୍ ତଥା ଜେଲ୍ ଡିଜି ସୁଶାନ୍ତ କୁମାର ନାଥ ଏହି ମାମଲାରେ ଏକ ଇଣ୍ଟରଭେନସନ୍ ଆବେଦନ (ଆଇଏ) ଦାଖଲ କରି କୋର୍ଟରେ ନିଜ ପକ୍ଷ ରଖିଛନ୍ତି। ଆଜି ମାମଲାର ଶୁଣାଣିବେଳେ ସୁଶାନ୍ତ ନାଥଙ୍କ ପକ୍ଷରୁ ତାଙ୍କ ଓକିଲ କୋର୍ଟରେ ଯୁକ୍ତି ରଖି ରାଜ୍ୟ ସରକାରଙ୍କ ନିଷ୍ପତ୍ତି ଉପରେ ସଙ୍ଗୀନ ପ୍ରଶ୍ନ ଉଠାଇବା ସହ ସରକାରଙ୍କ ଆଭିମୁଖ୍ୟକୁ ଚ୍ୟାଲେଞ୍ଜ କରିଛନ୍ତି। ସୁପ୍ରିମକୋର୍ଟ ଆଜି ସୁଶାନ୍ତ ନାଥଙ୍କ ପକ୍ଷ ଶୁଣିବା ସହ ପରବର୍ତ୍ତୀ ଶୁଣାଣି ସେପ୍ଟେମ୍ବର ୨୨ତାରିଖକୁ ଧାର୍ଯ୍ୟ କରିଛନ୍ତି।

ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ, ଜଷ୍ଟିସ ଜୟମାଲ୍ୟ ବାଗଚୀ ଓ ଜଷ୍ଟିସ ଭି.ମୋହନାଙ୍କୁ ନେଇ ଗଠିତ ଖଣ୍ଡପୀଠରେ ଆଜି ଏହି ମାମଲାର ଶୁଣାଣି ଆରମ୍ଭ ହେବାମାତ୍ରେ ସୁଶାନ୍ତ ନାଥ ନିଜ ଓକିଲଙ୍କ ମାଧ୍ୟମରେ ପକ୍ଷଭୁକ୍ତ ହେବାକୁ କୋର୍ଟଙ୍କ ଅନୁମତି ଲୋଡିଥିଲେ। ସେ ଦାଖଲ କରିଥିବା ଆଇଏ ଉପରେ ବିଚାର କରିବା ସହ ପକ୍ଷ ରଖିବାକୁ ଖଣ୍ଡପୀଠ ତାଙ୍କୁ ସୁଯୋଗ ଦେଇଥିଲେ।

ଆଇପିଏସ୍ ସୁଶାନ୍ତ ନାଥ ତାଙ୍କ ଓକିଲ ମାଧ୍ୟମରେ ଆଜି ସୁପ୍ରିମକୋର୍ଟରେ ଯୁକ୍ତି ଉପସ୍ଥାପନ କରି କହିଥିଲେ ଯେ, ସେ ଜଣେ ଡିଜିପାହ୍ୟାର ବରିଷ୍ଠ ଅଫିସର ଓ ପ୍ରଥମ ପର୍ଯ୍ୟାୟରେ ରାଜ୍ୟ ସରକାର ୟୁପିଏସସିକୁ ପଠାଇଥିବା ତିନିଜଣିଆ ତାଲିକାରେ ତାଙ୍କ ନାମ ପ୍ରଥମରୁ ସାମିଲ ଥିଲା। କିନ୍ତୁ ବିନା କୌଣସି ପୂର୍ବ ସୂଚନାରେ ତାଙ୍କର ଇଣ୍ଟିଗ୍ରିଟି ସାର୍ଟିଫିକେଟ୍ ପ୍ରତ୍ୟାହାର କରାଯାଇଥିବା ନେଇ ସେ କେବଳ ଖବରକାଗଜରୁ ହିଁ ଜାଣିବାକୁ ପାଇଥିଲେ।

ତାଙ୍କ ନାମକୁ ଅଟକାଇ ଅନ୍ୟମାନଙ୍କୁ ଆଗକୁ ନିଆଯାଇଥିବାବେଳେ ତାଙ୍କର ଦୀର୍ଘ ୩୨ ବର୍ଷର ଦାଗହୀନ କ୍ୟାରିୟର, ସଫଳ ସେବା ରେକର୍ଡ ଓ ରାଷ୍ଟ୍ରପତି ପଦକ ପାଇଥିବା ବିଷୟକୁ ଅଣଦେଖା କରାଯାଇଛି। ସେଥିପାଇଁ ପିଆଇଏଲ୍ ସମ୍ପର୍କିତ ସମସ୍ତ କାଗଜପତ୍ର ତାଙ୍କୁ ପ୍ରଦାନ କରିବା ଓ ତାଙ୍କୁ ନିଜ ପକ୍ଷ ରଖିବାକୁ ସୁଯୋଗ ଦେବା ଲାଗି ସେ ଅନୁରୋଧ କରିଥିଲେ।

ଖଣ୍ଡପୀଠ ତାଙ୍କର ଯୁକ୍ତି ଶୁଣିବା ସହ ତାଙ୍କୁ ଏହି ମାମଲାରେ ପକ୍ଷଭୁକ୍ତ ହୋଇ ପରବର୍ତ୍ତୀ



ଶୁଣାଣି ପୂର୍ବରୁ ସତ୍ୟପାଠ ଦାଖଲ କରିବାକୁ କହିଛନ୍ତି। ସେଥିପାଇଁ ଜନସ୍ୱାର୍ଥ ମାମଲା ଓ ଏହି ମାମଲା ସମ୍ପର୍କିତ ସମସ୍ତ କାଗଜପତ୍ର ତାଙ୍କୁ ପ୍ରଦାନ କରିବାକୁ ତାଙ୍କ ଓକିଲ ନିବେଦନ କରିଥିଲେ। ଏପରିକି ତାଙ୍କର ମାମଲା ଏକ ସ୍ୱତନ୍ତ୍ର କାରଣ ଉପରେ ଆଧାରିତ ହୋଇଥିବାରୁ ଏହାକୁ ଅନ୍ୟ ମାମଲା ସହ ନମିଶାଇ ସ୍ୱତନ୍ତ୍ର ଭାବେ ଶୁଣାଣି କରିବାକୁ ଅନୁରୋଧ କରିଥିଲେ।

ଅନ୍ୟପକ୍ଷରେ ଜନସ୍ୱାର୍ଥ ମାମଲାର ଆବେଦନକାରୀ ଜୟନ୍ତ ଦାସଙ୍କ ଓକିଲ ପି ଚିଦାମ୍ବରମ୍ ଅଭିଯୋଗ କରିଥିଲେ ଯେ, ଓଡିଶା ପୁଲିସ ଡିଜି ଚୟନ ପ୍ରକ୍ରିୟାରେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶାବଳୀ ତଥା ୟୁପିଏସସି ଦ୍ୱାରା ନିର୍ଦ୍ଧାରିତ ନିୟମାବଳୀକୁ ସମ୍ପୂର୍ଣ୍ଣ ଭାବେ ଉଲ୍ଲଂଘନ କରାଯାଇଛି। କୋର୍ଟ ଉଭୟ ପକ୍ଷଙ୍କୁ ଶୁଣିବା ପରେ ଏକ ସପ୍ତାହ ମଧ୍ୟରେ ଜବାବ ଦାଖଲ ତଥା କପି ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇ ଆସନ୍ତା ୨୨ତାରିଖରେ ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ କରିଛନ୍ତି।

ଉଲ୍ଲେଖଯୋଗ୍ୟ, ରାଜ୍ୟ ସରକାରଙ୍କ ଅପ୍ରତ୍ୟାଶିତ ଅନୁରୋଧରେ ପୁଲିସ ଡିଜି ଚୟନ ପାଇଁ ଗତ ଅଗଷ୍ଟ ୭ତାରିଖର ୟୁପିଏସସି ବୈଠକକୁ ସ୍ଥଗିତ ରହିବା ପରେ ଏହି ସମ୍ବେଦନଶୀଳ ବିବାଦ ସାମ୍ନାକୁ ଆସିଥିଲା। ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଓକିଲ ପି.ଚିଦାମ୍ବରମ୍ ମଧ୍ୟ ୨୦୦୬ ମସିହାରେ ପ୍ରକାଶ ସିଂ ମାମଲାରେ ସୁପ୍ରିମକୋର୍ଟ ଦେଇଥିବା ଐତିହାସିକ ରାୟକୁ ଉଲ୍ଲଘଂନ କରାଯାଇ ଜଣେ ଏଡିଜି ପାହ୍ୟାର ଅଫିସରଙ୍କୁ ରାତାରାତି ପଦୋନ୍ନତି ଦେଇ ଡିଜି ପ୍ୟାନେଲରେ ସାମିଲ ପାଇଁ ବ୍ୟାକଡୋର ପ୍ରୟାସ ଚାଲିଥିବା ଅଭିଯୋଗ କରିଥିଲେ।

ଆମିକସକ୍ୟୁରି ରାଜୁ ରାମଚନ୍ଦ୍ରନ ମଧ୍ୟ ଓଡିଶାରେ ପୁଲିସ ଡିଜିପି( ଚକ୍ଟଯସମର ଊଏ) ଚୟନରେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶର ଉଲ୍ଲଘଂନ ହୋଇଥିବା ନେଇ ମତ ଦେବା ପରେ ମାମଲାକୁ ସୁପ୍ରିମକୋର୍ଟ ଶୁଣାଣି ପାଇଁ ଗ୍ରହଣ କରି ପ୍ରଥମେ ୧୩ତାରିଖ ଓ ପରେ ୧୮ତାରିଖକୁ ତାରିଖ ଧାର୍ଯ୍ୟ କରିଥିଲେ। ପରେ ଅଗଷ୍ଟ ୧୮ ତାରିଖରେ ରାଜ୍ୟ ସରକାର ଓ ୟୁପିଏସସି ପକ୍ଷରୁ ଜବାବ ଦାଖଲ ହୋଇଥିଲେ ମଧ୍ୟ ରାଜ୍ୟର ଉତ୍ତର ରେକର୍ଡଭୁକ୍ତ ହୋଇ ନଥିବାରୁ ଓ କୋର୍ଟ ତାହା ଦେଖିବାକୁ ଚାହିଁବାରୁ ଶୁଣାଣି ସ୍ଥଗିତ ରହିଥିଲା। ସେପ୍ଟେମ୍ବର ୨ରେ ଆମିକସକ୍ୟୁରୀ ନିଜର ରିପୋର୍ଟ ଦାଖଲ କରିଥିବାବେଳେ ରାଜ୍ୟ ସରକାରଙ୍କ ଉତ୍ତର ଉପରେ ଆବେଦନକାରୀଙ୍କ ଓକିଲ ରିଜଏଣ୍ଡର ଦାଖଲ କରିଥିଲେ।

# ଏଲପିଜି ବୁକିଂର ବଦଳିଲା ନିୟମ

ନୂଆଦିଲ୍ଲୀ,୭।୯ : ଘରୋଇ ଏଲପିଜି ଗ୍ରାହକଙ୍କ ପାଇଁ ସିଲିଣ୍ଡର ବୁକିଂ ନିୟମରେ ସରକାରଙ୍କ ବଡ଼ ପରିବର୍ତ୍ତନ । ପେଟ୍ରୋଲିୟମ ମନ୍ତ୍ରଣାଳୟ ଏଲପିଜି ରିଫିଲ୍ ଏବଂ ପରବର୍ତ୍ତୀ ସିଲିଣ୍ଡର ବୁକିଂ ମଧ୍ୟରେ ସମୟ ବ୍ୟବଧାନକୁ ୪୫ ଦିନରୁ ଏବେ ୨୫ ଦିନକୁ ହ୍ରାସ କରିଛି। ଏହାର ଅର୍ଥ ହେଉଛି ଯେ ଗ୍ରାହକମାନେ ପୂର୍ବ ସିଲିଣ୍ଡର ବୁକିଂ କରିବାର ୨୫ ଦିନ ପରେ ସେମାନଙ୍କର ପରବର୍ତ୍ତୀ ସିଲିଣ୍ଡର ବୁକିଂ କରିପାରିବେ। ଏହି ପରିବର୍ତ୍ତନ ବିଶେଷକରି ଗ୍ରାମାଞ୍ଚଳର ଗ୍ରାହକମାନଙ୍କୁ



ଆଶ୍ୱସ୍ତି ପ୍ରଦାନ କରିବ, ଯେଉଁମାନେ ପୂର୍ବରୁ ପରବର୍ତ୍ତୀ ସିଲିଣ୍ଡର ବୁକିଂ କରିବା ପାଇଁ ୪୫ ଦିନ ଅପେକ୍ଷା କରିବାକୁ ପଡୁଥିଲା। ଏବେ ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳ ଉଭୟ ଘରୋଇ ଏଲପିଜି ଗ୍ରାହକଙ୍କ ପାଇଁ ୨୫ ଦିନର ସମୟସୀମା ନିୟମ ସମାନ ରହିବ। ପୂର୍ବରୁ ଘରୋଇ ଏଲପିଜି ରିଫିଲ୍ ବୁକ୍ କରିବା ମଧ୍ୟରେ ୪୫ ଦିନର ବ୍ୟବଧାନ ଥିଲା। ଏହା ଫଳରେ ପରିବାରଗୁଡ଼ିକରେ ଗ୍ୟାସ ସିଲିଣ୍ଡର ଶୀଘ୍ର ସରିଯାଉଥିଲା, ପ୍ରାୟତଃ ସେମାନଙ୍କୁ ପରବର୍ତ୍ତୀ ବୁକିଂ ପାଇଁ ଅଧିକ ସମୟ ଅପେକ୍ଷା କରିବାକୁ ପଡୁଥିଲା। ଏହି ବ୍ୟବଧାନ ଏବେ ୨୫ ଦିନକୁ ହ୍ରାସ ପାଇଛି। ଏହାର ଅର୍ଥ ହେଉଛି ଥରେ ସିଲିଣ୍ଡର ବୁକ୍ ହେବା ପରେ, ଗ୍ରାହକମାନେ ୨୫ ଦିନ ବିତିବା ପରେ ଆଉ ଏକ ରିଫିଲ୍ ବୁକ୍ କରିପାରିବେ। ଏହି ନିୟମରେପରିବର୍ତ୍ତନ ଦ୍ୱାରା ଗ୍ରାମୀଣ ଏଲପିଜି ଗ୍ରାହକମାନେ ସର୍ବାଧିକ ଲାଭ ପାଇବେ ବୋଲି ଆଶା କରାଯାଉଛି। ଅନେକ ଗ୍ରାମୀଣ ପରିବାର ରୋଷେଇ ପାଇଁ ଏଲପିଜିର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ବ୍ୟବହାର କରନ୍ତି। ତେଣୁ, ୪୫ ଦିନର ବୁକିଂ ବ୍ୟବଧାନ ସେମାନଙ୍କ ପାଇଁ ଏକ ସମସ୍ୟା ହୋଇପାରେ। ବର୍ତ୍ତମାନ, ଏକ ସମାନ ୨୫ ଦିନର ନିୟମ କାର୍ଯ୍ୟକାରୀ ହେବା ସହିତ, ଗ୍ରାମୀଣ ଏବଂ ସହରାଞ୍ଚଳ ଘରୋଇ ଗ୍ରାହକଙ୍କ ମଧ୍ୟରେ ବୁକିଂ ବ୍ୟବଧାନରେ କୌଣସି ପାର୍ଥକ୍ୟ ରହିବ ନାହିଁ। ପେଟ୍ରୋଲିୟମ ମନ୍ତ୍ରଣାଳୟ ଇଣ୍ଟର-ରିଫିଲ୍ ବୁକିଂ ବ୍ୟବଧାନକୁ ହ୍ରାସ କରିବାକୁ ନିଷ୍ପତ୍ତି ନେଇଛି। ନୂତନ ନିୟମ ଅନୁଯାୟୀ, ଘରୋଇ ଏଲପିଜି ଗ୍ରାହକମାନଙ୍କୁ ସେମାନଙ୍କର ପରବର୍ତ୍ତୀ ରିଫିଲ୍ ବୁକ୍ କରିବା ପୂର୍ବରୁ ୨୫ ଦିନ ଅପେକ୍ଷା କରିବାକୁ ପଡିବ। ଏହି ପରିବର୍ତ୍ତନ ଗ୍ରାହକଙ୍କୁ ଆବଶ୍ୟକତା ଅନୁସାରେ ସେମାନଙ୍କର ସିଲିଣ୍ଡର ପୁନଃବୁକ୍ କରିବା ପାଇଁ ଅଧିକ ସୁବିଧା ପ୍ରଦାନ କରିବ।

# ଆଇଏଏସସ୍ତରରେ ଅଦଳବଦଳ, ସୁଧାଂଶୁ ମୋହନ ସାମଲ ହେଲେ ଓଏମସି ଏମଡି

ଭୁବନେଶ୍ୱର, ୭।୯ : ରାଜ୍ୟ ସରକାର ବରିଷ୍ଠ ଆଇଏଏସ ସ୍ତରରେ ଅଦଳବଦଳ କରିଛନ୍ତି। ଏ ନେଇ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ସୁରେଶ କୁମାର ବଶିଷ୍ଠଙ୍କୁ ସାଧାରଣ ପ୍ରଶାସନ ବିଭାଗର ପ୍ରମୁଖ ସଚିବ ଭାବେ ଦାୟିତ୍ୱ ଦିଆଯାଇଛି। ଏଥିସହ ସଂସଦୀୟ ବ୍ୟାପାର ବିଭାଗର ପ୍ରମୁଖ ସଚିବ ଭାବେ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି।ସେହିପରି ଆଇଏଏସ ସୁଧାଂଶୁ ମୋହନ ସାମଲଙ୍କୁ ଓଏମସି ଏମଡି ଭାବେ ନିଯୁକ୍ତି ଦିଆଯାଇଛି। ଏହା ସହ କେନ୍ଦ୍ରାଞ୍ଚଳ ଆରଡିସି ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ଡା.ବୃନ୍ଦା ଡିଙ୍କୁ ସାମାଜିକ ସୁରକ୍ଷା , ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗର ପ୍ରମୁଖ ସଚିବ ଭାବେ ନିଯୁକ୍ତ କରାଯାଇଛି।

# ଲାଞ୍ଚ ନେଇ ଭିଜିଲାନ୍ସ ଜାଲରେ ଆରଆଇ ଓ ଏଆରଆଇ

ପିପିଲି: ଚାଷ ଜମିକୁ ଘରବାରୀ ଜମିରେ କିସମ ପରିବର୍ତ୍ତନ ପାଇଁ ୩୫ ହଜାର ଟଙ୍କା ଲାଞ୍ଚ ନେଇ ପୁରୀ ଜିଲାର ପିପିଲି ତହସିଲର ଦୁଇ ରାଜସ୍ୱ ଅଧିକାରୀ ସୋମବାର ଭିଜିଲାନ୍ସ ଜାଲରେ ଧରାପଡ଼ିଛନ୍ତି। ସେମାନେ ହେଲେ ପିପିଲି ତହସିଲ ଅଧୀନ ଶିଉଳା ଆରଆଇ ସର୍କଲର ରାଜସ୍ୱ ଅଧିକାରୀ କଲ୍ୟାଣୀ ଜେନା ଓ ସହକାରୀ ରାଜସ୍ୱ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ବେହେରା।



ସୂଚନା ଅନୁଯାୟୀ, ଜଣେ ଆବେଦନକାରୀ ତାଙ୍କର ଚାଷ ଜମିକୁ ଘରବାଡ଼ି କିସମରେ ପରିବର୍ତ୍ତନ କରିବା ପାଇଁ ନିୟମାନୁସାରେ ଆବେଦନ କରିଥିଲେ। ମାମଲାର ତଦନ୍ତ ରିପୋର୍ଟ ପ୍ରସ୍ତୁତ ଓ ଅଗ୍ରସାରଣ କରିବା ପାଇଁ ଉଭୟ ରାଜସ୍ୱ ଅଧିକାରୀ ତାଙ୍କୁ ୩୫ ହଜାର ଟଙ୍କା ଦାବି କରିଥିଲେ। ଲାଞ୍ଚ ଦେବାକୁ ଅସମର୍ଥ ଆବେଦନକାରୀ ଭିଜିଲାନ୍ସରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ଭିଜିଲାନ୍ସ ଟିମ୍ ଆଜି ଜାଲ ବିଛାଇଥିଲା। ଆବେଦନକାରୀଙ୍କ ଠାରୁ ୩୫ ହଜାର ଟଙ୍କା ଲାଞ୍ଚ ଗ୍ରହଣ କରୁଥିବାବେଳେ ଉଭୟ ଅଧିକାରୀଙ୍କୁ ଧରାଯାଇଥିଲା। ହାପରେ ଆୟବହିର୍ଭୂତ ସମ୍ପତ୍ତି ଅଭିଯୋଗର ଯାଞ୍ଚ ପାଇଁ ଉଭୟଙ୍କ କାର୍ଯ୍ୟାଳୟ ଓ ବାସଭବନ ସମେତ ବ୍ରହ୍ମକୁଣ୍ଡି (ଟାରିଛକ), ଅଚ୍ୟୁତପୁର (ଚନ୍ଦନପୁର) ଓ ଭୁବନେଶ୍ୱର ରସୁଲଗଡ଼ରେ ଏକକାଳୀନ ତଲାସି ଜାରି ରହିଛି ।

# ଆଗକୁ ୨ ଲଘୁଚାପ, ୯ରୁ ହୋଇପାରେ ବର୍ଷା

ଭୁବନେଶ୍ୱର, ୭।୯ : ଚଳିତ ସପ୍ତାହରେ ବଙ୍ଗୋପସାଗରରେ ଏକ ନୂଆ ଲଘୁଚାପ ସିଷ୍ଟମ୍ ସୃଷ୍ଟି ହେବାର ସମ୍ଭାବନା ଅଛି। ଋଉଗଡର/ଋଚଟଝ ଓ ଏଋଝ/ଏଋଋଝ ସମେତ ବିଭିନ୍ନ ବିଶ୍ୱସ୍ତରୀୟ ପାଣିପାଗ ମଡେଲର ପୂର୍ବାନୁମାନ ଅନୁସାରେ ୯ ଓ ୧୦ ସେପ୍ଟେମ୍ବର ବେଳକୁ ଏକ ଘୂର୍ଣ୍ଣିବଳୟ (ଉଢମକ୍ଷକ୍ଟଭସମ ଉସକ୍ସମକ୍ଷଙ୍କବକ୍ସସକ୍ଟଭ) ସୃଷ୍ଟି ହୋଇପାରେ। ପରେ ୧୦ ଏବଂ ୧୧ ସେପ୍ଟେମ୍ବର ବେଳକୁ ଏହା ଲଘୁଚାପରେ ପରିଣତ ହୋଇପାରେ। ଏହା ପଶ୍ଚିମ-ମଧ୍ୟ ବଙ୍ଗୋପସାଗର ଓ ତାହାର ନିକଟବର୍ତ୍ତୀ ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ, ଓଡ଼ିଶା–ଉତ୍ତର ଆନ୍ଧ୍ର ଉପକୂଳ ନିକଟରେ ସୃଷ୍ଟି ହେବାର ସମ୍ଭାବନା ଅଧିକ। ଏହା ଲଘୁଚାପରୁ ସୁଦୃଶ୍ୟ ଲଘୁଚାପ ପର୍ଯ୍ୟନ୍ତ ଶକ୍ତିଶାଳୀ ହୋଇପାରେ। ଅବପାତ ହେବାର ସମ୍ଭାବନା ବର୍ତ୍ତମାନ କମ୍। ସିଷ୍ଟମ୍ଟି ପଶ୍ଚିମରୁ ଉତ୍ତର-ପଶ୍ଚିମ ଦିଗରେ ଓଡ଼ିଶା ଦେଇ ଛତିଶଗଡ଼ ଓ ମଧ୍ୟ ଭାରତ ଆଡ଼କୁ ଗତି କରିପାରେ ବୋଲି ଆକଳନ କରିଛନ୍ତି ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ ।



ପ୍ରଫେସର ପଶୁପାଳକ ସୂଚନା ଦେଇଛନ୍ତି, ବଙ୍ଗୋପସାଗରରେ ଏହି ସିଷ୍ଟମ୍ ସୃଷ୍ଟି ପାଇଁ ପାଣିପାଗ ଅନୁକୂଳ ହେଉଛି। ମୌସୁମୀ ନିମ୍ନଚାପ ରେଖା ସକ୍ରିୟ ରହିଛି ଏବଂ ବଙ୍ଗୋପସାଗରରୁ ପ୍ରଚୁର ଜଳୀୟ ବାଷ୍ପ ଆସୁଛି। ତଳ ଓ ମଧ୍ୟ ବାୟୁମଣ୍ଡଳରେ ଘୂର୍ଣ୍ଣିବଳୟ ସୃଷ୍ଟି ପାଇଁ ମଧ୍ୟ ପରିସ୍ଥିତି ଅନୁକୂଳ ରହିଛି। ତେଣୁ ଏକ ଲଘୁଚାପ ସୃଷ୍ଟି ହେବା ଏବଂ ବର୍ଷା ବଢ଼ିବାର ସଙ୍କେତ ମିଳୁଛି।ଏହାର ପ୍ରଭାବରେ ସେପ୍ଟେମ୍ବର ୯ ରୁ ଓଡ଼ିଶାରେ ବର୍ଷା ବଢ଼ିବା ସହ ସେପ୍ଟେମ୍ବର ୧୦ରୁ ୧୨ ପର୍ଯ୍ୟନ୍ତ ମୁଖ୍ୟ ବର୍ଷା ସମୟ ହୋଇପାରେ। ପ୍ରଥମେ ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର ଓ ଆଖପାଖ ଉତ୍ତର ଏବଂ ଉତ୍ତର ଉପକୂଳ ଜିଲ୍ଲାରେ ବର୍ଷା ଅଧିକ ହୋଇପାରେ। ପରେ ସିଷ୍ଟମ ନିକଟକୁ ଆସିବା ସହ ଉପକୂଳ, ମଧ୍ୟ ଓଡ଼ିଶା ଏବଂ ପରେ ଦକ୍ଷିଣ ଓ ଭିତର ଓଡ଼ିଶାରେ ବର୍ଷା ବଢ଼ିପାରେ। ଅଧିକାଂଶ ସ୍ଥାନରେ ହାଲୁକାରୁ ମଧ୍ୟମ ବର୍ଷା ହେବ; କିନ୍ତୁ କେତେକ ସ୍ଥାନରେ ୨୪ ଘଣ୍ଟାରେ ୬୫–୧୧୫ ମି.ମି. ପର୍ଯ୍ୟନ୍ତ ପ୍ରବଳ ବର୍ଷା ହୋଇପାରେ। ସେପ୍ଟେମ୍ବର ୧୩ ଓ ୧୪ ରୁ ସିଷ୍ଟମ୍ ସ୍ଥଳଭାଗ ଆଡ଼କୁ ଚାଲିଯିବା ସହ ଓଡ଼ିଶାରେ ବର୍ଷା ଧୀରେ ଧୀରେ କମିପାରେ।

ସେହିପରି ସେପ୍ଟେମ୍ବର ୧୭ରୁ ୨୦ ମଧ୍ୟରେ ବଙ୍ଗୋପସାଗରରେ ଆଉ ଏକ ଲଘୁଚାପ ସିଷ୍ଟମ ସୃଷ୍ଟି ହେବାର ପ୍ରାଥମିକ ସଙ୍କେତ ମିଳୁଛି। ଋଉଗଡର ଓ ଏଋଋଝର ସମୂହ ପୂର୍ବାନୁମାନରେ ପୂର୍ବ-ମଧ୍ୟରୁ ଉତ୍ତର ବଙ୍ଗୋପସାଗରରେ ପୁଣି ଏକ ଘୂର୍ଣ୍ଣିବଳୟ ସଂଗଠିତ ହେବାର କିଛି ସଙ୍କେତ ରହିଛି। ଏହା ଶକ୍ତିଶାଳୀ ହେଲେ ଆଉ ଏକ ଲଘୁଚାପ ସୃଷ୍ଟି ହୋଇ ୧୯ରୁ୨୧ ବେଳକୁ ଓଡ଼ିଶାରେ ପୁଣି ବର୍ଷା ବଢ଼ିପାରେ। କିନ୍ତୁ ଏବେଠାରୁ ଏହାର ସୃଷ୍ଟି ସମୟ, ଶକ୍ତି, ଗତିପଥ କିମ୍ବା ବର୍ଷାର ପରିମାଣ ନିଶ୍ଚିତ ଭାବେ କହିବା ବହୁତ ଆଗୁଆ ହେବ। ତେଣୁ ଏହାକୁ ବର୍ତ୍ତମାନ କେବଳ ଦ୍ୱିତୀୟ ସମ୍ଭାବ୍ୟ ସିଷ୍ଟମ୍ ଭାବେ ନଜରରେ ରଖିବା ଉଚିତ।

ବର୍ଷା ସମ୍ଭାବନାକୁ ଦୃଷ୍ଟିରେ ରଖି କୃଷକଙ୍କ ପାଇଁ ପରାମର୍ଶ ଦିଆଯାଇଛି। ୧୦ରୁ ୧୨ ସେପ୍ଟେମ୍ବରରେ ବର୍ଷା ବଢ଼ିବାର ସମ୍ଭାବନା ଥିବାରୁ ଏବେ ଅନାବଶ୍ୟକ ଜଳସେଚନ ନ କରିବା ଭଲ। ପ୍ରବଳ ବର୍ଷା ପୂର୍ବରୁ ୟୁରିଆ, ଅନ୍ୟ ସାର, ଅଣୁସାର ଓ କୀଟନାଶକ ପ୍ରୟୋଗ ଏଡ଼ାଇଲେ ବର୍ଷା ପାଣିରେ ଧୋଇଯିବା ଜନିତ କ୍ଷତି କମିବ। ଧାନ, ଡାଲି, ମକା, ବାଦାମ ଓ ପନିପରିବା ଜମିରୁ ଅତିରିକ୍ତ ପାଣି ବାହାରିବା ବ୍ୟବସ୍ଥା କରନ୍ତୁ। ଅମଳ ଯୋଗ୍ୟ ହୋଇଥିବା ସ୍ୱଳ୍ପ ଅବଧି ଫସଲ ଏବଂ ବର୍ଷାରେ ବାଧାପ୍ରାପ୍ତ ହେବାକୁ ଥିବା ଜମି କାମ ମୁଖ୍ୟ ବର୍ଷା ଆରମ୍ଭ ପୂର୍ବରୁ ସାରିଦେବାକୁ ପରାମର୍ଶ ଦିଆଯାଇଛି।

# ୧୮ ପ୍ରସ୍ତାବ ଉପରେ ବାଜିଲା କ୍ୟାବିନେଟ୍ ମୋହର

ଭୁବନେଶ୍ୱର, ୭।୯(ମହାଭାରତ):୧୮ ପ୍ରସ୍ତାବ ଉପରେ ବାଜିଲା କ୍ୟାବିନେଟ୍ ମୋହର। ୧୨ ଟି ବିଭାଗର ୧୮ଟି ପ୍ରସ୍ତାବକୁ ସୋମବାର ଅନୁମୋଦନ ମିଳିଛି। ଏଥିରେ ଓଡ଼ିଶା ଜନ ବିଶ୍ୱାସ ବିଲ୍-୨୦୨୬କୁ ଅନୁମୋଦନ ଦେଇଛି ରାଜ୍ୟ କ୍ୟାବିନେଟ୍। ଏହା ସହ ଓଡ଼ିଶା ବେସାମରିକ ସେବା (ପେନସନ) ନିୟମାବଳୀ, ୧୯୯୨ରେ ସଂଶୋଧନ ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ୍‌ର ଅନୁମୋଦନ ମିଳିଛି। ସେହିପରି ଓଡ଼ିଶା ମୃତ୍ତିକା ସଂରକ୍ଷଣ ସେବା କ୍ୟାଡରର ପୁନର୍ଗଠନ ପରେ ମୋଟ ଅନୁମୋଦିତ ପଦସଂଖ୍ୟା ୩୧୯ରେ ଅପରିବର୍ତ୍ତିତ ସହ ବରିଷ୍ଠ ସ୍ତରରେ ୨ଟି ଅତିରିକ୍ତ ନିର୍ଦ୍ଦେଶକ ଓ ୬ଟି ଯୁଗ୍ମ ନିର୍ଦ୍ଦେଶକ ପଦ ସୃଷ୍ଟି ହେବ ଏବଂ ଉପନିର୍ଦ୍ଦେଶକ ପଦ ୨୯ରୁ ୩୨କୁ ବୃଦ୍ଧି ପାଇବ। ‘ଓଡ଼ିଶାର ଜଳସେଚନ ପ୍ରକଳ୍ପଗୁଡ଼ିକରେ ପର୍ଯ୍ୟଟନ ସୁବିଧାର ବିକାଶ (ବୋଇତ)’କୁ ଅନୁମୋଦନ ମିଳିଛି।



ସାଧ୍ୱୀ ଋତମ୍ଭରା ଜୀଙ୍କ ଭଗବତ୍ କଥା ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।

# ୨୧ଲକ୍ଷରୁ ଅଧିକ ଚାଷୀଙ୍କ ପଞ୍ଜୀକରଣ

ଭୁବନେଶ୍ୱର,୭।୯(ମହାଭାରତ): ଚଳିତ ଖରିଫ୍ ଋତୁରେ ଧାନ ବିକ୍ରି ପାଇଁ ଚାଷୀଙ୍କ ପଞ୍ଜୀକରଣ ଅବଧି ଆଜି (ସୋମବାର) ଶେଷ ହୋଇଛି। ୨୧.୭୨ଲକ୍ଷରୁ ଅଧିକ ଚାଷୀ ଏଥିପାଇଁ ପଞ୍ଜୀକରଣ କରିସାରିଛନ୍ତି। ଆଜି ରାତି ୧୨ଟା ପର୍ଯ୍ୟନ୍ତ ଚାଷୀମାନେ ନିଜର ପଞ୍ଜୀକରଣ କରିପାରିବେ। ତେବେ ପଞ୍ଜୀକରଣ ଅବଧି ଆଉ ବିବ ନାହିଁ ବୋଲି ସୂଚନା ଦେଇଛନ୍ତି ରାଜ୍ୟ ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ।

ଅଗଷ୍ଟ ୬ତାରିଖରୁ ରାଜ୍ୟରେ ଚାଷୀଙ୍କ ପଞ୍ଜୀକରଣ ଆରମ୍ଭ ହୋଇଥିଲା। ପ୍ୟାକ୍ସ-ଲ୍ୟାମ୍ପସ, ପାଣି ପଞ୍ଚାୟତ ଜରିଆରେ ପଞ୍ଜୀକରଣ କରାଯାଉଛି। ଅଗଷ୍ଟ ଶେଷ ତାରିଖ ପର୍ଯ୍ୟନ୍ତ ପଞ୍ଜୀକରଣ ଅବଧି ରହିଥିଲା। ତେବେ ବିଭିନ୍ନ ଜିଲ୍ଲାରେ ବନ୍ୟା ପାଇଁ ରାଜ୍ୟ ସରକାର ଅବଧିକୁ ସେପ୍ଟେମ୍ବର ୭ତାରିଖ ପର୍ଯ୍ୟନ୍ତ ବାଇଥିଲେ। ଗତବର୍ଷ ରାଜ୍ୟରେ ୧୯ଲକ୍ଷ ୬୭ହଜାର ଚାଷୀ ପଞ୍ଜୀକରଣ କରିଥିଲେ। ହେଲେ ଚଳିତବର୍ଷ ରେକର୍ଡ ସଂଖ୍ୟକ ଚାଷୀ ପଞ୍ଜୀକରଣ କରିଛନ୍ତି। ମିଳିଥିବା ସୂଚନା ଅନୁସାରେ, ବରଗଡରେ ସର୍ବାଧିକ ୧.୮୩ଲକ୍ଷ, ଗଞ୍ଜାମ ୧.୭୮ଲକ୍ଷ, କଳାହାଣ୍ଡି ୧.୩୪ଲକ୍ଷ, ବାଲେଶ୍ୱର ୧.୨୧ଲକ୍ଷ, ବଲାଙ୍ଗୀର ୧.୧୯ଲକ୍ଷ ଓ ମୟୂରଭଞ୍ଜରେ ୧ଲକ୍ଷରୁ ଅଧିକ ଚାଷୀ ପଞ୍ଜୀକରଣ କରିଛନ୍ତି। ସା ୭ଲକ୍ଷ ଚାଷୀଙ୍କ ଏଗ୍ରିଷ୍ଟାକ୍ ଆଇଡି ପ୍ରସ୍ତୁତ କରାଯାଇଛି।

ମନ୍ତ୍ରୀ ଶ୍ରୀ ବଳସାମନ୍ତ କହିଛନ୍ତି, ଗତକାଲି ପର୍ଯ୍ୟନ୍ତ ୨୧.୪୨ଲକ୍ଷ ପଞ୍ଜୀକରଣ କରିଛନ୍ତି। ଯେଉଁମାନେ ପଞ୍ଜୀକରଣ କରିନାହାନ୍ତି ଆଜି ମଧ୍ୟ ସେମାନେ କରିପାରିବେ। ଏହାସହ ରାଜ୍ୟ ସରକାର ବର୍ତ୍ତମାନସୁଦ୍ଧା ୨ଲକ୍ଷ ୯୭ହଜାର ଟନ୍ ସାର ପାଇଛନ୍ତି। ପ୍ୟାକ୍ସଙ୍କୁ ୨,୬୭ଲକ୍ଷ, ଡିଲରଙ୍କୁ ୨୪୧୧ ଟନ୍ ସାର ଦିଆଯାଇଛି। ସରକାରଙ୍କ ପାଖରେ ୨୪ହଜାର ୪ଶହ ଟନ୍ ମହଜୁଦ ରହିଛି। ଚାଷୀଙ୍କୁ ସାର ଯୋଗାଇବାରେ ସରକାର ଅବହେଳା କରିନାହାନ୍ତି। ଟିକେ ଅବହେଳା ହେଲେ ଡିଲରଙ୍କୁ ନିଲମ୍ବନ ସହ ଲାଇସେନ୍ସ ରଦ୍ଦ କରାଯାଉଛି। ଉଲ୍ଲେଖ ଯେ ଚଳିତବର୍ଷ ଖରିଫ୍ ଧାନ କିଣା ନେଇ ରାଜ୍ୟ ସରକାର ଏଗ୍ରିଷ୍ଟାକ୍ ବାଧ୍ୟତାମୂଳକ କରିବା ପରେ ବିବାଦ ଦେଖାଦେଇଥିଲା। ଏହାକୁ ନେଇ ଚାରିଆଡୁ ବିରୋଧ ହେବା ପରେ ରାଜ୍ୟ ସରକାର ଏହା ବାଧ୍ୟତାମୂଳକ ନୁହେଁ ବୋଲି କହିଥିଲେ। ସମସ୍ତ ଚାଷୀଙ୍କ ପଞ୍ଜୀକରଣ କରାଯିବ ଓ ସମସ୍ତଙ୍କୁ ଟୋକନ୍ ମିଳିବ ବୋଲି ସରକାର ଆଶ୍ୱାସନା ଦେଇଥିଲେ।

# ଛେନା, ପନୀର ମାନକୁ ନେଇ ଲୋକେ ଅନ୍ଧାରରେ

ଭୁବନେଶ୍ୱର,୭।୯(ମହାଭାରତ) : କିଛି ଦିନର ଚଢଉ ପରେ ବଜାରରେ ପୁଣିଥରେ ପୂର୍ବଭଳି ଛେନା ଓ ପନୀର ବିକ୍ରି ଆରମ୍ଭ ହୋଇଗଲାଣି । ବିକ୍ରେତାମାନେ ଏହା ସମ୍ପୂର୍ଣ୍ଣ ଶୁଦ୍ଧ ବୋଲି କହୁଥିବାବେଳେ ଏହାର ଗୁଣବତ୍ତା ନେଇ କିନ୍ତୁ ଗ୍ରାହକମାନେ ଅନ୍ଧାରରେ । ବିକ୍ରେତାଙ୍କ କଥାରେ ବିଶ୍ୱାସ କରିସେମାନେ ବଜାରରୁ ଛେନା ଓ ପନୀର କିଣି ଖାଇବାରେ ଲାଗିଛନ୍ତି ।

ବଜାରରେ ନିମ୍ନମାନର ଓ ଅପମିଶ୍ରିତ ଛେନା ଓ ପନୀର ବିକ୍ରିର ମାଳ ମାଳ ଅଭିଯୋଗ ଆସିବା ପରେ ପ୍ରଥମେ କଟକରେ ଖାଦ୍ୟ ସୁରକ୍ଷା ଅଧିକାରୀମାନେ ଚଢଉ କରିଥିଲେ । ଚଢଉ ସମୟରେ ଦେଖାଗଲା ଯେ ବଜାରରେ ବିକ୍ରି ହେଉଥିବା ଛେନା ଓ ପନୀର ଅତ୍ୟନ୍ତ ନିମ୍ନମାନର ଅପମିଶ୍ରିତ । ସର୍ବ ସମ୍ମୁଖରେ ଏହାର ପରୀକ୍ଷା ସହିତ ପ୍ରମାଣ ମିଳିଲା ପରେ କୁଇଣ୍ଟାଲ କୁଇଣ୍ଟାଲ ଛେନା ଓ ପନୀରକୁ ନଷ୍ଟ କରିଦେଲେ । ତେବେ ଏହାର ପରୀକ୍ଷା କେବଳ ତାଲିମପ୍ରାପ୍ତ ସରକାରୀ ଅଧିକାରୀମାନେ କରିଥିଲେ ଓ ପରୀକ୍ଷାରେ ବ୍ୟବହାର ହେଉଥିବା ରସାୟନିକ ପଦାର୍ଥ ସେମାନେ ହିଁ ସାଙ୍ଗରେ ଆଣିଥିଲେ ।

ତେବେ ପ୍ରଥମେ କଟକ ଓ ପରେ ପରେ ରାଜଧାନୀରେ ଚାଲିଥିବା ଚଢଉ ଏବେ ଥମି ଯାଇଛି । ଏପରିକି ଛେନା ପ୍ରସ୍ତୁତ ହେଉଥିବା ନିଆଳି, ବାଲିପାଟଣା ଆଦି ଅଞ୍ଚଳକୁ ଯାଇ ଖାଦ୍ୟ ସୁରକ୍ଷା ଟିମ୍ ଖାଲି ହାତରେ



ଫେରିଛି । ଯାଞ୍ଚ ଧିମେଇ ଯିବାପରେ ଏବେ ବଜାରରେ ପୂର୍ବଭଳି ଛେନା ଓ ପନୀରର ପସରା ଖୋଲିଲାଣି । ପୂର୍ବରୁ ଯେଭଳି ଦୁଇ ଚକିଆ ଓ ଚାରିଚକିଆରେ ପୁଡା ବନ୍ଧାହୋଇ ରାଜଧାନୀକୁ ଛେନା ଓ ପନୀର ଆସୁଥିଲା ଏବେ ବି ସେମିତି ଆସୁଛି । ଖାଲି ଫରକ ଏତିକି, ପୂର୍ବରୁ ବ୍ୟବସାୟୀମାନେ କିଛି ନକହି ଏହାକୁ ବିକ୍ରି କରୁଥିବାବେଳେ ଏବେ କାଳେ କିଛି ଅଘଟଣ ଘଟିବ ସେଥିପାଇଁ ବିକ୍ରି ସମୟରେ ଏହା ଶତ ପ୍ରତିଶତ ଶୁଦ୍ଧ ବୋଲି ଗ୍ରାହକଙ୍କୁ ବୁଝାଉଛନ୍ତି । ଅନ୍ୟ ପକ୍ଷରେ ଦୁଗ୍ଧ ଚାଷୀମାନେ ଏବେ ବି ଏତେ ପରିମାଣର ଛେନା, ପନୀର କାରବାରକୁ ନେଇ ସନ୍ଦେହ ପ୍ରକଟ କରୁଛନ୍ତି । କିଛି ଦୁଗ୍ଧ ଚାଷୀଙ୍କ ମତରେ ଯେଉଁସବୁ ଅଞ୍ଚଳରୁ ଏହା ଭୁବନେଶ୍ୱର ଓ କଟକକୁ ଆସୁଛି ସେହି ଅଞ୍ଚଳରେ ଉତ୍ପାଦିତ ଦୁଗ୍ଧରୁ ଏତେ ପରିମାଣରେ ଛେନା ଓ ପନୀର ପ୍ରସ୍ତୁତ କରିବା ସମ୍ଭବ ନୁହେଁ । କାରଣ ଗୋଟିଏ କିଲୋ ଛେନା କିମ୍ବା ପରୀର ପାଇଁ ୫ ରୁ ୬ ଲିଟର ଖାଣ୍ଟି ଦୁଗ୍ଧ ଆବଶ୍ୟକ । ଚାଷୀମାନେ ଉତ୍ପାଦିତ କରୁଥିବା ଦୁଗ୍ଧର କିଛି ପରିମାଣ ଓମ୍‌ଫେଡ୍ ଓ ଅନ୍ୟାନ୍ୟ ଘରୋଇ ସଂସ୍ଥାକୁ ବିକ୍ରି କରିବାପରେ ଆଉ କିଛି କ୍ଷୀରକୁ ଛେନା ଓ ପନୀର ପ୍ରସ୍ତୁତ ପାଇଁ ବ୍ୟବହାର କରିଥାନ୍ତି । କେବଳ କଟକ ଓ ଭୁବନେଶ୍ୱର ସହରରେ ଦୈନିକ ବିକ୍ରି ହେଉଥିବା ୭୦/୮୦ କୁଇଣ୍ଟାଲ ଛେନା ଓ ପନୀର ବିକ୍ରି ହେଉଛି । ତେଣୁ ଅନେକ ଚାଷୀ ଏହାର ମାନକୁ ନେଇ ଚିନ୍ତା ପ୍ରକଟ କରୁଛନ୍ତି ।ଅନ୍ୟ ପକ୍ଷରେ ଖାଦ୍ୟ ସୁରକ୍ଷା ପାଇଁ ସାଧାରଣ ଲୋକଙ୍କୁ ସଚେତନ କରାଯାଉନଥିବାରୁ ସେମାନେ ଛେନା ଓ ପନୀରର ମାନ ସଂକ୍ରାନ୍ତରେ ସମ୍ପୂର୍ଣ୍ଣ ଅନ୍ଧାରରେ ରହିବା ସହିତ ପୂର୍ବଭଳି ବଜାରକୁ କିଣି ଖାଇବାରେ ଲାଗିଛନ୍ତି ।

# ଆଜିଠୁ ୫ ଦିନିଆ ୟୁଏଇ ଯିବେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୭।୯(ମହାଭାରତ); ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆସନ୍ତାକାଲି ଠାରୁ ମଧ୍ୟ ପ୍ରାଚ୍ୟ ରାଷ୍ଟ୍ର ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)କୁ ପାଞ୍ଚ ଦିନିଆ ଗସ୍ତରେ ଯିବେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଓଡିଶାକୁ ପୁଞ୍ଜି ଆକର୍ଷଣ ପାଇଁ ବିଭିନ୍ନ ନିବେଶକ ଓ ଶିଳ୍ପପତିଙ୍କ ସହିତ ଆଲୋଚନା କରିବେ । ଏହାସହିତ ପ୍ରବାସୀ ଓଡିଆଙ୍କୁ ସମ୍ବୋଧନ କରି ଓଡିଶାର ବିକାଶମୂଳକ ପଦକ୍ଷେପ ସମ୍ପର୍କରେ ଆଲୋକପାତ କରିବା ସହିତ ଓଡିଶା ଏବଂ ୟୁଏଇ ମଧ୍ୟରେ ବାଣିଜ୍ୟିକ ଓ ସାଂସ୍କୃତିକ ସମ୍ପର୍କକୁ ସୁଦୃଢ଼ କରିବା ପାଇଁ ଆହ୍ୱାନ ଦେବାର କାର୍ଯ୍ୟକ୍ରମ ରହିଛି । ୮ ତାରିଖରେ ମୁଖ୍ୟମନ୍ତ୍ରୀ ପ୍ରଥମେ ନୂଆଦିଲ୍ଲୀ ଯାଇ ସେଠାରୁ ଆବୁଧାବି ଯିବେ । ୯ ତାରିଖରେ ଇଣ୍ଟରନ୍ୟାସନାଲ ହୋଲ୍ଡିଂ କମ୍ପାନୀ , ଇଣ୍ଡିଆନ ବିଜନେସ ଆଣ୍ଡ ପ୍ରଫେସନାଲ ଗ୍ରୁପ୍, ପେଟ୍ରୋ କେମିକାଲ କ୍ଷେତ୍ରର ବୋରଗ୍ କମ୍ପାନୀ ଆଦି ବିଶ୍ୱସ୍ତରୀୟ କମ୍ପାନୀର ପ୍ରମୁଖ ନେତୃତ୍ୱ ଏବଂ ଅଧିକାରୀମାନଙ୍କ ସହିତ ଆଲୋଚନା କରିବେ । ସେଦିନ ସନ୍ଧ୍ୟାରେ ଦୁବାଇରେ ‘ଡଭର ଉସକ୍ୱଷ୍ୱକ୍ସସମଷ୍ୱ ଡଭର ଚକ୍ୱକ୍ଟୟ-ଙ୍କମଷ୍ୱ’ କାର୍ଯ୍ୟକ୍ରମ ଅଧୀନରେ ଉତ୍ପାଦିତ ଓଡିଶାର ବିଭିନ୍ନ ଦ୍ରବ୍ୟର ଏକ ପ୍ରଦର୍ଶନୀ ଉଦ୍ ?ଘାଟିତ ହେବାର କାର୍ଯ୍ୟକ୍ରମ ରହିଛି ।

୧୦ ତାରିଖ ଦିନ ଟଇର ର ଅର୍ଥନୀତି ତଥା ପର୍ଯ୍ୟଟନ ମନ୍ତ୍ରୀ ଏବଂ କାଉନ୍ସିଲ ଅଫ୍ ଇଣ୍ଟରନ୍ୟାସନାଲ ଇନ୍‌ଭେଷ୍ଟମେଣ୍ଟସ’ର ଅଧ୍ୟକ୍ଷ ଅବଦୁଲ୍ଲା ବିନ୍ ତକ୍ ଅଲ୍ ମାରିଙ୍କୁ ମଧ୍ୟ ଭେଟିବାର କାର୍ଯ୍ୟକ୍ରମ ରହିଛି। ଏହାସହିତ ଇଣ୍ଡିଆନ ବିଜନେସ ଆଣ୍ଡ ପ୍ରଫେସନାଲ କାଉନ୍ସିଲ, ଏମିରେଟ୍ସ ଗ୍ଲୋବାଲ ଆଲୁମିନିଅମ୍‌ର ପ୍ରମୁଖ ନେତୃତ୍ୱମାନଙ୍କ ସହିତ ଆଲୋଚନା କରିବେ । ମିଡିଲ ଇଷ୍ଟ ରିସାଇକ୍ଲିଂ ଆସୋସିଏସନ୍ ସହିତ ରାଉଣ୍ଡ ଟେବୁଲ ବୈଠକ, ଓଡିଶା ବିଜନେସ ଡେଲିଗେସନ୍ ସହିତ ଆଲୋଚନା ଆଦି କାର୍ଯ୍ୟକ୍ରମ ମଧ୍ୟ ରହିଛି ।

୧୧ ତାରିଖ ଦିନ ଦୁବାଇରେ ମୁଖ୍ୟମନ୍ତ୍ରୀ ଓଡିଶା ଇନ୍ ?ଭେଷ୍ଟର୍ସ ମିଟ୍’ରେ ଉଦ୍ୟୋଗପତି ଓ ଶିଳ୍ପପତିମାନଙ୍କୁ ଭେଟି ଓଡିଶାରେ ପୁଞ୍ଜି ନିବେଶ ପାଇଁ ବ୍ୟାପକ ସୁଯୋଗ ସମ୍ପର୍କରେ ଆଲୋଚନା କରିବେ । ଏହାସହିତ ପ୍ରବାସୀ ଓଡିଆ ମାନଙ୍କ ସହିତ ମଧ୍ୟ ଏକ ବ୍ୟାପକ ମତବିନିମୟ କାର୍ଯ୍ୟକ୍ରମ ରହିଛି । ୧୨ ତାରିଖ ମୁଖ୍ୟମନ୍ତ୍ରୀ ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିବେ। ମୁଖ୍ୟମନ୍ତ୍ରୀଙ୍କ ସହିତ ଶିଳ୍ପମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ଶିଳ୍ପ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଏବଂ ରାଜ୍ୟ ସରକାରଙ୍କ ଅନ୍ୟ ବରିଷ୍ଠ ଅଧିକାରୀମାନେ ମଧ୍ୟ ଗସ୍ତ କରୁଛନ୍ତି ।

## ଇଲିସି ମାଛ ବାଟିବସା



ଆବଶ୍ୟକ ସାମଗ୍ରୀ: ଇଲିସି ମାଛ, ଲୁଣ, ହଳଦୀ, କଟା ପିଆଜ, କଟା କଞ୍ଚାଲଙ୍କା, ଧନିଅ। ପତ୍ର, କଟା ଟମାଟୋ, ଲଙ୍କା ଗୁଣ୍ଡ, ସେଥିରେ ଧଳା ସୋରିଷ, ଜୀରା, ଶୁଖିଲା ଲଙ୍କା ବଟା, ଧନିଅ। ଗୁଣ୍ଡ, ଲେମ୍ବୁରସ ଓ ସୋରିଷ ତେଲ।

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ କଞ୍ଚା ଇଲିସି ମାଛକୁ ଭଲଭାବେ ଧୋଇ, ସେଥିରେ ଲୁଣ ଓ ହଳଦୀ ଗୋଳାଇ ରଖନ୍ତୁ। ଏହାପରେ ଇଲିସି ମାଛରେ କଟା ପିଆଜ, କଟା କଞ୍ଚାଲଙ୍କା, ଧନିଆ ପତ୍ର, କଟା ଟମାଟୋ ଓ ଲଙ୍କା ଗୁଣ୍ଡ ପକାନ୍ତୁ। ଏଥିସହ ସେଥିରେ ଧଳା ସୋରିଷ, ଜୀରା, ଶୁଖିଲା ଲଙ୍କା ବଟା, ଧନିଆ ଗୁଣ୍ଡ, ଲେମ୍ବୁରସ ଓ ସୋରିଷ ତେଲ ଦେଇ ଭଲଭାବେ ମ୍ୟାରିନେଟ କରି ରଖିଦିଅନ୍ତୁ। ବର୍ତ୍ତମାନ ଗ୍ୟାସରେ ଏକ ପାତ୍ର ଗରମ କରି ସେଥିରେ ମ୍ୟାରିନେଟ୍ ହୋଇଥିବା ମାଛ ପକାନ୍ତୁ ଓ ଅଳ୍ପ ପାଣି ଦିଅନ୍ତୁ। ବର୍ତ୍ତମାନ ଘୋଡ଼ଣୀ ଘୋଡ଼ାଇ ମୁହଁକୁ ଅଟା ଦ୍ୱାରା ବନ୍ଦ କରିଦିଅନ୍ତୁ। ୧୫ ରୁ ୨୦ ମିନିଟ୍ ଭିତରେ ପ୍ରସ୍ତୁତ ହୋଇଯିବ ସ୍ୱାଦିଷ୍ଟ 'ଇଲିସି ମାଛ ବାଟିବସା'।

### ..... ପରଦା ଖବର ......

## ଗାନ୍ଧୀ ଚରିତ୍ରରେ ମନୋଜ

ପ୍ରଭାବଶାଳୀ ଅଭିନୟ ପାଇଁ ପ୍ରସିଦ୍ଧ ମନୋଜ ବାଜପେୟୀ ତାଙ୍କ କ୍ୟାରିଅ ?ର ସବୁଠାରୁ ଆହ୍ୱାନପୂର୍ଣ୍ଣ ଚରିତ୍ରରେ ଅଭିନୟ କରିବା ଆରମ୍ଭ କରିଛନ୍ତି। ଜାତୀୟ ପୁରସ୍କାରପ୍ରାପ୍ତ ନିର୍ଦ୍ଦେଶକ ସୁଧୀର ମିଶ୍ର ସ୍ୱାଧୀନତା ସଂଗ୍ରାମ ସମୟର କାହାଣୀକୁ ନେଇ ଏକ ନୂଆ ଚଳଚ୍ଚିତ୍ର ନିର୍ମାଣ କରୁଛନ୍ତି। ସେଥିରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଚରିତ୍ର- ମହାତ୍ମା ଗାନ୍ଧୀ ଭାବରେ ମନୋଜଙ୍କୁ ନିଆଯାଇଛି। ମହାତ୍ମା ଗାନ୍ଧୀଙ୍କ ପରି ଶୀର୍ଣ୍ଣକାୟ ଦିଶିବା ପାଇଁ ମନୋଜ ଖୁବ୍ ପରିଶ୍ରମ କରିଛନ୍ତି ବୋଲି କୁହାଯାଉଛି। ସେ ତାଙ୍କ ଓଜନକୁ ବହୁତ ହ୍ରାସ କରିବା ସହିତ ଓଜନ ନ ବଢ଼ିବା ଲାଗି ଖାଦ୍ୟପେୟରେ କଟକଣା ଅବଲମ୍ବନ








କରୁଛନ୍ତି। ସେ ଗାନ୍ଧୀଙ୍କ ପରି ସରଳ ଜୀବନଶୈଳୀ ମଧ୍ୟ ଅନୁସରଣ କରୁଛନ୍ତି। ଗତ ଶୁକ୍ରବାର ଦିନ ଲକ୍ଷ୍ନୌ ସହରରେ 'ଗାନ୍ଧୀ ଆଣ୍ଡ୍ ? ମାଇଁ ମଦ ?' ଶୀର୍ଷକ ଚଳଚ୍ଚିତ୍ରର ସୁଟିଂ ଆରମ୍ଭ ହୋଇଛି।ଏଥିରେ ମନୋଜଙ୍କ ବ୍ୟତୀତ ସୌରଭ ଶୁକ୍ଳ ଓ ଦିବ୍ୟା ଦତ୍ତ ପ୍ରମୁଖ ଭୂମିକାରେ ଅଭିନୟ କରୁଛନ୍ତି। ଉଲ୍ଲେଖଯୋଗ୍ୟ ଯେ ଭାରତ ଇତିହାସର ସବୁଠାରୁ ସୁପରିଚିତ ବ୍ୟକ୍ତି ହେଉଛନ୍ତି ମହାତ୍ମା ଗାନ୍ଧୀ। ଅନେକ ଅଭିନେତା ବଡ଼ ପରଦାରେ ତାଙ୍କ ଚରିତ୍ରରେ ଅଭିନୟ କରିଥିଲେ ହେଁ ସେଥିପାଇଁ ପ୍ରଶଂସିତ ହୋଇଥିବା ଅଭିନେତାଙ୍କ ସଂଖ୍ୟା ନଗଣ୍ୟ। ୧୯୮୨ରେ ମୁକ୍ତିଲାଭ କରିଥିବା 'ଗାନ୍ଧୀ' ଚଳଚ୍ଚିତ୍ରରେ ବେନ୍ ? କିଙ୍ଗସ୍‌ଲେଙ୍କ ଗାନ୍ଧୀ ଅବତାରକୁ ସର୍ବଶ୍ରେଷ୍ଠ ଭାବେ ବିଚାର କରାଯାଏ। ତେଣୁ ପ୍ରତିଭାବାନ୍ ଅଭିନେତା ମନୋଜ ଓ ନିର୍ଦ୍ଦେଶକ ସୁଧୀର, ଗାନ୍ଧୀଙ୍କୁ କେତେ ପ୍ରଭାବଶାଳୀ ଢଙ୍ଗରେ ପ୍ରଦର୍ଶିତ କରିପାରୁଛନ୍ତି ସେ ନେଇ ଏବେ ଉତ୍କଣ୍ଠା ଜାରି ରହିବ।

## କ'ଣ ପାଇଁ ଗଣପତିଙ୍କର ନାମ ସିଦ୍ଧି ବିନାୟକ

ଗଣେଶ ଚତୁର୍ଥୀ, ବିକ୍ରମ ସଂବତର ଭାଦ୍ରବ ଶୁକ୍ଳ ଚତୁର୍ଥୀରେ ପାଳନ କରାଯାଏ । ଏହି ଶୁଭଦିନକୁ ହିନ୍ଦୁଧର୍ମରେ ଗଣେଶଙ୍କ ଜନ୍ମ ଦିନ ଭାବେ ପାଳନ କରାଯାଏ। ଏହି ପର୍ବ ଦଶଦିନ ଧରି ଚାଲେ ଓ ଅନନ୍ତ ଚତୁର୍ଦ୍ଦଶୀରେ ସମାପ୍ତ ହେଇଥାଏ । ଭାଦ୍ରବ ମାସର ଶୁକ୍ଳ ଚତୁର୍ଥୀ ଦିନ ବିନାୟକ ବ୍ରତ ପାଳିତ ହୁଏ । ବିନାୟକ ବ୍ରତକଥାରେ ଉଲ୍ଲେଖ ରହିଛି ଯେ ଏହି ବ୍ରତର ମାହାତ୍ମ୍ୟ ସ୍କନ୍ଧ ପୁରାଣରେ ବର୍ଣ୍ଣିତ। ଗୋମତୀ ନଦୀ କୂଳରେ ସୂତ ମୁନି ଅନ୍ୟ ଋଷିମାନଙ୍କର ଜିଜ୍ଞାସାକୁ ପ୍ରଶମନ କରି ବିନାୟକ ବ୍ରତ ପାଳନ କଲେ ମନୁଷ୍ୟମାନେ କାର୍ଯ୍ୟସିଦ୍ଧି, ଅର୍ଥପ୍ରାପ୍ତି, ସୁତ-ସୌଭାଗ୍ୟ-ସଂପଦ ଲାଭ କରି ପାରିବେ ବୋଲି ବୟାନ କରିଛନ୍ତି। ଏହି ବ୍ରତର ବିଧିବିଧାନ ସ୍ୱୟଂ ଶ୍ରୀକୃଷ୍ଣ ଯୁଧିଷ୍ଠିରଙ୍କୁ କହିଛନ୍ତି । ଏହି ବ୍ରତ ପାଳନ କରି ଯୁଧିଷ୍ଠିର ରାଜ୍ୟ ଫେରି ପାଇଥିଲେ। ସେଥିପାଇଁ ଗଣପତିଙ୍କର ନାମ ସିଦ୍ଧି



ବିନାୟକ।ସମସ୍ତେ ଜାଣନ୍ତି ଯେ ଭଗବାନ ଗଣେଶଙ୍କ ବାହନ ମୂଷା। ହେଲେ ମୂଷା କେମିତି ଗଣେଶଙ୍କ ବାହନ ହେଲେ ସେ ବିଷୟରେ ଖୁବ୍ କମ୍ ଲୋକ ଜାଣିଥିବେ। ଗଣେଶ ଓ ମୂଷାର ସମ୍ପର୍କ ନେଇ ବିଭିନ୍ନ ପ୍ରକାର କାହାଣୀ ରହିଛି । ସେହି ମଧ୍ୟରୁ ଆଜି ଆମେ ଆପଣଙ୍କୁ ଗୋଟିଏ କାହାଣୀ କହିବୁ ଯେଉଁଥିରୁ ଆପଣ ଜାଣି ପାରିବେ ଯେ ମୂଷା କେମିତି ଗଣେଶଙ୍କ ବାହନ ହେଲା। ପୁରାଣ ଅନୁସାରେ ଗଜମୁଖାସୁର ନାମକ ଏକ ରାକ୍ଷସ ସଙ୍ଗେ ଗଜାନନଙ୍କ ଯୁଦ୍ଧ ହୋଇଥିଲା । ହେଲେ ରାକ୍ଷସ ଦେବତାଙ୍କଠୁ ବର ପ୍ରାପ୍ତ କରିଥିଲା ଯେ କୌଣସି ଅସ୍ତ୍ରରେ ତା'ର ମୃତ୍ୟୁ ହେବ ନାହିଁ। ଯୁଦ୍ଧରେ ଗଣେଶ ଯେତେ ପ୍ରକାର ଚେଷ୍ଟା କରିଥିଲେ ବି ରାକ୍ଷସଙ୍କୁ ପରାଜିତ କରିପାରିନଥିଲେ । ଶେଷରେ ବୁଦ୍ଧି ଲଗାଇ ନିଜ ଦାନ୍ତରେ ରାକ୍ଷସକୁ ନିହତ କରିବାକୁ ଉଦ୍ୟମ କଲେ। ଏଥିରେ ରାକ୍ଷସ ଭୟଭୀତ ହୋଇ ମୂଷା ରୂପ ଧାରଣ କରିନେଇଥିଲା । ଦୌଡ଼ିବାକୁ ଚେଷ୍ଟା କରିଥିଲା । ହେଲେ ଗଣେଶ ରାକ୍ଷସକୁ ଧରିବାରେ ସକ୍ଷମ ହୋଇଥିଲେ। ତାକୁ ବାନ୍ଧି ଦେଇଥିଲେ। ତା'ପରେ ରାକ୍ଷସ ଭଗବାନ ଗଣେଶଙ୍କୁ କ୍ଷମା ମାଗିଥିଲା। ସେତେବେଳେ ଗଣେଶ ତାକୁ ନିଜ ବାହାନ କରି ତାକୁ ଜୀବନ ଦାନ ଦେଇଥିଲେ।

## ଲୋକକଥାରେ ଶ୍ରୀଜଗନ୍ନାଥ

ରାଜା ଇନ୍ଦ୍ରଦ୍ୟୁମ୍ନ ଏହି ପବିତ୍ର ଦାରୁକୁ ନେଇ ମହାବେଦୀ ଉପରେ ସ୍ଥାପନ କଲେ। ସ୍ୱପ୍ନବାଣୀ ଅନୁସାରେ ଜଣେ ବୃଦ୍ଧ ବାର୍ଦ୍ଧକ୍ୟ(ଅନନ୍ତ ମହାରଣା) ଉପସ୍ଥିତ ହୋଇ ଏହି ଚତୁର୍ଦ୍ଧା ମୂର୍ତ୍ତି ନିର୍ମାଣର ଦାୟିତ୍ୱ ନେଲେ। ଏହି ଅନନ୍ତ ମହାରଣା ସ୍ୱୟଂ ବିଷ୍ଣୁ। ଗୋପନରେ ବିଗ୍ରହମାନ ନିର୍ମାଣର ୧୫ଦିନ ପରେ ଚତୁର୍ଦ୍ଧା ମୂର୍ତ୍ତି ଅର୍ଥାତ୍ ଶ୍ରୀବଳ ଭଦ୍ର, ମା' ସୁଭଦ୍ରା, ଶ୍ରୀଜଗନ୍ନାଥ ଓ ସୁଦର୍ଶନ ପ୍ରକାଶମାନ ହେଲେ। କିନ୍ତୁ ଶିଳ୍ପୀ ଅନ୍ତର୍ଦ୍ଧାନ ହୋଇଗଲେ। ପୁନର୍ବାର ଦେବବାଣୀ ହେଲା- ଚତୁର୍ଦ୍ଧା ମୂର୍ତ୍ତିକୁ ପାଟବସ୍ତ୍ର ଦ୍ୱାରା ଆବୃତ୍ତ କରି ଚିତ୍ରକର ଦ୍ୱାରା ନିଜ ବର୍ଣ୍ଣରେ ଚିତ୍ରିତ କର। ଦୈବାଦେଶ ଅନୁଯାୟୀ ଇନ୍ଦ୍ରଦ୍ୟୁମ୍ନ ଅନ୍ୟ ରାଜାମାନଙ୍କ ସହାୟତାରେ ଏକ ଭବ୍ୟ ମନ୍ଦିର ନିର୍ମାଣ କଲେ ଓ



ବିଗ୍ରହ ପ୍ରତିଷ୍ଠା କରାଇଲେ ବ୍ରହ୍ମାଙ୍କୁ ପୁରୋହିତ ଭାବରେ ନିମନ୍ତ୍ରଣ କରି। ଏଥିପାଇଁ ସେ ନାରଦଙ୍କ ସହ ବ୍ରହ୍ମଲୋକଙ୍କୁ ଯାତ୍ରା କଲେ। ବ୍ରହ୍ମାଙ୍କ ସାନ୍ନିଧ୍ୟରେ ଥିବାରୁ ଇନ୍ଦ୍ରଦ୍ୟୁମ୍ନ ଜରା ଓ ମୃତ୍ୟୁର ବଶୀଭୂତ ହୋଇନାହାନ୍ତି। କିନ୍ତୁ ମର୍ତ୍ତ୍ୟଲୋକରେ ବିଷ୍ଣୁଙ୍କର ଦାରୁ ମୂର୍ତ୍ତି ଓ ପ୍ରସାଦ ବିଦ୍ୟମାନ ରହିଛି। ବ୍ରହ୍ମା ନିର୍ଦ୍ଦେଶ ଦେଲେ ଯେ, ଶୀଘ୍ର ମର୍ତ୍ତ୍ୟ ଲୋକକୁ ଯାଇ ଦେବ ଓ ଦେବ ମନ୍ଦିରକୁ ସ୍ୱୀୟ ଆୟତକୁ ଆଣ ଓ ପ୍ରତିଷ୍ଠା ପାଇଁ ଆୟୋଜନ କର।

## ପାହାଡର ପାଦଦେଶରେ ବିଦ୍ୟମାନ ବାବା ଗୁପ୍ତେଶ୍ୱରଙ୍କ ପୀଠ

ପ୍ରାକୃତିକ ବୈଭବ ଓ ଐତିହରେ ଭରପୁର ବୌଦ୍ଧ ଜିଲ୍ଲା । ଜିଲ୍ଲାରେ ରହିଛି ଅନେକ କିମ୍ବଦନ୍ତୀ ଓ ପୁରାଣ କଥା ବହନ କରୁଥିବା ମନ୍ଦିର ଓ ପର୍ଯ୍ୟଟନସ୍ଥଳୀ ।ସେଥି ମଧ୍ୟରୁ ଜିଲ୍ଲାର ଉପାନ୍ତ ଅଞ୍ଚଳରେ ଥିବା କଞ୍ଚାମାଳ ବ୍ଲକ୍ ଉମା ପଞ୍ଚାୟତ ଅନ୍ତର୍ଗତ ରେଘମୁଣ୍ଡା ସ୍ଥିତ ଦେଢ଼ସୁର ଭାଇବୋହୁ ଭୀମ ପାହାଡ ଅନ୍ୟତମ । ପ୍ରାୟ ଦୁଇ ଶହ ଫୁଟ୍ ଉଚ୍ଚତାରେ ରହିଚି ଦୁଇଟି ପଥର । ଶ୍ରାବଣ ମାସରେ ଏଠାରେ ଥିବା ଗୁପ୍ତେଶ୍ୱର ବାବାଙ୍କ ଶୈବପୀଠ ଦର୍ଶନ କରିବା ସହ ପାହାଡ ଚଢ଼ିବାର ମଜା ନେଇଛନ୍ତି ଭକ୍ତ ଓ ପର୍ଯ୍ୟଟକ। ପାହାଡ଼ର ପାଦଦେଶ ତଳେ ପୂଜା ପାଉଛନ୍ତି ଦେବ ଦେବ ମହାଦେବ ଗୁପ୍ତେଶ୍ୱର ।ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ୍ ଉମା ପଞ୍ଚାୟତର ରେଘମୁଣ୍ଡା ସ୍ଥିତ ଭୀମ ପାହାଡର ପାଦଦେଶରେ ବିଦ୍ୟମାନ ବାବା ଗୁପ୍ତେଶ୍ୱରଙ୍କ ପୀଠ । କିମ୍ବଦନ୍ତୀ ଅନୁସାରେ ପଞ୍ଚୁ ପାଣ୍ଡବ ଅଜ୍ଞାତବାସରେ ଥିବା ବେଳେ ଗୁପ୍ତରେ ଏଠାରେ ଶିବ ଉପାସନା କରୁଥିଲେ । ସେଇଥିପାଇଁ ବାବାଙ୍କ ନାମ ଗୁପ୍ତେଶ୍ୱର । ଏହି ସ୍ଥାନରେ ପଞ୍ଚୁ ପାଣ୍ଡବ ରହୁଥିବାର ଅନେକ ଛାପ ଏବେ ମଧ୍ୟ ରହିଛି । ବର୍ଷର ବିଭିନ୍ନ ସମୟରେ




ଗୁପ୍ତେଶ୍ୱର ପୀଠରେ ଭକ୍ତଙ୍କ ସମାଗାମ ହୋଇଥାଏ । ପ୍ରଭୁଙ୍କ ସବୁଠାରୁ ବଡ଼ ଉତ୍ସବ ମହାଶିବରାତ୍ରୀ । ଶ୍ରାବଣ ମାସର ପ୍ରତି ସୋମବାରରେ ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥାଏ ।ଦୂର ଦୂରଦୂରାନ୍ତରରୁ ମାନସିକ ପୂରଣ ପାଇଁ ଆସନ୍ତି ଭକ୍ତ ଓ ଶ୍ରଦ୍ଧାଳୁମାନେ । ମହାଦେବଙ୍କୁ ପୂଜା କଲେ ପୁଣ୍ୟଫଳ ମିଳିଥାଏ ବୋଲି ଭକ୍ତଙ୍କ ବିଶ୍ୱାସ ରହିଛି । ୪୧ ନମ୍ବର ରାଜ୍ୟ ସଡ଼କ ପଥରେ କଣ୍ଟାମାଳ- ବାଲିଗୁଡା ରାସ୍ତାର ଆମ୍ବଗାଁ ଛକରୁ ଆଠ କିଲୋମିଟର ପୂର୍ବ ଦିଗକୁ ଗଲେ ପଡେ ଗୁପ୍ତେଶ୍ୱର ପୀଠ । ଦେଢଶୁର ଭାଇବୋହୁ ପାହାଡ଼ ତଳେ ରହିଛି ଗୁପ୍ତେଶ୍ୱର ମହାଦେବଙ୍କ ମନ୍ଦିର ।ବର୍ଷର ବିଭିଓ ସମୟରେ ଭକ୍ତଙ୍କ ସମାଗାମ ହୋଇଥାଏ । ଅନ୍ୟ ସମୟ ଅପେକ୍ଷା ଶ୍ରାବଣ ମାସରେ ଏହି ମନୋରମ ପ୍ରାକୃତିକ ସୌନ୍ଦର୍ଯ୍ୟ ଦେଖିବାକୁ ଜିଲ୍ଲା ତଥା ଜିଲ୍ଲା ବାହରର ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥାଏ ।ଗୋଟିଏ ପଟେ ପ୍ରାକୃତିକ ସୌନ୍ଦର୍ଯ୍ୟ ଉପଭୋଗ, ପାହାଡ଼ ଚଢିବାର ମଜା ନେବା ସହିତ ବାବା ଗୁପ୍ତେଶ୍ୱରଙ୍କ ନିକଟର ଜଳଲାଗି ସହ ଦର୍ଶନ କରିଥାନ୍ତି ଭକ୍ତ ଓ ଶ୍ରଦ୍ଧାଳୁମାନେ । ଦୁଇ ଶହ ଫୁଟ୍ ଉଚ୍ଚତାରେ ଥିବା ପାହାଡ ଉପରକୁ ଯିବା ପାଇଁ ବିପଦ ସଙ୍କୁଳ ଅବସ୍ଥାରେ ଯିବାକୁ ପଡ଼ିଥାଏ । ହେଲେ ଏଠାରେ ମହାଦେବଙ୍କ କୃପାରୁ କେବେ ବି କୌଣସି ଅଘଟଣ ଘଟି ନ ଥାଏ । ପ୍ରାକୃତିକ ଶୋଭାଜିତ ବିମଣ୍ଡିତ ଏହି ସ୍ଥାନକୁ ଯିଏ ବି ଯିବ ମହାଦେବଙ୍କ ଦର୍ଶନ କରିବା ସହ ଏହାର ସୋନ୍ଦର୍ଯ୍ୟକୁ ଉପଭୋଗ କରିପାରିବେ ।

## ଦୈନିକ ପିଅନ୍ତୁ ଅଦା-ମହୁ ପାଣି

ବର୍ତ୍ତମାନ୍ ଚାଲିଛି ବର୍ଷା ଋତୁ। ଏହି ଋତୁରେ ବିଭିନ୍ନ ପ୍ରକାରର ସମସ୍ୟା ଦେଖାଦେଇଥାଏ । ଯେପରିକି ଥଣ୍ଡା, କାଶ, ଜ୍ୱର ଇତ୍ୟାତି । ଏଥିସହ ପାଗ ପରିବର୍ତ୍ତନ ହେବା ସହ ମଧ୍ୟ ଆମେ ଅନେକ ସସସ୍ୟାରେ ସମ୍ମୁଖୀନ ହେଉଛନ୍ତି । ଯେପରିକି ପେଟ ଯନ୍ତ୍ରଣାଠାରୁ ଆରମ୍ଭ କରି ହଇଜା ପର୍ଯ୍ୟନ୍ତ ସବୁ କିଛି । ଯଦି ଆପଣ ଏହି ସବୁ ସମସ୍ୟାରେ ସମ୍ମୁଖୀନ ହେଉଛନ୍ତି, ତେବେ ଚିନ୍ତା କରନ୍ତୁ ନାହିଁ। ଆଜି ଆପଣଙ୍କୁ ଜଣାଇବୁ ଏଥିରୁ କିପରି ମୁକ୍ତି ପାଇପାରିବେ । ତେବେ ଆସନ୍ତୁ ଜାଣିବା ଏହାର ସମ୍ପୂର୍ଣ୍ଣ ତଥ୍ୟ ଯବହୁ ଆଗାମୀ କାଳରୁ ଅଦା ଏବଂ ମହୁ ସ୍ୱାସ୍ଥ୍ୟ ପାଇଁ ବହୁତ ଲାଭଦାୟକ ବୋଲି ବିବେଚନା କରାଯାଇ ଆସୁଛି । କିନ୍ତୁ ଆପଣ କେବେ ଅଦା-ମହୁ ପାଣି ପିଇଛନ୍ତି କି ? ଯଦି ପିଇନାହାଁନ୍ତି, ତେବେ ଆପଣଙ୍କୁ ଏହି ପାନୀୟର ସ୍ୱାସ୍ଥ୍ୟ ଲାଭ ବିଷୟରେ ଜାଣନ୍ତୁ। ପ୍ରତିଦିନ ଏହି ପୁଷ୍ଟିକର ପାନୀୟ ପିଇବା ଆରମ୍ଭ କରନ୍ତୁ ଏବଂ ଆପଣ ମାତ୍ର କିଛି ସପ୍ତାହ ମଧ୍ୟରେ ଅଟୋମେଟିକ୍ ଭାବରେ ସକାରାତ୍ମକ ପ୍ରଭାବ ଦେଖିବାକୁ ପାଇବେ।

ଥଣ୍ଡା ଏବଂ କାଶ ସମସ୍ୟାରୁ ମୁକ୍ତି ପାଇବେ :

ଅଦା ଏବଂ ମହୁ ପାଣି ପିଇବା ଦ୍ୱାରା ଆପଣ ଥଣ୍ଡା ଏବଂ କାଶରୁ ବହୁତ ପରିମାଣରେ ମୁକ୍ତି



ପାଇପାରିବେ । ଯଦି ଆପଣ ଗଳା ଯନ୍ତ୍ରଣା, ଥଣ୍ଡା କିମ୍ବା କାଶ ସମସ୍ୟାକୁ ରୋକିବାକୁ ଚାହୁଁଛନ୍ତି, ତେବେ ଆପଣ ଏହି ପ୍ରାକୃତିକ ପାନୀୟ ପିଇବା ଆରମ୍ଭ କରିପାରିବେ। ଆପଣଙ୍କ ସୂଚନା ପାଇଁ, ଆମେ ଆପଣଙ୍କୁ କହି ରଖୁଛୁ ଯେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଁ ଅଦା ଏବଂ ମହୁ ପାଣିକୁ ଦୈନନ୍ଦିନ ଖାଦ୍ୟ ଯୋଜନାର ଏକ ଅଂଶ ମଧ୍ୟ କରାଯାଇପାରିବ ଯପେଟ ସମ୍ବନ୍ଧୀୟ ସମସ୍ୟା ଦୂରେଇ ରହିବ :

ଯଦି ଆପଣ ପେଟ ସମସ୍ୟାକୁ ରୋକିବାକୁ ଚାହାଁନ୍ତି, ତେବେ ଅଦା ଏବଂ ମହୁ ପାଣି ପିଇବା ଆରମ୍ଭ କରନ୍ତୁ । ଏହି ପାନୀୟକୁ ହୃଦୟ ସ୍ୱାସ୍ଥ୍ୟ ପାଇଁ ମଧ୍ୟ ଲାଭଦାୟକ ବୋଲି ବିବେଚନା କରାଯାଏ । ଅର୍ଥାତ ଏହି ପାନୀୟକୁ ସଠିକ ପରିମାଣରେ ଏବଂ ସଠିକ୍ ଉପାୟରେ ସେବନ କରିବା ଦ୍ୱାରା, ଗମ୍ଭୀର ଏବଂ ହୃଦରୋଗର ଆଶଙ୍କା ହ୍ରାସ କରାଯାଇପାରିବ । ଏଥିସହ ଓଜନ ମଧ୍ୟ ହ୍ରାସ ପାଇବାକୁ ଲାଗିବ ।

ଅଦା ମହୁ ପାଣି କିପରି ତିଆରି କରିବେ :

ଅଦା ଏବଂ ମହୁ ପାଣି ତିଆରି କରିବା ପାଇଁ, ପ୍ରଥମେ ଗୋଟିଏ କପ୍ ପାଣି ଗରମ କରନ୍ତୁ । ଏବେ ଏହି ପାଣିରେ ଗୋଟିଏ ଚାମଚ ମହୁ ଏବଂ ଗୋଟିଏ ଅଳ୍ପ ଅଦାଛେଚା ମିଶାନ୍ତୁ । ଏବେ ଆପଣ ଏହି ପାଣିକୁ ଛାଣି ପିଇପାରିବେ ।ଏହି ପାନୀୟର ସ୍ୱାଦ ଉନ୍ନତ କରିବା ପାଇଁ, ଆପଣ ଏଥିରେ ଲେମ୍ବୁ ରସ ମଧ୍ୟ ମିଶାଇ ପାରିବେ । ଯଦି ଆପଣ ଏପରି ସମସ୍ୟାରୁ ମୁକ୍ତି ପାଇବାକୁ ଚାହୁଁଛନ୍ତି, ତେବେ ଏହି ଟିପ୍ସକୁ ନିଶ୍ଚିତ ଫଲୋ କରନ୍ତୁ ।

# ଅଂଗ ଅଭାବରୁ ପ୍ରତିଦିନ ୨୦ଜଣଙ୍କ ମୃତ୍ୟୁ ହେଉଛି



**ଭୁବନେଶ୍ୱର,୭।୯ (ମହାଭାରତ):** ଜୀବନ ରକ୍ଷାକାରୀ ଅଂଗ ପ୍ରତିରୋପଣ ନିମନ୍ତେ ଆବଶ୍ୟକ ମାତ୍ରାର ଅଂଗର ଘୋର ଅଭାବ ଯୋଗୁଁ ଭାରତରେ ପ୍ରତିଦିନ ହାରାହାରି ୨୦ ଜଣ ରୋଗୀଙ୍କ ମୃତ୍ୟୁ ଘଟୁଛି। ଅଂଗଦାନର ଗୁରୁତ୍ୱ ସଂପର୍କରେ ସମାଜରେ ବ୍ୟାପକ ସଚେତନତା ସୃଷ୍ଟି କରିବା ବର୍ତ୍ତମାନ ସମୟରେ ଏକ ବଡ଼ ଆହ୍ୱାନ ବୋଲି କହିଛନ୍ତି ଓଡ଼ିଶା ଷ୍ଟେଟ୍ ଅର୍ଗାନ୍ ଆଣ୍ଡ ଟିସ୍ୟୁ ଟ୍ରାନ୍ସପ୍ଲାଂଟ ଅର୍ଗାନାଇଜେସନ୍ (ସୋଟୋ)ର ଯୁଗ୍ମ ନିର୍ଦ୍ଦେଶକ ଡକ୍ଟର ବିଭୂତି ଭୂଷଣ ନାୟକ। ଶିକ୍ଷା 'ଓ' ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ ପରିସରରେ ସମ୍ ଅଲ୍ଟିମେଟ ମେଡିକେୟାର ପକ୍ଷରୁ ଆୟୋଜିତ 'ଅଂଗଦାନ ମହୋତ୍ସବ'ରେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଡକ୍ଟର ନାୟକ କହିଛନ୍ତି ଯେ ଅଂଗଦାନ ଦ୍ୱାରା ଅନେକ ଜୀବନ ବଂଚାଇ ହେବ। ତେଣୁ ଲୋକଙ୍କ ମଧ୍ୟରେ ଅଂଗଦାନ ସଂପର୍କରେ ସଠିକ୍ ସୂଚନା ଓ ସଚେତନତା ପହଂଚାଇବା ଅତ୍ୟନ୍ତ ଆବଶ୍ୟକ। ମଲ୍ଟି-ସୁପରସ୍ପେସିଆଲିଟି ଓ କ୍ୱାର୍ଟର୍ନାରୀ କେୟାର ହସ୍ପିଟାଲ୍ ସମ୍ମ ପକ୍ଷରୁ ଆୟୋଜିତ ଏହି ସଚେତନତା କାର୍ଯ୍ୟକ୍ରମରେ ସୋଆର ଶତାଧିକ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ସମ୍ମର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡକ୍ଟର ଶ୍ୱେତପଦ୍ମା ଦାଶ କହିଥିଲେ ଯେ, ଅଂଗଦାନର ମହତ୍ୱ ସଂପର୍କରେ ସମାଜରେ ସାମୂହିକ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ହସ୍ପିଟାଲ୍ ପକ୍ଷରୁ ୨୦୨୩ ମସିହାରୁ 'ଅଂଗଦାନ ମହୋତ୍ସବ' ପାଳନ କରାଯାଉଛି। "ଅଂଗଦାନ ହେଉଛି ଜୀବନ ଦାନ। କିନ୍ତୁ ଅଂଗପ୍ରଦାନକାରୀଙ୍କ ସଂଖ୍ୟା ଅତ୍ୟନ୍ତ କମ୍ ଥିବାରୁ ଜୀବନ ରକ୍ଷାକାରୀ ଅଂଗ ପାଇଁ ଅପେକ୍ଷା କରୁଥିବା ହଜାର ହଜାର ରୋଗୀଙ୍କ ପାଖରେ ବିକଳ୍ପ ସୀମିତ ରହିଯାଉଛି," ବୋଲି ଡକ୍ଟର ଦାଶ କହିଥିଲେ। ସମ୍ମର ଦକ୍ଷ ଅଂଗ ପ୍ରତିରୋପଣ ଟିମ୍ ଏ ଦିଗରେ ଉଲ୍ଲେଖନୀୟ କାର୍ଯ୍ୟ କରୁଛି ବୋଲି ଡକ୍ଟର ଦାଶ ସୂଚନା ଦେଇଥିଲେ। ଦେଶରେ ହଜାର ହଜାର ରୋଗୀ ଜୀବନ ରକ୍ଷାକାରୀ ଅଂଗ ପ୍ରତିରୋପଣ ପାଇଁ ଅପେକ୍ଷାରତ ଥିବା ବେଳେ ଜଣେ ମୃତ ଅଂଗଦାତା ଏକାଧିକ ବ୍ୟକ୍ତିଙ୍କୁ ନୂଆ ଜୀବନ ଦେଇପାରନ୍ତି ବୋଲି ସେ କହିଥିଲେ।

'ଅଂଗଦାନ ମହୋତ୍ସବ' ମାଧ୍ୟମରେ ଯୁବପିଢ଼ିଙ୍କୁ ଅଂଗଦାନ ସଂପର୍କରେ ଆଲୋଚନା ଆରମ୍ଭ କରିବା ଏବଂ ପରିବାରଗୁଡ଼ିକୁ ଆବଶ୍ୟକ ସମୟରେ ସଚେତନ ଓ ସୂଚନାଭିତ୍ତିକ ନିଷ୍ପତ୍ତି ନେବାକୁ ପ୍ରେରିତ କରିବା ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ବୋଲି ସେ କହିଥିଲେ। ଅଂଗଦାନ ପ୍ରୋତ୍ସାହନ ପାଇଁ କାର୍ଯ୍ୟରତ ସ୍ୱେଚ୍ଛାସେବୀ ସଂଗଠନ ମଲ୍ଟି ଅର୍ଗାନ୍ ଟ୍ରାନ୍ସପ୍ଲାଂଟେସନ୍ ଆଣ୍ଡ ହ୍ୟୁମାନ୍ ଆଣ୍ଡ ଏଜୁକେସନାଲ୍ ରିସର୍ଚ୍ଚ (ମଦର)ର ପ୍ରତିଷ୍ଠାତା ଇଞ୍ଜିନିୟର ତ୍ରୈଲୋକ୍ୟ ନାଥ ପଣ୍ଡା ଏହି କାର୍ଯ୍ୟକ୍ରମରେ ମୁଖ୍ୟ ବକ୍ତା ଭାବେ ଯୋଗଦେଇ କହିଥିଲେ ଯେ, ଅଂଗ ପ୍ରତିରୋପଣ ସଫଳତାର ସହ କରାଯାଇପାରେ ଏବଂ ଏହା ଦ୍ୱାରା ଅନେକ ଜୀବନ ବଂଚାଇ ହେବ ବୋଲି ଲୋକଙ୍କୁ ବୁଝାଇବା ଆବଶ୍ୟକ। ଓଡ଼ିଶାରେ ପ୍ରଥମ ଅଂଗଦାନ ଓ ଅଂଗ ପ୍ରତିରୋପଣ ୧୯୮୫ ମସିହାରେ ବୁର୍ଲାସ୍ଥିତ ଭିଏସ୍ଏସ୍ ମେଡିକାଲ୍ କଲେଜ ଆଣ୍ଡ ହସ୍ପିଟାଲ୍‌ରେ ହୋଇଥିଲା ବୋଲି ସେ କହିଥିଲେ। ପୂର୍ବରୁ କେବଳ ଦାବିଦାର ନଥିବା ମୃତଦେହ ମେଡିକାଲ୍ କଲେଜଗୁଡ଼ିକୁ ଶିକ୍ଷା ଉଦ୍ଦେଶ୍ୟରେ ପଠାଯାଉଥିଲା। ପରେ ରାଜ୍ୟ ସରକାର ସଂପୃକ୍ତ ଆଇନରେ ସଂଶୋଧନ କରିବା ପରେ ଲୋକମାନେ ସ୍ୱେଚ୍ଛାରେ ନିଜ ଶରୀର ମେଡିକାଲ୍ କଲେଜକୁ ଦାନ କରିବାର ସୁଯୋଗ ପାଇଥିଲେ ବୋଲି ଇଞ୍ଜିନିୟର ପଣ୍ଡା କହିଥିଲେ। ଏହି ଅବସରରେ ସମ୍ମର କ୍ରିଟିକାଲ୍ କେୟାର ବିଭାଗର ମୁଖ୍ୟ ତଥା ସିନିୟର କନ୍‌ସଲ୍‌ଟାଂଟ ଡାକ୍ତର ବାନାମ୍ବର ରାୟ କହିଥିଲେ ଯେ, ଛାତ୍ରଛାତ୍ରୀମାନେ ସମାଜରେ ଅଗ୍ରଣୀ ଓ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇ ଅଂଗଦାନ ସଂପର୍କରେ ସଚେତନତା ସୃଷ୍ଟି କରିପାରିବେ।

ପଂଚାୟତ ଓ ପୌର ନିର୍ବାଚନ

# ଆରମ୍ଭ ହେବ ପାଇଲଟ୍ ସର୍ଭେ

**ଭୁବନେଶ୍ୱର,୭।୯ (ମହାଭାରତ):** ରାଜ୍ୟରେ ଆଗାମୀ ପଂଚାୟତ ଓ ପୌର ନିର୍ବାଚନକୁ ସ୍ୱଚ୍ଛ ଓ ନିର୍ଭୁଲ ଏବଂ ବ୍ୟବସ୍ଥିତ କରିବା ପାଇଁ ରାଜ୍ୟ ନିର୍ବାଚନ ଆୟୋଗଙ୍କ ପକ୍ଷରୁ ଭୋଟର ତାଲିକାରେ ଥିବା ତ୍ରୁଟି ଗୁଡ଼ିକୁ ଦୂର କରିବା ଲକ୍ଷ୍ୟରେ ରାଜ୍ୟରେ ଏକ ବିଶେଷ ପାଇଲଟ୍ ସର୍ଭେ ଅଭିଯାନ ଭୁବନେଶ୍ୱର ମହାନଗର ନିଗମରେ (ବିଏମସି) ଆରମ୍ଭ ହେବାକୁ ଯାଉଛି। ଆସନ୍ତା ସେପ୍ଟେମ୍ବର ୩ ତାରିଖରୁ ୧୧ ତାରିଖ ପର୍ଯ୍ୟନ୍ତ ବିଏମସି ଅଧୀନରେ ଥିବା ୩ଟି ବିଧାନସଭା କ୍ଷେତ୍ରରେ ଭୁବନେଶ୍ୱର-ଉତର ବିଧାନସଭା କ୍ଷେତ୍ରର ୱାର୍ଡ ନଂ ୧୦, ଭୁବନେଶ୍ୱର ମଧ୍ୟ ବିଧାନସଭା କ୍ଷେତ୍ରର ୱାର୍ଡ ନଂ ୩୫ ଏବଂ ଭୁବନେଶ୍ୱର -ଏକାମ୍ର ବିଧାନସଭା କ୍ଷେତ୍ରର ୱାର୍ଡ ନଂ ୫୨ରେ ଘରକୁ ଘର ସର୍ଭେ କାର୍ଯ୍ୟ ହାତକୁ ନିଆଯାଇଛି। ତେବେ ଆସନ୍ତା ଅକ୍ଟୋବର ୨୬ରୁ ନଭେମ୍ବର ୭ ତାରିଖ ପର୍ଯ୍ୟନ୍ତ ରାଜ୍ୟବ୍ୟାପୀ ଏହି ଘରକୁ ଘର ସର୍ଭେ କରାଯାଇ ପଂଚାୟତ ଓ ପୌରାଂଚଳର ନିର୍ବାଚନ କ୍ଷେତ୍ର ଗୁଡ଼ିକର ଭୋଟର ତାଲିକାକୁ ନିର୍ଭୁଲ ଓ ବ୍ୟବସ୍ଥିତ କରାଯିବ। ବର୍ତ୍ତମାନ ଗୋଟିଏ ପରିବାରର ସଦସ୍ୟମାନେ ଭିନ୍ନ ଭିନ୍ନ ବୁଥ୍ ରେ ସାମିଲ ଅଛନ୍ତି ତତ୍ ସହ ଅସ୍ପଷ୍ଟ ଘର ନମ୍ବର ଭଳି ଜଟିଳ ସମସ୍ୟାର ସ୍ଥାୟୀ ସମାଧାନ କରିବା ଏହି ସର୍ଭେ ର ମୁଖ୍ୟ ଉଦ୍ଦେଶ୍ୟ। ସହରାଂଚଳରେ ଥିବା ଅଧିକାଂଶ ବିଧାନସଭା ବୁଥ୍ ଗୁଡ଼ିକର କୌଣସି ନିର୍ଦ୍ଦିଷ୍ଟ ଭୌଗୋଳିକ ପରିସୀମା ନାହିଁ। ଫଳରେ ଗୋଟିଏ ବୁଥ୍ ରେ ୧୦ରୁ ୧୨ଟି ଅଲଗା ଅଲଗା ଅଂଚଳର ଭୋଟର ସାମିଲ ହୋଇ ରହୁଛନ୍ତି। ଏପରିକି ଗୋଟିଏ ୱାର୍ଡର ଭୋଟର ଅନ୍ୟ ଏକ ୱାର୍ଡରେ ଭୋଟ ଦେବାକୁ ପଡୁଛି, ଯାହାଫଳରେ ଅନେକ ଭୋଟର ମତଦାନ କେନ୍ଦ୍ରକୁ ଯିବାକୁ ଆଗ୍ରହ ପ୍ରକାଶ କରୁନାହାନ୍ତି। ଏହି ସର୍ଭେ ମାଧ୍ୟମରେ ଗୋଟିଏ ପରିବାରର ସମସ୍ତ ସଦସ୍ୟ ଗୋଟିଏ ମତଦାନ କେନ୍ଦ୍ରରେ ଭୋଟଦାନ କରିପାରିବେ।

# ଭୁବନେଶ୍ୱର ଜିଲ୍ଲା କଂଗ୍ରେସର ପ୍ରତିବାଦ ଯାତ୍ରା



**ଭୁବନେଶ୍ୱର,୭।୯ (ମହାଭାରତ):** ବିରୋଧି ଦଳ ନେତା ରାହୁଗାନ୍ଧୀଙ୍କ ବିରୁଦ୍ଧରେ ବିଜେପି ସରକାରର ମିଛ ଏଫ.ଆଇ.ଆର ରୁଜୁକୁ ନେଇ ସାରା ଦେଶରେ ପ୍ରତିବାଦ ଯାତ୍ରା ଅନୁଷ୍ଠିତ ହୋଇଛି। ସେହି ପରିପେକ୍ଷିରେ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ଶ୍ରୀ ଜେନାଙ୍କ ନେତୃତ୍ୱରେ ଏବଂ ଓପିସିସି ସଭାପତି ଭକ୍ତ ଚରଣ ଦାସ, ଏଆଇସିସି ଓଡ଼ିଶା ପ୍ରଭାରୀ ଲାଲ୍‌ଜୀ ଦେଶାଇ, ପୂର୍ବତନମନ୍ତ୍ରୀ ସୁରେଶ କୁମାର ରାଉତରାୟ, ପୂର୍ବତନ ଓପିସିସି ସଭାପତି ଜୟଦେବ ଜେନାଙ୍କ ଉପସ୍ଥିତରେ ପ୍ରତିବାଦ ଯାତ୍ରା କଂଗ୍ରେସ ଭବନରୁ ବାହାରି ମାଷ୍ଟରକ୍ୟାଂଟିନ ଛକ ପର୍ଯ୍ୟନ୍ତ ଯାଇଥିଲା। ରାହୁଲ ଗାନ୍ଧୀଙ୍କ ସ୍ୱାଭିମାନ ସହିତ ଖେଳିଲେ ବିଜେପିକୁ ବହୁ ମୂଲ୍ୟ ଦେବାକୁ ପଡିବ ଏବଂ କଂଗ୍ରେସ ଶ୍ରୀ ଗାନ୍ଧୀଙ୍କ ସ୍ୱାଭିମାନ ସହିତ କୌଣସି ପ୍ରକାର ସାଲିସ କରିବାର ପ୍ରଶ୍ନ ଉଠୁ ନାହିଁ ବୋଲି କଂଗ୍ରେସ ନେତୃବୃନ୍ଦ ପ୍ରକାଶ କରିଥିଲେ। ଆଗକୁ ଏହା ମହାଆନ୍ଦୋଳନର ରୂପ ନେବ ବୋଲି ଚେତାବନି ଦେଇଥିଲେ। ଏହି ପ୍ରତିବାଦ ଯାତ୍ରାରେ କଂଗ୍ରେସର ନେତୃବୃନ୍ଦଙ୍କ ସହ ଶିବାନନ୍ଦ ରାୟ, ମନୋରଞ୍ଜନ ଦାସ, କିଶୋର ଜେନା, ଅରବିନ୍ଦ ଦାସ, ଦେବାଶିଷ ପଟ୍ଟନାୟକ, ଶୁଭେନ୍ଦୁ ମହାନ୍ତି, ମାନସ ରଞ୍ଜନ ଆଚାର୍ଯ୍ୟ, ସୂର୍ଯ୍ୟକାନ୍ତ ଜେନା, ତରୁଣକାନ୍ତ ମିଶ୍ର, ସତ୍ୟବ୍ରତ ନାୟକ ପ୍ରମୁଖ ଯୋଗଦାନ କରି ରାହୁଲ ଗାନ୍ଧୀଙ୍କ ପାଇଁ ଯେ କୌଣସି ପରିସ୍ଥିତିର ସାମ୍ନା କରିବାକୁ ପ୍ରସ୍ତୁତ ଅଛୁ ବୋଲି ଜଣାଇଥିଲେ।

# ଆଇସିଏସ୍ଆଇର କମ୍ପାନୀ ସେକ୍ରେଟାରିଜ୍ ଜାତୀୟ ସମ୍ମିଳନୀ

**ଭୁବନେଶ୍ୱର,୭।୯ (ମହାଭାରତ):** ଦି ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ କମ୍ପାନୀ ସେକ୍ରେଟାରିଜ୍ ଅଫ୍ ଇଣ୍ଡିଆ ପକ୍ଷରୁ ଭୁବନେଶ୍ୱର, ଓଡ଼ିଶାରେ "ନେକ୍ସଟ୍‌ଜେନ ସିଏସ୍- କାଟାଲିଷ୍ଟ ଅଫ୍ ଗ୍ରୋଥ୍ ଆଣ୍ଡ ଗାର୍ଡିଅନ୍ ଅଫ୍ ଗଭର୍ଣ୍ଣାନ୍ସ" ବିଷୟକୁ ନେଇ ତାହାର ୫୪ତମ ଜାତୀୟ ସମ୍ମିଳନୀ ୫ ସେପ୍ଟେମ୍ବର ୨୦୨୬ରେ ଉଦ୍‌ଘାଟିତ ହୋଇଯାଇଛି। କମ୍ପାନୀ ସେକ୍ରେଟାରୀମାନଙ୍କର ୩- ଦିବସୀୟ ଏହି ବାର୍ଷିକ ସମାବେଶ ନିୟାମକ, ଶିଳ୍ପ ନେତୃବୃନ୍ଦ, ବୃତ୍ତିଧାରୀ ଏବଂ ଅନ୍ୟ ସହଭାଗୀମାନଙ୍କ ମଧ୍ୟରେ ଆଲୋଚନା ନିମନ୍ତେ ଏକ ମଞ୍ଚ ହେଉଥିବାବେଳେ ଏହା ଚିନ୍ତାଶୀଳ ବିଚାର ବିମର୍ଷ ଏବଂ ନିୟୋଜନକାରୀ ଆଲୋଚନା ନିମନ୍ତେ ଏକ ସୁଯୋଗ ଯୋଗାଇ ଦେଉଛି। ଆଇସିଏସ୍ଆଇ ମଧ୍ୟ ଫିକି (ଏଫ୍ଆଇସିସିଆଇ) ଏବଂ ପେପରଲାଇଟ୍ ସହିତ ବୁଝାମଣାପତ୍ର (ଏମ୍ଓୟୁ) ସ୍ୱାକ୍ଷର କରିବା ସହିତ ନାଭିଗେଟିଂ ଗଭର୍ଣ୍ଣାନ୍ସ: ଏମଏସ୍ଏମଇ ଟ୍ରାନ୍ସଫର୍ମେସନ୍ ୱିକ, ଷ୍ଟାର୍ଟ-ଅପ୍ ଲଜ୍ ଏବଂ ଗଭର୍ଣ୍ଣାନ୍ସ ୱିକ୍ ଏବଂ ଏଆଇ-ପାୱର୍ଡ କମ୍ପାନୀ ସେକ୍ରେଟାରୀ: ଟ୍ରାନ୍ସଫର୍ମିଂ ସେକ୍ରେଟାରିଆଲ୍ ପ୍ରାକ୍ଟିସ୍, ଗଭର୍ଣ୍ଣାନ୍ସ ଆଣ୍ଡ୍ କମ୍ପ୍ଲାଏନ୍ସ ଉପରେ ଏକ ୱେବିନାର୍ ସିରିଜ୍ ସମ୍ପର୍କରେ ଘୋଷଣା କରିଥିଲା। ଚିନ୍ତାଶୀଳ ଭାବରେ ପ୍ରସ୍ତୁତ କାର୍ଯ୍ୟକ୍ରମ ସମ୍ପର୍କରେ ନିଜର ଅନ୍ତର୍ଦୃଷ୍ଟି ପ୍ରକାଶ କରି ଶ୍ରୀ ଇନ୍ଦରଦୀପ ସିଂ ଧାରିୱାଲ୍, ଆଡିସନାଲ ଡେପୁଟି କମ୍ପଟ୍ରୋଲର ଆଣ୍ଡ ଅଡିଟର ଜେନେରାଲ କହିଥିଲେ, "କମ୍ପାନୀ ସେକ୍ରେଟାରୀମାନଙ୍କର ୫୪ତମ ଜାତୀୟ ସମ୍ମିଳନୀ ଏକ ଅନନ୍ୟ ସମାବେଶ ଅଟେ, ଯେଉଁଠାରେ ଅତୀତ ଭବିଷ୍ୟତକୁ ଭେଟିଥାଏ। ଏହାର ଅନ୍ତର୍ଦୃଷ୍ଟିସମ୍ପନ୍ନ ନିଖୁଣ ଭାବରେ ପ୍ରସ୍ତୁତ ଅଧିବେଶନଗୁଡିକ ସହିତ ଏହା ଏକ ସୁଦୃଢ ଭିତ୍ତିଭୂମି ବିଶ୍ୱାସ ପ୍ରଣାଳୀକୁ ପ୍ରୋତ୍ସାହିତ କରେ ଯାହା ପରବର୍ତ୍ତୀ ପିଢିର ନେତୃତ୍ୱକୁ ପ୍ରସ୍ତୁତ କରିବ।" ଆଇସିଏସ୍ଆଇର ମୂଳ ଦର୍ଶନ ଉପରେ ଜୋର୍‌ଦେଇ ସିଏସ୍ ପୱନ୍ ଜି.ଚଣ୍ଡକ, ପ୍ରେସିଡେଣ୍ଟ, ଆଇସିଏସ୍ଆଇ କହିଥିଲେ, "କମ୍ପାନୀ ସେକ୍ରେଟାରୀମାନଙ୍କ ମଧ୍ୟରେ ଅନ୍ତର୍ନିହିତ ମୂଲ୍ୟବୋଧ ବ୍ୟବସ୍ଥା ସଚ୍ଚୋଟତା, ବିଶ୍ୱାସ ଏବଂ ଦାୟବଦ୍ଧତା ଉପରେ ଆଧାରିତ। ନୈତିକ ମାର୍ଗଦର୍ଶନ ପ୍ରଦାନ କରି ଏବଂ ମଜଭୁତ ପରିଚାଳନା ସୁନିଶ୍ଚିତ କରି ଆଇସିଏସ୍ଆଇ ବୋର୍ଡଗୁଡିକୁ ସମର୍ଥନ କରିବା ସହିତ ନିୟାମକମାନଙ୍କୁ ସଶକ୍ତ କରୁଛି ଏବଂ ରାଷ୍ଟ୍ରନିର୍ମାଣରେ ଅବଦାନ ରଖୁଛି।" ଏହି କାର୍ଯ୍ୟକ୍ରମରେ ପ୍ରାୟ ୧୫୦୦ କମ୍ପାନୀ ସେକ୍ରେଟାରୀ, ବୃତ୍ତିଧାରୀ, ଡାଇରେକ୍ଟରବୃନ୍ଦ, ବରିଷ୍ଠ ସରକାରୀ ଅଧିକାରୀଗଣ ଏବଂ ଅନ୍ୟ ସହଭାଗୀମାନେ ଯୋଗଦେଇଛନ୍ତି। ଭର୍ଚୁଆଲ୍ ଉପରେ ପ୍ରାୟ ୩୦୦୦ ପ୍ରତିନିଧି ଏଥିରେ ଯୋଗଦେଉଛନ୍ତି। ସିଏସ୍ ଦ୍ୱାରକାନାଥ ଚେନ୍ନୁର, ଭାଇସ୍ ପ୍ରେସିଡେଣ୍ଟ, ଆଇସିଏସ୍ଆଇ; ସିଏସ୍ ଭେଙ୍କଟ ରମନା ଆର୍, କାଉନସିଲ୍ ମେମ୍ବର ଓ ଚେୟାରମ୍ୟାନ, ପ୍ରଫେସନାଲ ଡେଭେଲପମେଣ୍ଟ କମିଟି, ଆଇସିଏସ୍ଆଇ; ସିଏସ୍ ସନ୍ଦୀପ କୁମାର କେଜ୍‌ରିୱାଲ, କାଉନସିଲ୍ ମେମ୍ବର ଓ ପ୍ରୋଗ୍ରାମ ଡାଇରେକ୍ଟର, ଆଇସିଏସ୍ଆଇ; ସିଏସ୍ ବିଶାଲ ହରଲାଲକା, ଚେୟାରମ୍ୟାନ, ଇଆଇଆରସି, ଆଇସିଏସ୍ଆଇ ମଧ୍ୟ ଏହି ଅବସରରେ ସମାବେଶକୁ ସମ୍ବୋଧିତ କରିଥିଲେ।




# ଖଣି ମାଫିଆଙ୍କୁ ସୁରକ୍ଷା ଦେଉଥିଲେ ନବୀନ ସରକାର

**ଭୁବନେଶ୍ୱର,୭।୯ (ମହାଭାରତ):** ବିଜୁ ବାବୁଙ୍କ ନାମ ନେଇ ବିଜେଡି ଗତ ୨୪ ବର୍ଷ ଶାସନରେ ଓଡ଼ିଶାର ବିକାଶରେ କିଛି ବି କରିନାହିଁ। ଯେଉଁ ବିଜୁବାବୁଙ୍କ ନାମରେ ଦଳ ଗଠନ କରି ଶ୍ରୀ ନବୀନ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ହୋଇଥିଲେ ସେହି ବିଜୁବାବୁଙ୍କ ଫଟୋ ମଧ ବିଜେଡି ବ୍ୟାନର ବା ପତାକାରେ ସ୍ଥାନ ପାଇଲା ନାହିଁ। କୃଷି, ଶିକ୍ଷା, ପର୍ଯ୍ୟଟନ, ଖଣିଜ ସମ୍ପଦ ଓ ବନଜ ସମ୍ପଦକୁ ନେଇ ବିଜେଡି କେବଳ ରାଜନୀତି କରି କେନ୍ଦ୍ରୀୟ ଯୋଜନାକୁ ନିଜ ନାମରେ ପ୍ରଚାରିତ କରି ଏଠି ଓଡ଼ିଶାବାସୀଙ୍କୁ ଭୁଆଁ ବୁଲାଇଲା। ଶାଗ, ମାଛ ଦରରେ ଖଣିଜ ସମ୍ପଦକୁ ଅଣଓଡ଼ିଆ ବ୍ୟବସାୟୀଙ୍କୁ ଟେକି ଦେଇ ବ୍ୟାପକ ମୁନାଫା କମାଇଥିଲା ବିଜେଡି। କୌଣସି କ୍ଷେତ୍ରରେ ସୁଯୋଗ ନ ମିଳିବାରୁ ଓଡିଶାର ଅନେକ ପରିବାରର ପ୍ରାୟ ୧ କୋଟିରୁ ଉର୍ଦ୍ଧ୍ୱ ଯୁବକ ଦାଦନ ଖଟିବାକୁ ଅନ୍ୟ ରାଜ୍ୟକୁ ଯାଉଥିଲେ। ଓଡ଼ିଶାରେ ଆଇନଶୃଙ୍ଖଳା ପରିସ୍ଥିତି, ବେକାରୀ ସମସ୍ୟା, ମହିଳା ନିର୍ଯ୍ୟାତନା ଓ କୃଷି କ୍ଷେତ୍ରରେ ଶୀଥିଳତା ସହ ଶିଳ୍ପ କ୍ଷେତ୍ରରେ ମଧ ବ୍ୟାପକ ଦୁର୍ନୀତି ଓ ଭ୍ରଷ୍ଟାଚାର ଭରି ରହିଥିଲା। ସରକାରୀ ବାବୁମାନେ ହିଁ ରାଜ୍ୟ ଚଳାଉଥିଲେ ଓ ରାଜକୋଷ ଲୁଟ କରୁଥିଲେ। ଖଣିଜ ସମ୍ପଦରେ ବ୍ୟାପକ ଲୁଟକୁ ନେଇ ଶାହ କମିଶନଙ୍କ ନିର୍ଦ୍ଦେଶକୁ ଗତ ସରକାର ଶୀତଳଭଣ୍ଡାରରେ ପକାଇ ଦେଇ ଦୁର୍ନୀତିଗ୍ରସ୍ତ ଖଣିମାଲିକମାନଙ୍କୁ ପ୍ରୋତ୍ସାହନ ଦେଇଥିଲେ ବୋଲି ଏକ ପ୍ରେସ ବିବୃତି ଜରିଆରେ ବିଜେପି ସାଧାରଣ ସମ୍ପାଦକ ବିରଂଚି ନାରାୟଣ ତ୍ରିପାଠୀ ଦର୍ଶାଇଛନ୍ତି।



ଶ୍ରୀ ତ୍ରିପାଠୀ ଉଲ୍ଲେଖ କରିଛନ୍ତି ଯେ, ମିଛରେ ଖଣିଜ ସମ୍ପଦକୁ ସୁରକ୍ଷା ଦେବାପାଇଁ ଓ ଓଡିଶାର ହକ ନେବାପାଇଁ ସୁପ୍ରିମକୋର୍ଟରେ ବଡ଼ବଡ଼ ଓକିଲଙ୍କୁ କୋଟି କୋଟି ଟଙ୍କାର ଫି ଦେଇ ଦୀର୍ଘ ୨୦ ବର୍ଷ ନାଟକ କରୁଥିଲେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ। ଏଥିସହ ଓଡ଼ିଶାର ସଂସ୍କୃତି, ପରମ୍ପରା ଓ ଐତିହ୍ୟକୁ ଭୂଲୁଣ୍ଠିତ କରି ଚାଲିଥିଲେ ଶ୍ରୀ ନବୀନ ପଟ୍ଟନାୟକ ଓ ତାଙ୍କ ଅନୁଗତ ଅଣଓଡ଼ିଆ ସରକାରୀ ବାବୁମାନେ। ମୋଦୀଜୀଙ୍କ ନେତୃତ୍ୱରେ କେନ୍ଦ୍ରରେ ସରକାର ଗଠନ ହେବାଠାରୁ ଓଡିଶାକୁ ଫୋକସ ଦେଇଥିଲା କେନ୍ଦ୍ରର ବିଜେପି ସରକାର।କିନ୍ତୁ ଶ୍ରୀ ନବୀନ ପଟ୍ଟନାୟକ ସେହି ଯୋଜନା ଗୁଡ଼ିକରୁ କିଛି ନିଜ ନାମରେ ପ୍ରଚାରିତ କରୁଥିବାବେଳେ ଆଉ କିଛି ଯୋଜନାଗୁଡିକୁ ବାଟମାରଣା କରି ତାହାକୁ ସମ୍ପୂର୍ଣ୍ଣ କରି ପାରିନଥିଲେ। ଫଳରେ ଅନେକ ଅର୍ଥ ବ୍ୟବହାର ନ ହୋଇ ଫେରି ଯାଉଥିଲା। ବାଲିମାଫିଆ, ଖଣି ମାଫିଆ, ଗୋମାଫିଆ ଓ ଭୂମାଫିଆଙ୍କୁ ସୁରକ୍ଷା ଦେଉଥିଲେ ତତ୍କାଳୀନ ମୁଖ୍ୟମନ୍ତ୍ରୀ। କେନ୍ଦ୍ର ସରକାରଙ୍କ ସହଯୋଗ ଓ ଓଡିଶା ପ୍ରତି ଫୋକସ ଯୋଗୁଁ ଓଡ଼ିଶାରେ ଏବେ ଶିକ୍ଷାୟନ ବୃଦ୍ଧି ପାଇଛି। ଧାନର ଏମ୍ଏସ୍‌ପି ମୂଲ୍ୟ ବୃଦ୍ଧି କରାଯାଇଥିବାରୁ ତଥା ଯୁବ ଗୋଷ୍ଠୀଙ୍କୁ ରାଜ୍ୟରେ ଆତ୍ମନିଯୁକ୍ତି ଯୋଗାଇ ଦିଆଯାଉଥିବାରୁ ଦାଦନଙ୍କ ସଂଖ୍ୟା କ୍ରମଶଃ ହ୍ରାସ ପାଇଛି।

ରାଜ୍ୟ ବିଜେପି ସରକାର ସଂଘୀୟ ନିୟମ ଅନୁସାରେ କେନ୍ଦ୍ର ସରକାରଙ୍କ ସହ ତାଳ ଦେଇ ରାଜ୍ୟରେ ସାମୁହିକ ବିକାଶ ନିମନ୍ତେ ପ୍ରଚେଷ୍ଟା କରୁଛନ୍ତି। ଫଳରେ ଓଡ଼ିଶାରେ ବିଦେଶ ଓ ଜାତୀୟସ୍ତରରୁ ବ୍ୟାପକ ପୁଞ୍ଜି ନିବେଶ ହେବାକୁ ଯାଉଛି। ସାମଗ୍ରିକ କ୍ଷେତ୍ରରେ ସମୃଦ୍ଧି ପାଇଁ ଓଡିଶା ସରକାର ଓ ମୁଖ୍ୟମନ୍ତ୍ରୀ ବ୍ୟାପକ ପ୍ରଚେଷ୍ଟା ଚଳାଇଛନ୍ତି। ମୋଦୀଜୀଙ୍କ ନେତୃତ୍ୱ ଯୋଗୁଁ ପୂର୍ବ ଭାରତ ବିକାଶରେ ଓଡିଶା ସର୍ବାଗ୍ରେ ଅଛି। କିନ୍ତୁ ଖଣି ଦୁର୍ନୀତିରେ ସାମିଲ ଥିବା ବିଜେଡି ଏବେ ରାଜ୍ୟର ଖଣିଜ ସମ୍ପଦ ପାଇଁ କୁମ୍ଭୀର କାନ୍ଦଣା କାନ୍ଦୁଛି।

# ନଭେମ୍ବର ୧୩ ରୁ କଳିଙ୍ଗ ପୁସ୍ତକ ମେଳା

**ଭୁବନେଶ୍ୱର,୭।୯ (ମହାଭାରତ):** ୨୯ ତମ କଳିଙ୍ଗ ପୁସ୍ତକ ମେଳା ଚଳିତ ବର୍ଷ ନଭେମ୍ବର ୧୩ ତାରିଖରୁ ଆରମ୍ଭ ହୋଇ ୨୨ ତାରିଖ ପର୍ଯ୍ୟନ୍ତ ଚାଲିବ। ରାଜଧାନୀର ୟୁନିଟ-୩ସ୍ଥିତ ପ୍ରଦର୍ଶନୀ ପଡିଆଠାରେ ଆୟୋଜିତ ହେବାକୁ ଥିବା ଏହି ୧୦ ଦିନିଆ ପୁସ୍ତକ ପର୍ବରେ ରାଜ୍ୟ ତଥା ଦେଶର ୩୦୦ରୁ ଉର୍ଦ୍ଧ୍ୱ ଅଗ୍ରଣୀ ପ୍ରକାଶନୀ ସଂସ୍ଥାଙ୍କ ସହ ବହୁ ସଂଖ୍ୟାରେ ପୁସ୍ତକ ବିତରକ, ବିକ୍ରେତା ଏବଂ ଶିକ୍ଷାନୁଷ୍ଠାନ ସମ୍ବନ୍ଧୀୟ ଅନୁଷ୍ଠାନମାନ ଅଂଶଗ୍ରହଣ କରିବେ। ଏଥିସହିତ ପୁସ୍ତକ ମେଳା ମଂଚରେ ସାହିତ୍ୟ ତଥା ଶିକ୍ଷା ସମ୍ବନ୍ଧୀୟ କାର୍ଯ୍ୟକ୍ରମମାନ ଆୟୋଜନ ହେବ। ସନ୍ଧ୍ୟାରେ ସ୍କୁଲ କଲେଜର ଛାତ୍ରଛାତ୍ରୀ ଏବଂ ଅନୁଷ୍ଠାନ ମାନଙ୍କ ଦ୍ୱାରା ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତାମାନ ଅନୁଷ୍ଠିତ ହୋଇ କୃତି ପ୍ରତିଯୋଗୀଙ୍କୁ ସନ୍ଧ୍ୟାରେ ପୁରସ୍କାର ବିତରଣ କରାଯିବ। ଆସନ୍ତା ନଭେମ୍ବର ୧ ତାରିଖ ଠାରୁ ପୁସ୍ତକମେଳା କାର୍ଯ୍ୟାଳୟ ଠାରେ ନାମ ପଞ୍ଜିକରଣ ଆରମ୍ଭ ହେବ। ଓଡ଼ିଆ ସାହିତ୍ୟର ୧୦ଗୋଟି ବିଭାଗ ଯଥା, ପ୍ରବନ୍ଧ, ଉପନ୍ୟାସ, ନାଟକ, ଧର୍ମ, ଶିଶୁ ସାହିତ୍ୟ, କବିତା, ଗଳ୍ପ, ବିଜ୍ଞାନ, ଅନୁବାଦରେ ଶ୍ରେଷ୍ଠ ବିବେଚିତ ପୁସ୍ତକକୁ ପୂର୍ଣ୍ଣେନ୍ଦୁ ମିଶ୍ର ସ୍ମୃତି ସ୍ମାରକୀ ମ□ରେ କଳିଙ୍ଗ ପୁସ୍ତକ ମେଳା ସମ୍ମାନ-୨୦୨୬ରେ ସମ୍ମାନିତ କରାଯିବ। ଏନେଇ ଆଗ୍ରହୀ ଲେଖକ/ଲେଖିକା, ପ୍ରକାଶନୀ ସଂସ୍ଥାଙ୍କ ଠାରୁ ପୁସ୍ତକ ଆହ୍ୱାନ କରାଯାଉଛି। ପୁସ୍ତକଟି ୨୦୨୪ରୁ ୨୦୨୬ ମଧ୍ୟରେ ପ୍ରକାଶିତ ହୋଇଥିବା ଆବଶ୍ୟକ। ଆସନ୍ତା ଅକ୍ଟୋବର ୨୦ ତାରିଖ ପୂର୍ବରୁ ପୁସ୍ତକର ୩ ଖଣ୍ଡ କପି ସହିତ ଲେଖକ/ଲେଖିକାଙ୍କ ସଂକ୍ଷିପ୍ତ ବିବରଣୀ ଓ ସମ୍ପୂର୍ଣ୍ଣ ଯୋଗାଯୋଗ ଠିକଣା ସହ ଆମ ନିକଟରେ ପହଂଚିବା ଆବଶ୍ୟକ। ୨୯ ବର୍ଷରେ ପଦାର୍ପଣ କରିଥିବା ଏହି ସୁନାମଧନ୍ୟ ଅନୁଷ୍ଠାନର ସାରସ୍ୱତ, ସାଂସ୍କୃତିକ ମହାମିଳନର ପର୍ବ କଳିଙ୍ଗ ପୁସ୍ତକ ମେଳା ରାଜଧାନୀର ଅନ୍ୟତମ ଆକର୍ଷଣର କେନ୍ଦ୍ରବିନ୍ଦୁ ହେବ। ପୁସ୍ତକ ମେଳାରେ ଅଂଶଗ୍ରହଣ କରିବାକୁ ଚାହୁଁଥିବା ପ୍ରକାଶନୀ ସଂସ୍ଥା, ପୁସ୍ତକ ବିତରକ, ବିକ୍ରେତା, ଶିକ୍ଷାନୁଷ୍ଠାନ, ସରକାରୀ ଓ ବେସରକାରୀ ଅନୁଷ୍ଠାନ ମାନେ ପ୍ଲଟ ନମ୍ବର - ୧୦/ଏ, ଷ୍ଟେସନ ସ୍କୋୟାର, ଖାରବେଳ ନଗର, ଭୁବନେଶ୍ୱର ଠିକଣାରେ ସାକ୍ଷାତ କରିବେ କିମ୍ବା ୯୯୩୭୪୫୨୨୦୯, ୭୯୭୮୬୩୧୯୨୦ ନମ୍ବରରେ ଯୋଗାଯୋଗ କରି ଷ୍ଟଲ ବୁକିଂ କରିପାରିବେ।

# ବାଲ୍ୟବିବାହ ବିରୋଧୀ ଲଢ଼େଇରେ ଓଡ଼ିଶା

**ଭୁବନେଶ୍ୱର,୭।୯ (ମହାଭାରତ):** ବାଲ୍ୟବିବାହ ବିରୋଧରେ ଭାରତର ଲଢ଼େଇକୁ ଏକ ବଡ଼ ବିଶ୍ୱସ୍ତରୀୟ ସମର୍ଥନ ମିଳିଛି, ଯେଉଁଥିରେ ଜାତିସଂଘ(ୟୁଏନ) ନଭେମ୍ବର ୨୭ କୁ ବାଲ୍ୟବିବାହ, ଶୈଶବ ଏବଂ ଜବରଦସ୍ତ ବିବାହ ବିଲୋପ ପାଇଁ ଆ'ର୍ଜାତୀୟ ଦିବସ ଭାବେ ଘୋଷଣା କରିଛି । ଭାରତ ପାଇଁ ଏହି ତାରିଖଟି ଏକ ସ୍ୱତନ୍ତ୍ର ମହତ୍ୱ ବହନ କରେ କାରଣ ୨୦୨୪ ମସିହାର ଏହିଦିନ ଭାରତ ସରକାର 'ବାଲ୍ୟବିବାହ ମୁକ୍ତ ଭାରତ' ଅଭିଯାନ ଆରମ୍ଭ କରିଥିଲେ। 'ଜଷ୍ଟ ରାଇଟ୍ସ ଫର ଚିଲ୍‌ଡ୍ରେନ୍' (ଜେଆରସି) ର ପ୍ରତିଷ୍ଠାତା ଭୁବନ ରିଭୁ, ବାଲ୍ୟବିବାହ ଉଚ୍ଛେଦ କରିବା ପାଇଁ ଏକ ଉତ୍ସର୍ଗୀକୃତ ଦିବସ ନିମେ' ଆ'ର୍ଜାତୀୟ ସ୍ତରରେ ପ୍ରଚେଷ୍ଟା ଆରମ୍ଭ କରିଥିଲେ । ୨୦୨୬ ମାର୍ଚ୍ଚ ମାସରେ ମିଳିତ ଜାତିସଂଘରେ ଦେଇଥିବା ଅଭିଭାଷଣ ସମୟରେ, ଭୁବନ ରିଭୁ ଆଫ୍ରିକୀୟ ଦେଶ ସିଏରା ଲିଓନର ପ୍ରଥମ ମହିଳା (ଫାଷ୍ଟ ଲେଡି) ଡକ୍ଟର ଫାତିମା ମାଡା ବାୟୋଙ୍କ ସମେତ ଅନ୍ୟାନ୍ୟ ଆ'ର୍ଜାତୀୟ ନେତାମାନଙ୍କ ଉପସ୍ଥିତିରେ ଏକ ଜାତିସଂଘ ପ୍ରସ୍ତାବ ପାଇଁ ଆହ୍ୱାନକୁ ପୁନର୍ବାର ଦୋହରାଇଥିଲେ, ଯେଉଁମାନେ ଏହି ପଦକ୍ଷେପକୁ ମଧ୍ୟ ସମର୍ଥନ କରିଥିଲେ । ପରବର୍ତୀ ସମୟରେ, ଭାରତ ସମେତ ୬୭ଟି ଦେଶର ସମର୍ଥନ କ୍ରମେ ସିଏରା ଲିଓନ, ନଭେମ୍ବର ୨୭ କୁ ବାଲ୍ୟବିବାହ ଶେଷ କରିବା ପାଇଁ ଉତ୍ସର୍ଗୀକୃତ ଅ'ର୍ଜାତୀୟ ଦିବସ ଭାବେ ମନୋନୀତ କରିବା ଲକ୍ଷ୍ୟରେ ଜାତିସଂଘ ମହାସଭାରେ ଏକ ସଂକଳ୍ପ ଉପସ୍ଥାପନ କରି ଏହି ପ୍ରଚେଷ୍ଟାର ନେତୃତ୍ୱ ନେଇଥିଲେ । ସେପ୍ଟେମ୍ବର ୪ ତାରିଖରେ, ଜାତିସଂଘ ଏହି ସଂକଳ୍ପକୁ ଅନୁମୋଦିତ କରିଥିଲା। ଜେଆରସି ହେଉଛି ବିଶ୍ୱର ସର୍ବବୃହତ୍ ଶିଶୁ ସୁରକ୍ଷା ନେଟୱାର୍କଗୁଡ଼ିକ ମଧ୍ୟରୁ ଅନ୍ୟତମ ଏବଂ ଏହା ଆଇନ, ଉତ୍ତରଦାୟିତ୍ୱ ଏବଂ ସାମୂହିକ କାର୍ଯ୍ୟାନୁଷ୍ଠାନ ମାଧ୍ୟମରେ ଶିଶୁ ବିବାହକୁ ସମାପ୍ତ କରିବା ପାଇଁ 'ଚାଇଲ୍ଡ ମ୍ୟାରେଜ୍ ଫ୍ରି ୱାର୍ଲ୍ଡ' ଅଭିଯାନର ନେତୃତ୍ୱ ନେଉଛି। ଜେଆରସି ଶିଶୁମାନଙ୍କୁ ସୁରକ୍ଷା ଦେବା ପାଇଁ ଦାୟୀ ସମସ୍ତ ହିତାଧିକାରୀଙ୍କୁ ଏକାଠି କରିବା ଦିଗରେ କାର୍ଯ୍ୟ କରେ।

# ମହିଳାଙ୍କୁ ସୁରକ୍ଷା ପ୍ରଦାନରେ ସରକାର ସମ୍ପୂର୍ଣ୍ଣ ବିଫଳ

**ଭୁବନେଶ୍ୱର,୭।୯ (ମହାଭାରତ):** ରାଜ୍ୟରେ ମହିଳାମାନଙ୍କୁ ସୁରକ୍ଷା ପ୍ରଦାନରେ ରାଜ୍ୟ ବିଜେପି ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି ବୋଲି ଅଭିଯୋଗ କରି ବିଜୁ ଜନତା ଦଳ ଆଜି ରାଜ୍ୟ ସରକାରଙ୍କ ଉପରେ ବର୍ଷିଛି । ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ, ବିଜୁ ଜନତା ଦଳର ସାଧାରଣ ସମ୍ପାଦିକା ଶ୍ରୀମତୀ ଗୀତା ବସ୍ତିଆ ଓ ଜଗତସିଂହପୁର ଜିଲ୍ଲା ମହିଳା ସଭାପତି ଶ୍ରୀମତୀ ଲୋରା ମହାପାତ୍ର ରାଜ୍ୟରେ ମହିଳା ସୁରକ୍ଷା ବିପର୍ଯ୍ୟସ୍ତ ହୋଇ ପଡିଛି ବୋଲି ଅଭିଯୋଗ କରିଥିଲେ । ଶ୍ରୀମତୀ ଗୀତା ବସ୍ତିଆ କହିଥିଲେ, ରାଜ୍ୟରେ ମହିଳାମାନଙ୍କର ସୁରକ୍ଷା ଆଜି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ସାମାଜିକ ଗଣମାଧ୍ୟମରେ ନିଜ ମତ ରଖିବାରେ ସକ୍ରିୟ ଥିବା ଶ୍ରାବଣୀ ପ୍ରିୟଦର୍ଶିନୀଙ୍କୁ ଦୁଇ ଜଣ ଅସାମାଜିକ ବ୍ୟକ୍ତି ନିୟମିତ ଭାବେ ଗାଳିଗୁଲଜ କରୁଛନ୍ତି ଓ ଅଶାଳୀନ ମନ୍ତବ୍ୟ ଦେଉଛନ୍ତି । ସାମାଜିକ ଗଣମାଧମରେ ତାଙ୍କର ଚରିତ୍ର ସଂହାର କରୁଥିବା ଯୁବକମାନଙ୍କ ବିରୋଧରେ ଶ୍ରାବଣୀ ଏକ ଏଫ୍ଆଇଆର୍ ଦେଇଛନ୍ତି । କିନ୍ତୁ, ଦୁଇ ମାସ ବିତି ଯାଇଥିଲେ ସୁଦ୍ଧା ତାଙ୍କୁ ନ୍ୟାୟ ଦିଆଯାଇ ନାହିଁ । ଶ୍ରାବଣୀ ବର୍ତ୍ତମାନ ଗୋଟିଏ ମାନହାନୀ ମାମଲା କରିଛନ୍ତି । କିନ୍ତୁ, ଏଥିରେ ମଧ ତାଙ୍କୁ କୌଣସି ସୁଫଳ ମିଳିପାରି ନାହିଁ । ଶ୍ରୀମତୀ ଲୋରା ମହାପାତ୍ର କହିଥିଲେ, ଦୁଃଖ ଓ ପରିତାପର ବିଷୟ ଯେ ରାଜ୍ୟରେ ମହିଳାମାନଙ୍କ ଅଧିକାରକୁ ଚାପି ଦିଆଯାଉଛି । ଶ୍ରାବଣୀ ଜଣେ ଉଚ୍ଚଶିକ୍ଷିତା ମହିଳା ହୋଇଥିବା ବେଳେ ତାଙ୍କ ବିରୋଧରେ ଦୁଇ ଜଣ ଯୁବକ ଅଶାଳୀନ ମନ୍ତବ୍ୟ ଦେଇ ତାଙ୍କ ଚରିତ୍ର ସଂହାର କରି ଚାଲିଛନ୍ତି । ସେ ଏଫ୍ଆଇଆର୍ ଦେଇଛନ୍ତି, କିନ୍ତୁ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ନେଉ ନାହିଁ । କାହା ଚାପରେ ପୋଲିସ ନିରବ ରହିଛି । ରାଜ୍ୟ ବିଜେପି ସରକାର ମହିଳା ମାନଙ୍କୁ ସୁରକ୍ଷା ପ୍ରଦାନ କରିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି । ମହିଳାଙ୍କ ବାକ ସ୍ୱାଧୀନତା ଯଦି ନରହିବ ତାହେଲେ ମହିଳା ମାନେ ସଶକ୍ତ ହେବେ କିପରି ? ବିଜେପି ନାରୀ ବନ୍ଦନା କଥା କହୁଛି । ଏହା କଣ ତାଙ୍କର ନାରୀ ଶକ୍ତି ବନ୍ଦନା । ରାଜ୍ୟରେ ମହିଳାଙ୍କ ବିରୋଧରେ ଅପରାଧ ଅହେତୁକ ବୃଦ୍ଧି ପାଇଛି । ବିଜେପି କ୍ଷମତାକୁ ଆସିବା ପରେ, ଗତ ଦୁଇ ବର୍ଷରେ ରାଜ୍ୟରେ ୪୧, ୦୦୦ରୁ ଉଦ୍ଧ୍ୱର୍ ମହିଳା ନିର୍ଯାତନା ଓ ବିଭିନ୍ନ ଅପରାଧର ଶିକାର ହୋଇଛନ୍ତି । ରାଜ୍ୟ ସରକାର ତୁରନ୍ତ ଶ୍ରାବଣୀଙ୍କୁ ନ୍ୟାୟ ପ୍ରଦାନ କରନ୍ତୁ ।



# ଖ୍ୱିମଜି ନୂଆ ହିମାଳୟାନ ୪୪୦ର ଶୁଭାରମ୍ଭ

**ଭୁବନେଶ୍ୱର,୭।୯ (ମହାଭାରତ):** ଖ୍ୱିମଜି ଅଟୋମୋବାଇଲସ ଏଲ୍ଏଲ୍‌ପି ଫୁଲନଖରା, କଟକ ପକ୍ଷରୁଶନିବାର ଦିନ ନୂଆହିମାଳୟାନ ୪୪୦ ଉନ୍ମୋଚନ କରାଯାଇଛି ।ସେଂଚୁରିଅନ୍ ବିଶ୍ୱ ବିଦ୍ୟାଳୟରସ୍କୁଲ୍ ଅଫ୍ ଅଟୋମୋବାଇଲ୍ ଡିଜାଇନ୍‌ର ନିର୍ଦ୍ଦେଶକ ପ୍ରଫେସର ରଥୀଶ ନାୟାର, ସେଂଚୁରିଅନ୍ ବିଶ୍ୱ ବିଦ୍ୟାଳୟର ଡିନ୍ ପ୍ରଫେସର ଫିଲିପ୍ଏସଙ୍କ ଭଳି ଅତିଥିମାନଙ୍କ ଉପସ୍ଥିତିରେ ଏହି ଉନ୍ମୋଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ନୂଆ ହିମାଳୟାନ ୪୪୦ ସେହି ପ୍ରାରମ୍ଭିକ ଦୂରଦୃଷ୍ଟି କେତେ ଦୂର ବିକଶିତ ହୋଇଛି ତାହାର ଏକ ପ୍ରମାଣଭାବରେ ଦଣ୍ଡାୟମାନ ହୋଇଛି ।ଏହା ପ୍ରଥମ ମଡେଲକୁ ପ୍ରତିଷ୍ଠିତକରିଥିବା ଆଇକନିକ୍ ଡିଜାଇନ୍ ଓ ଆରାମଦାୟକ ରାଇଡର ଟ୍ରାଏଙ୍ଗଲକୁ ବଜାୟ ରଖିଛି, ଯାହାସହିତ ଅଧିକ ସ୍ଥାୟୀତ୍ୱ, ବହୁମୁଖୀ ବ୍ୟବହାର ଓ ଟୁରିଂ ଆରାମ ପାଇଁ ଏକ ଉନ୍ନତ ୪୪୩ସିସି ଲଙ୍ଗଷ୍ଟ୍ରୋକ୍ ଇଞ୍ଜିନ୍, ଏକ ନୂଆ ଛଅ ସ୍ପିଡ ଟ୍ରାନ୍ସମିସନ୍ ଓ ଯାନ୍ତ୍ରିକସୁଧାର ପ୍ରଦାନ କରୁଛି ।

# ପ୍ରକୃତିର ଭୀଷଣ ରୂପ

ଯେତେବେଳେ ପ୍ରକୃତି ଭୀଷଣ ରୂପ ନେଇଥାଏ ସେତେବେଳେ ମନୁଷ୍ୟର ସମସ୍ତ ବୁଦ୍ଧି, ଜ୍ଞାନ, ବିଜ୍ଞାନ ବେକାର ହୋଇଯାଏ। ପ୍ରକୃତି ଆଗରେ ମଣିଷ କେତେ ଅସହାୟ ଏବଂ ମଣିଷର ଶକ୍ତି କେତେ ସୀମିତ ତାହା ନେପାଳ ବିପର୍ଯ୍ୟୟର ପ୍ରମାଣିତ ହୋଇଛି। ନେପାଳ-ଚୀନ ସୀମାରେ ଏକ ବିରାଟ ବରଫ ଖଣ୍ଡ ହଠାତ ଫାଟିଯିବା ଫଳରେ ଏହା ଏକ ନଦୀରେ ବନ୍ୟା ଭାବେ ମାଡ଼ି ଆସିଲା। ଏତେ କମ ସମୟ ମଧ୍ୟରେ ଏହା ଜନବସତିକୁ ମାଡ଼ି ଆସିଲା ଯେ, କିଛି ବୁଝିବା ପୂର୍ବରୁ ଏହା ସବୁ କିଛି ଧୋଇନେଲା। ମାତ୍ର କେଇ ମିନିଟ ମଧ୍ୟରେ ଧ୍ୱଂସର ତାଣ୍ଡବ ଲୀଳା ସୃଷ୍ଟି ହେଲା। କୋଠାବାଡ଼ି, ସେତୁ ଆସି ତାସ ଘର ପରି ଭାଙ୍ଗିପଡ଼ିଲା। ରାସ୍ତାରେ ଯାଉଥିବା ଶହ ଶହ ଗାଡ଼ି ସୋଲ ଭଳି ଭାସିଗଲା। ଅନେକ ଲୋକ ସୁଅ ମୁହଁର ପତର ପରି ଜଳସ୍ରୋତରେ ଭାସିଗଲେ। ଏଥିରେ କେତେକ ଲୋକଙ୍କ ଜୀବନହାନୀ ହୋଇଛି ତାହା ଆକଳନ କରିବା କଷ୍ଟକର। ସରକାରୀ ଭାବେ ଏବେ ସୁଦ୍ଧା ଦେଢ଼ଶହରୁ ଅଧିକ ମୃତ ଏବଂ ୪ଶହରୁ ଅଧିକ ନିଖୋଜ ବୋଲି କୁହାଯାଉଛି। ବାସ୍ତବ ସଂଖ୍ୟା ଏହାଠାରୁ ଢେର ଅଧିକ ହେବ। ତେବେ ନେପାଳ-ଚୀନ ସୀମାରେ ଏପରି ବରଫ ଫାଟିବାର କାରଣ କ'ଣ ହୋଇପାରେ ? ଅତୀତରେ କେବେ ଏପରି ହୋଇଥିଲା କି ? ଏଭଳି ବରଫ ଅତଡ଼ା ଧସିବା ଅତୀତରେ ବିଶ୍ୱର କେଉଁଠି ନା କେଉଁଠି ହୋଇଛି। କିନ୍ତୁ ନେପାଳରେ କେବେ ଏହା ହୋଇନଥିଲା। ବରଫ ଅତଡ଼ା ଧସିବାର ନଜିର ନାହିଁ। ନେପାଳ-ଚୀନ ସୀମାରେ ଏପରି ବରଫ ଧସିବାର କାରଣ ହେଲା ଜଳବାୟୁ ପରିବ□ନ ଏବଂ ଉ□ାପ ବୃଦ୍ଧି। ବାୟୁ ମଣ୍ଡଳର ତାପମାତ୍ରା ବୃଦ୍ଧି ହେତୁ ଏପରି ବରଫ ଧସି ଥାଏ। ତାପମାତ୍ରା ବୃଦ୍ଧିରୁ ହଠାତ ବା ଗୋଟିଏ ଦିନରେ ଏହାର ପ୍ରଭାବ ଅନୁଭବ କରାଯାଇନଥାଏ। ଧିରେ ଧିରେ ଏହାର ପ୍ରଭାବ ଅନୁଭବ କରାଯାଏ ଏବଂ ଏମିତି ଗୋଟିଏ ଦିନ ଆସେ ଯେଉଁଦିନ ପ୍ରକୃତି ଭୟଙ୍କର ରୂପ ନେଇଥାଏ। ବିଶ୍ୱର ପାଣିପାଗ ବିଶେଷଜ୍ଞ ଏବଂ ବୈଜ୍ଞାନିକମାନେ ବାରମ୍ବାର ଏହା ଚେତେଇ ଦେଇଛନ୍ତି ଏବଂ ପ୍ରକୃତି ସହ ନଖେଳିବାକୁ କହିଛନ୍ତି। କିନ୍ତୁ ମଣିଷ ତତ୍କାଳ ଲାଭ ପାଇଁ ପ୍ରକୃତି ସହ ଖେଳୁଛି। ପ୍ରଦୂଷଣ ସମସ୍ୟା ଏବେ ଏତେ ମାତ୍ରାରେ ବଢ଼ିଯାଇଛି ଯେ, ଏହା ଫଳରେ ବାୟୁର ତାପମାତ୍ରା ଅସ୍ୱାଭାବିକ ଭାବେ ବୃଦ୍ଧି ପାଇଛି ଏବଂ ଏପରି ବରଫ ଅତଡ଼ା ଧସୁଛି। ପୃଥିବୀର ବାୟୁମଣ୍ଡଳ ତାପମାତ୍ରା ବୃଦ୍ଧି ହେତୁ ମେରୁରେ ବରଫ ତରଳୁଛି ଏବଂ ସମୁଦ୍ରର ଜଳସ୍ତର ବୃଦ୍ଧି ପାଉଛି। ଏହା ଫଳରେ ବିଶ୍ୱର ଅନେକ ଅଞ୍ଚଳ ବିଶେଷ କରି ସମୁଦ୍ରକୂଳରେ ଥିବା ବଡ଼ ବଡ଼ ନଗରୀ ଜଳାର୍ଣ୍ଣବ ହେବ। ଗୋଟିଏ ଦିନରେ ଏହି ପରିବ□ନ ହେବ ନାହିଁ। ଧିରେ ଧିରେ ଏହି ବିବ□ନ ହେଉଛି। ଏହାକୁ ରୋକିବାର ଏକମାତ୍ର ଉପାୟ ହେଲା ସବୁ ସ୍ତରରେ ପ୍ରଦୂଷଣକୁ ରୋକିବା, ଶିଳ୍ପାୟନରେ ଲଗାମ ଲଗାଇବା। ଏହା ସହିତ ପରମାଣୁ ପରୀକ୍ଷଣ, ମିସାଇଲ ପରୀକ୍ଷଣକୁ ମଧ୍ୟ ବନ୍ଦ କରିବାକୁ ପଡ଼ିବ। କିଏ ଜାଣିଲା ଚୀନର ଗୁପ୍ତ ପରମାଣୁ ପରୀକ୍ଷଣ ଯୋଗୁ ଏହା ନହୋଇଥିବ ବୋଲି ? ଆଜି ଆମେରିକା ଓ ଇରାନ ମଧ୍ୟ ଯୁଦ୍ଧ ଚାଲିଛି। ରଷିଆ ଓ ୟୁକ୍ରେନ ପରସ୍ପର ବିରୋଧରେ ଭୟଙ୍କର ଯୁଦ୍ଧାସ୍ତ୍ର ପ୍ରୟୋଗ କରୁଛନ୍ତି। ଏହାର ପରିଣାମ ସାରା ବିଶ୍ୱକୁ ଭୋଗିବାକୁ ପଡୁଛି। ଏହାର ପ୍ରଭାବ ଏକ ନିର୍ଦ୍ଦିଷ୍ଟ ଭୌଗଳିକ ସୀମା ଭିତରେ ସୀମିତ ନୁହେଁ। ଆଜି ନେପାଳରେ ଯେଉଁ ବିପର୍ଯ୍ୟୟ ହେଲା ସେହି ପ୍ରକ୍ରିୟା ଅନେକ ଦିନ ତଳୁ ଆରମ୍ଭ ହୋଇଥିବ। ଏବେ କେବଳ ଖାଲି ଆକିରେ ତାହା ଦୃଶ୍ୟମାନ ହେଲା। କାଲି ହୁଏତ ଆଉ କିଛି ବଡ଼ ବିପର୍ଯ୍ୟୟ ସୃଷ୍ଟି ହୋଇପାରେ।

# ସୋସିଆଲ ମିଡ଼ିଆ ଓ ଟ୍ରେଡିଂ ଆପ୍ ଠକେଇ

॥ ଯୁଧିଷ୍ଠିର ମହାରଣା ॥

> *ଟ୍ରେଡିଂରେ ନିବେଶ ନିଶାରେ କୋଟି କୋଟି ଲୋକ ଉବୁଟୁବୁ ହେଉଛନ୍ତି। ଯାହାର ଫାଇଦା ପଠାଉଛନ୍ତି ସାଇବର ଅପରାଧୀ। ନକଲି ଟ୍ରେଡିଂ ଆପକୁ ଅସ୍ତ୍ର କରୁଛନ୍ତି। ସନ୍ଦେହଜନକ ୱେବସାଇଟ ଓ ବିଭିନ୍ନ ସୋସିଆଲ ମିଡ଼ିଆ ପ୍ଲାଟଫର୍ମରେ ଜାଲ ବିଛାଉଛନ୍ତି। ଅଧିକ ଟଙ୍କା ଫେରସ୍ତ ପ୍ରଲୋଭନରେ ଥୋପ ପକାଇ କୋଟି କୋଟି ଟଙ୍କା ଲୁଟି ନେଉଛନ୍ତି। ଗଲ ୪ ମାସରେ ଭାରତୀୟମାନେ ହରାଇଲେଣି ୧୭୫୦ କୋଟି ଟଙ୍କା। ୪ ଦିନ ତଳେ ନଭି ମୁମ୍ବାଇ ଜଣେ ବ୍ୟବସାୟୀ ଟ୍ରେଡିଂ ସ୍କାମରେ ଫସି ୧.୦୭ କୋଟି ଟଙ୍କା କ୍ଷତି ସହିଛନ୍ତି।*

ଘରେ ବସି କମ ସମୟରେ ଟଙ୍କା ରୋଜଗାର କରିବାକୁ ଚାହୁଁଛନ୍ତି ? ଏଥିପାଇଁ ବିଶେଷ ପରିଶ୍ରମ କରିବାକୁ ପଡ଼ିବ ନାହିଁ। କାହାକୁ କିଛି ଅର୍ଥ ଦେବାକୁ ପଡ଼ିବ ନାହିଁ। ଘରେ ବସି ମାସିକ ୫୦୦ରୁ ୫୦,୦୦୦ ଟଙ୍କା ରୋଜଗାର କରିପାରିବେ। କେବଳ ସ୍ମାର୍ଟଫୋନ ଥିଲେ ଯଥେଷ୍ଟ। ଆପଣଙ୍କୁ କେବଳ ଏକ ଭିଡ଼ିଓ ଲିଙ୍କ ପଠାଯିବ। ସେହି ଭିଡ଼ିଓକୁ ଆପଣ ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ଲାଇକ, ସେୟାର ଓ କମେଣ୍ଟ କରିବେ। ଯଦି ଏହି ସୁଯୋଗର ଲାଭ ଉଠେଇବାକୁ ଚାହୁଁଛନ୍ତି ତେବେ ଆମର ହ୍ୱାଟସଆପ୍ ନମ୍ବର ୯୨୩୩୩୩୩୩୩୩ରେ ଜଏନ କରନ୍ତୁ। ଏପରି ବିଜ୍ଞାପନ ଆଜିକାଲି ସମସ୍ତଙ୍କ ଫେସବୁକ ଓ ହ୍ୱାଟସପଆପକୁ ଆସୁଛି। ରୋଜଗାର ଆଶାୟୀ ଯୁବକଯୁବତୀ ଓ ଗୃହିଣୀ ଘରେ ବସି ଅର୍ଥ ହାସଲ କରିବା ଲାଳସାରେ ସାଇବର ଅପରାଧୀଙ୍କ ଜାଲରେ ପଡ଼ି କାଙ୍ଗାଳ ହୋଇ ଯାଉଛନ୍ତି। ପ୍ରଥମେ କିଛି ଟଙ୍କା ପଠାଇ ପରେ ସେମାନଙ୍କ ଠାରୁ ଲକ୍ଷାଧିକ ଟଙ୍କା ଲୁଟି ନେଉଛନ୍ତି ଠକ। ଏହାକୁ ଟେଲିଗ୍ରାମ ଠକେଇ କୁହାଯାଉଥିବା ବେଳେ ଆହୁରି ବିଭିନ୍ନ ଧରଣର ଘଟଣା ମଧ୍ୟ ସାମ୍ନାକୁ ଆସୁଛି। ଆପଣ ବିଶ୍ୱାସରେ ଟଙ୍କା ପଠାଇ ଚାଲନ୍ତି ଏବଂ ଆପଣଙ୍କ ନିବେଶ ବଢ଼ିବାରେ ଲାଗେ। ଯେତେବେଳେ ଲକ୍ଷାଧିକ ଟଙ୍କା ପୈଠ କରିବା ପରେ ଆପଣ ଟଙ୍କା ଉଠାଇବାକୁ ଚାହିଁବେ ହଠାତ ରାତାରାତି ସେଇ ସାଇଟ ବନ୍ଦ ହୋଇଯିବ। ନ ହେଲେ ଦେଖାଇବ ନଟ ରେସପଣ୍ଡିଙ୍ଗ, ଦ ସରଭର ଇଜ ଅଣ୍ଡର ପ୍ରୋସେସ। ଆପଣ ପୁଣି ଏହାକୁ ଲଗ ଇନ କରିବାକୁ ଚେଷ୍ଟା କରିବେ ଏହି ପର୍ଯ୍ୟାୟ ଚାଲୁଥିବା ସମୟ ଭିତରେ ଠକମାନେ ସେମାନଙ୍କ ସଂସ୍ଥା ବନ୍ଦ କରି ସାରିଥିବେ।

ରାତାରାତି ବଡ଼ଲୋକ ହେବା ପାଇଁ ଆମ ଗହଣରେ ଥିବା ଅନେକ ଲୋକ ଇଚ୍ଛା ରଖନ୍ତି। ବିନା ପରିଶ୍ରମରେ ଘରେ ବସି କିପରି ଗୋଡ଼ ଲମ୍ବାଇ ବଡ଼ ଲୋକ ହୋଇଯିବ ଏହି ଚିନ୍ତାଧାରା ହିଁ କିଛି ଲୋକଙ୍କ ପାଇଁ କେବଳ ବିପଜ୍ଜନକ ସାବ୍ୟସ୍ତ ହୋଇନଥାଏ ବରଂ ଜଣ ଜଣଙ୍କୁ ଅର୍ଥସ୍ୱାନ୍ତକରି କାଙ୍ଗାଳ କରିଦିଏ। ଆଉ କେହି କେହି ଅନ୍ୟ ବ୍ୟକ୍ତି ବା ସଂସ୍ଥା ଠାରୁ ଆଣିଥିବା କରଜ ସୁଝିବା ପାଇଁ ନିଜ ମୂଲ୍ୟବାନ ଜୀବନକୁ ହାରିବା ପାଇଁ ବାଧ ହୋଇଥାନ୍ତି। ସାଇବର ଠକମାନେ ଅନଲାଇନ ଟ୍ରେଡିଂ ନାମରେ କୋଟି କୋଟି ଟଙ୍କା ଲୁଟ କରି ଅନେକଙ୍କୁ ରାସ୍ତା କଡ଼ରେ ଭିକାରୀ କରିଦେଉଥିଲେ ମଧ୍ୟ ଏ ଖବରକୁ ଲୋକମାନେ ଗଣମାଧ୍ୟମରୁ ଜାଣିବା ସତ୍ତ୍ୱେ ନିଜକୁ ସୁଧାରି ପାରୁନାହାଁନ୍ତି। ଆଜିକାଲି ଠକମାନେ ଅନଲାଇନର ବଡ଼ ସାହାଯ୍ୟ ନେଉଛନ୍ତି। କାରଣ ସୂଚନା ପ୍ରଯୁକ୍ତିର ଅତ୍ୟାଧୁନିକ କୌଶଳ ଏଥିରେ ରହିଥିବାରୁ ଲୋକମାନଙ୍କ ପାଖକୁ ପ୍ରତିଦିନ ସେମାନଙ୍କ ହାତ ପାଖରେ ଥିବା ମୋବାଇଲ ଫୋନକୁ ଅନେକ ମିଛ ପ୍ରଲୋଭନର ସୂଚନା ଆସୁଛି। ଲୋକମାନେ ଏ ସମ୍ପନ୍ଧରେ କୌଣସି ତଦନ୍ତ ନକରି ବା ଭଲ ଭାବେ କୌଣସି ତଥ୍ୟ ସଂଗ୍ରହ ନକରି କିପରି ଇଜି ମନି ରୋଜଗାର ଦ୍ୱାରା ବଡ଼ଲୋକ ହୋଇଯିବେ ଏହି ଚିନ୍ତାଧାରା ହିଁ ସେମାନଙ୍କୁ ତଳିତଳାନ୍ତ କରିଦେଉଛି।

ସାଇବର ଠକେଇ ଦିନକୁ ଦିନ ବଢ଼ି ଚାଲୁଥିବାବେଳେ ପୋଲିସ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଛି। ଏଭଳି ଠକଙ୍କୁ ମଧ୍ୟ ଧରିବା ସହଜ ହେଉନାହିଁ। ଏହି ଠକମାନେ ଅନଲାଇନ ଟ୍ରେଡିଂକୁ ମାଧ୍ୟମ କି ସମ୍ପ୍ରତି ସକ୍ରିୟ ହୋଇପଡ଼ିଛନ୍ତି। ଅନଲାଇନ ଟ୍ରେଡିଂ କରୁଥିବା ବ୍ୟକ୍ତିଙ୍କ ଟାର୍ଗେଟ କରି ସାଇବର ଠକମାନେ ଲୁଟି ଚାଲିଛନ୍ତି। ଦ୍ୱୈତନଗରୀ କଟକ-ଭୁବନେଶ୍ୱରରେ ମଧ ଏଭଳି ମାମଲା ବଢ଼ିବା ଦେଖିବାକୁ ମିଳିଲାଣି। ସାଇବର ଥାନା ସୂତ୍ରରୁ ମିଳିଥିବା ସୂଚନାନୁସାରେ ପ୍ରାୟ ୫୦ରୁ ଅଧିକ ମାମଲା ରୁଜୁ ହୋଇଛି। ଅଭିଯୋଗକାରୀମାନେ ପ୍ରାୟ ଅଧ କୋଟିରୁ ଅଧିକ ଟଙ୍କା ଠକେଇର ଶିକାର ହୋଇଛନ୍ତି। ଏହି ମାମଲାରେ କାହାକୁ ଗିରଫ କରାଯାଇନାହିଁ। କିନ୍ତୁ ତଦନ୍ତ ଜାରି ରହିଛି ବୋଲି ସାଇବର ଥାନା ପୁଲିସ ସୂଚନା ଦେଇଛି। ଅନଲାଇନ ଟ୍ରେଡିଂରେ ବହୁ ବ୍ୟବସାୟୀ ଓ ଯୁବପିଢ଼ୀ ଏହି ବ୍ୟବସାୟ କରି ଲାଭବାନ ହୋଇଥାଆନ୍ତି। ଏବେ ଏହି ବ୍ୟବସାୟକୁ ଟାର୍ଗେଟ କରିଛନ୍ତି ସାଇବର ଠକ। ଠକ ନିଜକୁ ଜଣେ ବ୍ରୋକର ଭାବେ ପରିଚୟ ଦେଇ ସୋସିଆଲ ମିଡ଼ିଆରେ ଲୋକଙ୍କ ସହ ଯୋଡ଼ି ହୋଇଥାନ୍ତି। ବିଶ୍ୱାସଭାଜନ ହେବାକୁ ନାନା ମନଭୁଲା କଥା କହିଥାଆନ୍ତି। ତା ଜରିଆରେ ଟ୍ରେଡିଂ କରି କିଭଳି ବହୁତ ଲୋକ ଲକ୍ଷ ଲକ୍ଷ ଟଙ୍କା ଲାଭ କରିଛନ୍ତି ସେ ସବୁର କାହାଣୀ ଶୁଣାନ୍ତି। ବିଶ୍ୱାସ ଜନ୍ମାଇବାକୁ ବିଭିନ୍ନ ଲୋକଙ୍କ ପୋର୍ଟଫୋଲିଓ ଦେଖାଇଥାନ୍ତି। କିନ୍ତୁ ସେ ସବୁ ନକଲି ଥାଏ। ଏହାପରେ ଠକ ବିଭିନ୍ନ ନକଲି ୱେବସାଇଟ ଜରିଆରେ ଟ୍ରେଡିଂ କରିବାକୁ ପ୍ରବର୍ତ୍ତାଇଥାନ୍ତି। ବିଭିନ୍ନ କମ୍ପାନୀର ଷ୍ଟକ, ବଣ୍ଡ, ମ୍ୟୁଚୁଆଲ ଫଣ୍ଡ ଓ ଆସେଟ ଇତ୍ୟାଦିରେ ଟଙ୍କା ବିନିଯୋଗ କରିବାକୁ ଲୋଭ ଦେଖାଇଥାନ୍ତି। ସେହିଭଳି ଅନଲାଇନ ଟ୍ରେଡିଂ ବାବଦରେ ଜାଣିବାକୁ ଇଣ୍ଟରନେଟ ସର୍ଚ୍ଚ କରୁଥିବା ବ୍ୟକ୍ତିଙ୍କୁ ମଧ ଟାର୍ଗେଟ କରନ୍ତି ଏହି ଗ୍ୟାଙ୍ଗ। ସାଇବର ଠକ ତାଙ୍କ ଆଇପି ଆଡ୍ରେସରୁ ସବୁ ତଥ୍ୟ ହାତେଇବା ପରେ ଫୋନ ନମ୍ବର ଟେଲିଗ୍ରାମ କିମ୍ବା ଅଧିକ ଟଙ୍କା ବିନିଯୋଗ କରିବାକୁ ଲୋଭ ଦେଖାନ୍ତି। କିନ୍ତୁ ଟଙ୍କା ଉଠାଇବାକୁ ମଉକା ଦିଅନ୍ତି ନାହିଁ। କେବଳ ୱେବସାଇଟରେ ଲାଭ କେତେ ହେଲା, ତାହା ଦେଖାଇ ଦିଅନ୍ତି। ଏମିତିରେ ସାଧାରଣତଃ କିଛି ବ୍ୟକ୍ତି ଲୋଭର ବଶବର୍ତ୍ତୀ ହୋଇ ଅଧିକ ପୁଞ୍ଜି ନିବେଶ କରନ୍ତି। ଏହା ଭିତରେ କେହି ଟଙ୍କା ଉଠାଇବାକୁ ଅଡ଼ି ବସିଲେ ଠକ ପାଲଟା ତାଙ୍କୁ ଧମକ ଦେଇଥାଏ। ଅଧାରୁ ଟଙ୍କା ଉଠାଇନେଲେ ମୂଳ କି କିଛି ଲାଭ ମିଳିବନାହିଁ। ଠକାମିର ଶିକାର ହେବା ସନ୍ଦେହ କରି ନିବେଶକାରୀ ଆଉ ଯଦି ଟଙ୍କା ନଲଗାଉଛି ତେବେ ଠକ ତାର ସାଇଟ ବନ୍ଦ କରିଦିଏ। ନିବେଶକାରୀ ଯେତେ ଚେଷ୍ଟା କଲେ ମଧ ସାଇଟ ଖୋଲିବାର ବାଟ ପାଏ ନାହିଁ।

ଟ୍ରେଡିଂରେ ନିବେଶ ନିଶାରେ କୋଟି କୋଟି ଲୋକ ଉବୁଟୁବୁ ହେଉଛନ୍ତି। ଯାହାର ଫାଇଦା ପଠାଉଛନ୍ତି ସାଇବର ଅପରାଧୀ। ନକଲି ଟ୍ରେଡିଂ ଆପକୁ ଅସ୍ତ୍ର କରୁଛନ୍ତି। ସନ୍ଦେହଜନକ ୱେବସାଇଟ ଓ ବିଭିନ୍ନ ସୋସିଆଲ ମିଡ଼ିଆ ପ୍ଲାଟଫର୍ମରେ ଜାଲ ବିଛାଉଛନ୍ତି। ଅଧିକ ଟଙ୍କା ଫେରସ୍ତ ପ୍ରଲୋଭନରେ ଥୋପ ପକାଇ କୋଟି କୋଟି ଟଙ୍କା ଲୁଟି ନେଉଛନ୍ତି। ଗଲ ୪ ମାସରେ ଭାରତୀୟମାନେ ହରାଇଲେଣି ୧୭୫୦ କୋଟି ଟଙ୍କା। ୪ ଦିନ ତଳେ ନଭି ମୁମ୍ବାଇ ଜଣେ ବ୍ୟବସାୟୀ ଟ୍ରେଡିଂ ସ୍କାମରେ ଫସି ୧.୦୭ କୋଟି ଟଙ୍କା କ୍ଷତି ସହିଛନ୍ତି। ଏହି ଅଦୃଶ୍ୟ ଜଗତର ଠକେଇ ଓଡ଼ିଶାରେ ବି ଛାଇଗଲାଣି। ଗଲା ମାର୍ଚ୍ଚରେ ଅନୁଗୁଳ ବଅଁରପାଳର ନରେନ୍ଦ୍ର ସାହୁଙ୍କଠୁ ୨୫ ଲକ୍ଷ ଲୁଟିଥିଲେ। କୌଣସି ଟ୍ରେଡିଂ ସମ୍ପର୍କିତ ଆପକୁ ଇନଷ୍ଟଲ କରିବା ପୂର୍ବରୁ ଲୋକମାନେ ଆପକୁ ନେଇ କଣ ମତ ଓ ମନ୍ତବ୍ୟ ଦେଇଛନ୍ତି। ତାହାକୁ ଧ୍ୟାନ ଦିଅନ୍ତୁ। ତୃତୀୟ ପକ୍ଷ ଷ୍ଟୋର ବିଭିନ୍ନ ୱେବସାଇଟ, ଅନଲାଇନ ବିଜ୍ଞାପନ କିମ୍ବା ସୋସିଆଲ ମିଡିଆ ପୋଷ୍ଟ / ନାଟ୍/ଏସଏମଏସରୁ ଟ୍ରେଡିଂ ସମ୍ପର୍କିତ ଆପ ଡାଉନଲୋଡ଼ କରନ୍ତୁ ନାହିଁ। ବୈଧ ୱେବସାଇଟ କିମ୍ବା ଅନୁମତିପ୍ରାପ୍ତ ଆପ ଷ୍ଟୋର ଭଳି ଭରସାଯୋଗ୍ୟ ସ୍ରୋତରୁ ହିଁ ଟ୍ରେଡିଂ ଆପ ଗୁଡ଼ିକ ଡାଉନଲୋଡ଼ କରନ୍ତୁ। ଆପ ଡାଉନଲୋଡ଼ କରିବା ପୂର୍ବରୁ ଡେଭଲପରଙ୍କ ୱେବସାଇଟକୁ ଯାଇ ଆପ ସମ୍ପର୍କିତ ତଥ୍ୟ ଯାଞ୍ଚ କରାଇ ନିଅନ୍ତୁ। କୌଣସି ଆପକୁ ଅନୁମତି ଦେବା ପୂର୍ବରୁ ଉକ୍ତ ଆପର ଗୋପନୀୟତା ଦିଗକୁ ଭଲ ଭାବେ ପଢ଼ନ୍ତୁ। ଟ୍ରେଡିଂରେ ଟଙ୍କା ନିବେଶ ପୂର୍ବରୁ ଆପ ପ୍ରତିଶ୍ରୁତି ଓ ଯୋଜନାକୁ ସତର୍କତାପୂର୍ବକ ଯାଞ୍ଚ କରନ୍ତୁ। ଆପ ଚଳାଇବା ପାଇଁ କେବଳ ଆବଶ୍ୟକୀୟ ଅନୁମତି ଦିଅନ୍ତୁ। ଫଟୋ ଗ୍ୟାଲେରୀ, ଭଏସ ଭଳି ଗୋପନୀୟ ତଥ୍ୟ ସମ୍ବଳିତ ବିକଳ୍ପକୁ ଅନୁମତି ଦିଅନ୍ତୁନି। ଆପଣଙ୍କ ଆପର ଲଗଇନ ତଥ୍ୟକୁ କୌଣସି ମତେ ଅନ୍ୟ କାହା ସହ ସେୟାର କରନ୍ତୁନି। ସମ୍ବେଦନଶୀଳ ସୂଚନାଭିତ୍ତିକ କ୍ଷେତ୍ରରେ ବହୁସ୍ତରୀୟ ପ୍ରମାଣକୁ ଅନ କରନ୍ତୁ।

ଏହା ସହିତ ଅନଲାଇନ ଲୋନ ଆପ, ସପିଂ ସାଇବ, ଫ୍ରି ରିଚାର୍ଜ, ଗିଫ୍ଟ, ଲଟେରି ଲୋଭ ଦେଖାଇ ସାଇବର ଠକମାନେ କୋଟି କୋଟି ଟଙ୍କା ଲୁଟୁଛନ୍ତି। ସେହିପରି କମ ସମୟ ମଧ୍ୟରେ ଟଙ୍କାକୁ ଦୁଇଗୁଣା, ଚାରିଗୁଣା ଓ ୫୦ ଗୁଣା ଫେରସ୍ତ ଲୋଭ ଦେଖାଉଛନ୍ତି ସାଇବର ଅପରାଧୀ। ଏହି ଅନଲାଇନ ଚିଟଫଣ୍ଡ ଜାଲରେ ପଡ଼ି କଷ୍ଟାର୍ଜିତ ଅର୍ଥ ହରାଉଛନ୍ତି ଲୋକେ। ଏବେ ରାଜ୍ୟରେ ଶହ ଶହ ସଂଖ୍ୟାରେ ଅନଲାଇନ ଚିଟଫଣ୍ଡ ଚଳାଉଛନ୍ତି ସାଇବର ଅପରାଧୀ। ପ୍ରଥମରୁ ଥିବା ସଦସ୍ୟମାନେ ଟଙ୍କା ପାଉଛନ୍ତି। ଲୋଭରେ ପରେ ସଦସ୍ୟ ହେଉଥିବା ଲୋକେ କିନ୍ତୁ ଠକାମିର ଶିକାର ହେଉଛନ୍ତ। କେତେକ ଲୋକଲଜ୍ଜାରେ ଅଭିଯୋଗ କରିପାରୁନାହାନ୍ତି। ଠକେଇ ବିଷୟରେ ଯେତେବେଳେ ପୁଲିସ ପାଖରେ ଅଭିଯୋଗ ପହଞ୍ଚୁଛି ସେତେବେଳେ ତଦନ୍ତରୁ ମଧ ଚାଞ୍ଚଲ୍ୟକର ତଥ୍ୟ ମିଳୁଛି। ଏବେ ଗରିବଙ୍କୁ ସାଇବର ଅପରାଧୀମାନେ ଟାର୍ଗେଟ କରୁଛନ୍ତି। ସେମାନଙ୍କର ବ୍ୟାଙ୍କ ତଥ୍ୟ ହାସଲ କରି ପ୍ରି ଆକ୍ଟିଭେଟ ସିମ ଜରିଆରେ ବ୍ୟାଙ୍କ କାରବାର କରୁଛନ୍ତି। ସେହିପରି ଅଶିକ୍ଷିତ ଓ ଅଳ୍ପଶିକ୍ଷିତଙ୍କ ପରିଚୟ ପତ୍ର ନେଇ ସେମାନଙ୍କ ନାଁରେ ବ୍ୟାଙ୍କରେ ଆକାଉଣ୍ଟ ଖୋଲି ଦେଉଛନ୍ତି। ଏହି ଆକାଉଣ୍ଟକୁ ଠକେଇ ଟଙ୍କା ନେଇ ପରେ ନିଜ ଆକାଉଣ୍ଟକୁ ଟ୍ରାନ୍ସଫର କରି ଦେଉଛନ୍ତି। ସୋସିଆଲ ମିଡ଼ିଆ ଅଫରକୁ ସମ୍ପୂର୍ଣ୍ଣ ନା : ପାର୍ଟ ଟାଇମ ନିଯୁକ୍ତି ଅଫର ଏବେ ସାଇବର ଠକେଇର ପ୍ରମୁଖ ଉପାୟ ସାଜିଛି। ଠକେଇ ସଂସ୍ଥା ଗୁଡ଼ିକ ବିଭିନ୍ନ ପ୍ରକାରର ପ୍ରଲୋଭନ ଦେଖାଇ ମୁଖ୍ୟତଃ ମହିଳାମାନଙ୍କୁ ଜାଲରେ ଫସାଉଛନ୍ତି।

# ଭାରତୀୟ ନ୍ୟାୟ ସଂହିତା ଓ ହିଟ ଆଣ୍ଡ ରନ୍

॥ ଅଲେଖ ଚନ୍ଦ୍ର ସାମଲ ॥

ମନେପକାନ୍ତୁ ୨୦୦୦ ମସିହା ସେପ୍ଟେମ୍ବର ୨୮ ତାରିଖ ମୁମ୍ବାଇ ବାନ୍ଦ୍ରାର ସେହି ଅଶୁଭ ରାତିର ଘଟଣାଟିକୁ ବଲିଉଡ ଅଭିନେତା ସଲମାନ ଖାନ ତାଙ୍କ ବିଳାସପୂର୍ଣ୍ଣ ଟୋୟୋଟା ଲ୍ୟାଣ୍ଡକ୍ରୁଇଜର ଏକ ବେକରୀ ବାହାରେ ଫୁଟପାଥରେ ଶୋଇଥିବା ପାଞ୍ଚଜଣଙ୍କ ଉପରେ ଏକ ପ୍ରକାର ଦଳି ଚକଟି ସେମାନଙ୍କ ଅକାରଣରେ ଜୀବନ ନେଇଯାଇଥିଲା। ବିଚାର ହୋଇ ସଲମାନ ଖାନଙ୍କୁ ମୁମ୍ବାଇ ସେସନ କୋର୍ଟ ତାଙ୍କୁ ପାଞ୍ଚବର୍ଷ ଜେଲ ଦଣ୍ଡାଦେଶ ଦେଇଥିଲେ। ତେବେ ଏହି ମାମଲାର ଅନ୍ତଃ ଘଟିବାକୁ ତେର ବର୍ଷ ସମୟ ଲାଗିଥିଲା। ଏପରି ଅନେକ ହିଟ ଆଣ୍ଡ ରନ ମାମଲା ସାଧାରଣରେ ଆଲୋଡ଼ନ ଓ ଅଭାବନୀୟ ଚର୍ଚ୍ଚା ସୃଷ୍ଟି କରିଥାଏ। ନିକଟରେ ଶେଷ ହୋଇଥିବା ସଂସଦର ଶୀତକାଳୀନ ଅଧିବେଶନରେ କେନ୍ଦ୍ର ସରକାରଙ୍କ ଦ୍ୱାରା ଆସିଥିବା ଭାରତୀୟ ନ୍ୟାୟ ସଂହିତା ଆଇନ ପାରିତ ହୋଇଛି। ତେବେ ପ୍ରାଥମିକ ପର୍ଯ୍ୟାୟରେ ଏହି ନୂତନ ଆଇନରେ ହିଟ୍ ଆଣ୍ଡ ରନ୍ ମାମଲାକୁ ନେଇ ଯେଉଁ ଦଣ୍ଡ ବିଧାନ ରହିଛି ତାହା ଗାଡ଼ି ଚାଳକଙ୍କ ଭିତରେ ଏକ ପ୍ରକାର ଆତଙ୍କ ସୃଷ୍ଟି କରିଛି କହିଲେ ଅତ୍ୟୁକ୍ତି ହେବନାହିଁ। ସରକାରଙ୍କ ଯୁକ୍ତି ହେଉଛି ଯେ ଦେଶରେ ହିଟ ଆଣ୍ଡ ରନ୍ ମାମଲା ବୃଦ୍ଧିକୁ ରୋକିବା ପାଇଁ ଏପରି କଠୋର ନିୟମର ଆବଶ୍ୟକତା ରହିଛି। ଯାହାଦ୍ୱାରା ଏହି କଡ଼ା ନିୟମ ଲାଗୁ ହେଲେ ଗାଡ଼ି ଚାଳକମାନେ ସତର୍କ ରହିବେ ଏବଂ ଦୁର୍ଘଟଣା ଘଟିବା ପରେ ପୀଡ଼ିତଙ୍କୁ ସଠିକ ସହାୟତା ନ ମିଳୁଥିବାରୁ ଏହି ନୂଆ ଆଇନରେ ଦୁର୍ଘଟଣାରେ ପୀଡ଼ିତଙ୍କୁ ସାହାଯ୍ୟ କରିବା ଦୁର୍ଘଟଣା ଘଟାଇଥିବା ବ୍ୟକ୍ତିର ପ୍ରଥମ କର୍ତ୍ତବ୍ୟ ଭାବେ ବିଚାର ରହିଛି। ଏଠାରେ ସୂଚନା ଥାଉକି ହିଟ୍ ଆଣ୍ଡ ରନ୍ ମାମଲାରେ କଠୋର ଦଣ୍ଡ ପାଇଁ ଅନେକ ଦିନରୁ ସବୁ ମହଲରୁ ଦୃଢ଼ ଦାବୀ ହୋଇଆସୁଥିଲା। କେବଳ ସେତିକି ନୁହେଁ ମାନ୍ୟବର ସୁପ୍ରିମକୋର୍ଟ ଏନେଇ କଠୋର କାର୍ଯ୍ୟାନୁଷ୍ଠାନର ଆବଶ୍ୟକତା ସମ୍ପର୍କରେ ମଧ ନିଜ ମତ ରଖିଥିଲେ।

ଆସନ୍ତା ସର୍ବପ୍ରଥମେ ଜାଣିବା ପ୍ରକୃତରେ ଏହି ହିଟ୍ ଆଣ୍ଡ ରନ୍ ମାମଲା କ'ଣ? ଯଦି କୌଣସି ଗାଡ଼ି ଚାଳକ ବେପରୁଆ ଭାବେ ଗାଡ଼ି ଚଳାଇ ଦୁର୍ଘଟଣା ଘଟାନ୍ତି; ଦୁର୍ଘଟଣାରେ କାହାରି ମୃତ୍ୟୁ ଘଟେ ଏବଂ ଦୁର୍ଘଟଣା ପରେ ତୁରନ୍ତ କୌଣସି ପୁଲିସ ଅଧିକାରୀ କିମ୍ବା ମାଜିଷ୍ଟ୍ରେଟଙ୍କୁ ନ ଜଣାଇ ସଂପୃକ୍ତ ଚାଳକ ଘଟଣାସ୍ଥଳରୁ ଗାଡ଼ି ସହ ଫେରାର ହୋଇଯାଆନ୍ତି ଏ ପ୍ରକାର ଘଟଣାକୁ ହିଟ ଆଣ୍ଡ ରନ ମାମଲା ରୂପେ ବିବେଚନା କରାଯାଇଥାଏ। ନୂଆ ନିୟମ ଅନୁଯାୟୀ ଭାରତୀୟ ନ୍ୟାୟ ସଂହିତାର ଧାରା ୧୦୬ (୨) ଅନୁଯାୟୀ ଯଦି କୌଣସି ଗାଡ଼ି ଚାଳକ ବେପରୁଆ ଗାଡ଼ି ଚାଳନା କରି କୌଣସି ବ୍ୟକ୍ତିଙ୍କ ମୃତ୍ୟୁ ଘଟାଇଥାଏ ଏବଂ ଦୁର୍ଘଟଣା ସମ୍ପର୍କରେ କର୍ତ୍ତୃପକ୍ଷଙ୍କୁ ନଜଣାଇ ଘଟଣାସ୍ଥଳରୁ ଫେରାର ହୋଇଯାଏ ତେବେ ତାଙ୍କୁ ସର୍ବାଧିକ ୧୦ ବର୍ଷ ପର୍ଯ୍ୟନ୍ତ ଜେଲ ଦଣ୍ଡ ଏବଂ ୭ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜରିମାନା ମଧ ଦେବାକୁ ପଡ଼ିବ।

ଏହା ପୂର୍ବରୁ ଆମର ପୁରୁଣା କାଳିଆ ବ୍ରିଟିଶ ସମୟର ପ୍ରଚଳିତ ରହିଥିବା ଭାରତୀୟ ଦଣ୍ଡବିଧି ଆଇନ ଆଇପିସିରେ ହିଟ ଆଣ୍ଡ ରନ ମାମଲା ପାଇଁ କୌଣସି ନିର୍ଦ୍ଦିଷ୍ଟ ବ୍ୟବସ୍ଥା ନଥିଲା। ଆଇପିସିର ଧାରା ୩୦୪ (କ) ଅନୁଯାୟୀ ଏଭଳି ମାମଲାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଥିଲା। ଏହି ଧାରା ଅନୁଯାୟୀ ବେପରୁଆ ଚାଳନା କିମ୍ବା ଅବହେଳା ଜନିତ କାର୍ଯ୍ୟ ଯୋଗୁ ଅନ୍ୟର ମୃତ୍ୟୁ ଘଟିଲେ ସର୍ବାଧିକ ୨ବର୍ଷ ପାଇଁ ଜେଲ ଦଣ୍ଡ କିମ୍ବା ଜରିମାନା ହେଉଥିଲା। କିମ୍ବା ଉଭୟ ଦଣ୍ଡରେ ଦଣ୍ଡିତ କରାଯାଉଥିଲା। ଆଇପିସିର ଧାରା ୩୦୪ (କ) ଅନୁଯାୟୀ ହିଟ ଆଣ୍ଡ ରନ ମାମଲାକୁ ଅନ୍ୟାନ୍ୟ ମାମଲା ଭଳି ରୁଜି କରାଯାଉଥିଲା।

ନ୍ୟାସନାଲ କ୍ରାଇମ ରେକର୍ଡ଼ ବ୍ୟୁରୋ ଏନସିଆରବି ଅନୁଯାୟୀ ୨୦୨୨ରେ ଭାରତରେ ମୋଟ ୪୭୮୦୬ ହିଟ ଆଣ୍ଡ ରନ ଘଟଣାରେ ୫୦୮୧୫ ଜଣଙ୍କ ମୃତ୍ୟୁ ହୋଇଛି। ଅର୍ଥାତ୍ ପ୍ରତି ଘଣ୍ଟାରେ ହିଟ ଆଣ୍ଡ ରନ ମାମଲାରେ ପାଖାପାଖି ୬ଜଣଙ୍କ ମୃତ୍ୟୁ ହେଉଥିବା ବେଳେ ଦୈନିକ ୧୪୦ ଜଣ ପ୍ରାଣ ହରାଉଛନ୍ତି। ୨୦୨୧ରେ ୪୭୫୩୦ଟି ଘଟଣା ୪୩୪୯୯ ଜଣଙ୍କ ମୃତ୍ୟୁ ହୋଇଥିଲା। ହିଟ୍ ଆଣ୍ଡ ରନ୍ ମାମଲାରେ ଭାରତୀୟ ନ୍ୟାୟ ସଂହିତାରେ ଯେଉଁ କଠୋର ଦଣ୍ଡ ବିଧାନ ବ୍ୟବସ୍ଥା ରହିଛି ଏହାକୁ ଅନେକେ ସ୍ୱାଗତ କରୁଥିଲେ ମଧ କେହି କେହି ଏହାକୁ ଏକ ଯୋଜନାବଦ୍ଧ ଅପରାଧ ନୁହେଁ ବୋଲି ବିଚାର କରି ଏହି ଘଟଣାରେ ୧୦ବର୍ଷ ଜେଲ ଓ ୭ଲକ୍ଷ ଟଙ୍କା ଜରିମାନାକୁ ନାପସନ୍ଦ କରିଛନ୍ତି। ସେମାନଙ୍କ ଯୁକ୍ତି ହେଉଛି ଯେ ଜଣେ ଗାଡ଼ି ଚାଳକର ଜଣାତରେ ଏଭଳି ଘଟଣା ହୋଇନଥାଏ ଏବଂ ଜଣେ ଗାଡ଼ି ଚାଳକର ମଧ ନିଜ ବଞ୍ଚିବାର ଅଧିକାର ଅଛି। ତେଣୁ ଏଭଳି କଠୋର ଦଣ୍ଡ ବ୍ୟବସ୍ଥା ଜଣେ ଗାଡ଼ି ଚାଳକକୁ ସମ୍ବିଧାନର ଧାରା ୨୧ ପ୍ରଦାନ କରିଥିବା ମୌଳିକ ଅଧିକାରର ଉଲ୍ଲଂଘନ। ତେବେ ଯାହାହେଉନା କାହିଁକି ଭାରତୀୟ ନ୍ୟାୟ ବ୍ୟବସ୍ଥାକୁ ଏବଂ ସର୍ବୋପରି ଭାରତୀୟ ନ୍ୟାୟ ସଂହିତାକୁ ଆମ ସମସ୍ତଙ୍କୁ ସମ୍ମାନ ଦେବାକୁ ପଡ଼ିବ। ହିଟ୍ ଆଣ୍ଡ ରନ୍ ଏକ ଦୁର୍ଭାଗ୍ୟପୂର୍ଣ୍ଣ ଓ ଅମାନବୀୟ ଜଘନ୍ୟ ତ୍ରୁଟି କହିଲେ ଅତ୍ୟୁକ୍ତି ହେବନାହିଁ। ନିଶାସକ୍ତ ହୋଇ ଗାଡ଼ି ଚଳାଇବା, ମୋବାଇଲ ଫୋନରେ କଥା ହେବା ଏବଂ ପୂର୍ବରୁ ଅନ୍ୟ କୌଣସି ଦୁର୍ଘଟଣାକରି ହଡ଼ବଡ଼ ହୋଇଯାଇ ଦ୍ରୁତ ଗାଡ଼ି ଚାଳନା ତଥା ସଠିକ ଭାବେ ଗାଡ଼ି ଚଳାଇବା ପ୍ରଶିକ୍ଷଣ ଶିକ୍ଷା ନକରି ମଧ ଗାଡ଼ି ଚଳାଇବା ଏହିପରି ଅନେକ ପ୍ରମୁଖ କାରଣ ପାଇଁ ଏପରି ଦୁର୍ଘଟଣା ସଂଗଠିତ ହୋଇଥାଏ। ଗାଡ଼ି ଚାଳନା କ୍ଷେତ୍ରରେ ସଂଯମତା ଓ ସୁରକ୍ଷିତ ଗାଡ଼ି ଚଳାଇବା ମଧ ଅତ୍ୟନ୍ତ ଜରୁରୀ। ଏ କ୍ଷେତ୍ରରେ କେବଳ ପ୍ରଶାସନ ବା ସରକାରଙ୍କ ଉପରେ ଦାୟିତ୍ୱ ନ୍ୟସ୍ତ କଲେ ହେବନାହିଁ। ଆମ ସମସ୍ତଙ୍କର ଏପରି କ୍ଷେତ୍ରରେ ସଚେତନଧର୍ମୀ ଦାୟିତ୍ୱ ମଧ ରହିଛି।

ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ, ଦୂରଭାଷ : ୯୪୩୭୨୨୫୬୮୯

# ବୃକ୍ଷ ରୋପଣ ଓ ପରିବେଶ

॥ ଅଲେଖ ଚନ୍ଦ୍ର ସାମଲ ॥

ବିଶ୍ୱ ପରିବେଶ ଦିବସ ଏକ ଅଭିଯାନ ଅଟେ। ସାରା ବିଶ୍ୱରେ ପରିବେଶର ନକରାତ୍ମକ ପ୍ରଭାବକୁ ରୋକିବା ଓ ପରିବେଶ ସୁରକ୍ଷା ପାଇଁ ଲୋକଙ୍କୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ଜୁନ୍ ୫ ତାରିଖରେ ଏହା ପାଳନ କରାଯାଏ। ଏହି ଦିବସ ପାଳନ ସଂଯୁକ୍ତ ରାଷ୍ଟ୍ର ସଂଘର ପରିବେଶ କାର୍ଯ୍ୟକ୍ରମ ଅନ୍ତର୍ଗତ। ଏହିଦିନ ମାନବୀୟ ପରିବେଶକୁ ନେଇ ସଂଯୁକ୍ତ ରାଷ୍ଟ୍ର ସଂଘର ପ୍ରଥମ ବୈଠକ ୧୯୭୨ ମସିହାରେ ବସିଥିଲା। ଏଥିରେ ପ୍ରତିବର୍ଷ ବିଶ୍ୱ ପରିବେଶ ଦିବସର କେନ୍ଦ୍ର ବଦଳାଇବା ପାଇଁ ନିଷ୍ପତ୍ତି ହୋଇଥିଲା। ସେବେଠାରୁ ପ୍ରତିବର୍ଷ ଅଲଗା ଅଲଗା ଦେଶରେ ଏହି ଦିବସ ପାଳିତ ହୋଇ ଆସୁଛି। ଧରିତ୍ରୀ ସର୍ବଂସହା। ବର୍ତ୍ତମାନ ସମୟରେ ଧରିତ୍ରୀ ପାଇଁ ସୃଷ୍ଟି ହୋଇଛି ବିପଦ। ଜଳବାୟୁରେ ବାରମ୍ବାର ପରିବର୍ତ୍ତନ ଘଟିବା ଫଳରେ ସୃଷ୍ଟି ହେଉଛି ବିପର୍ଯ୍ୟୟ। କେତେବେଳେ ପ୍ରବଳ ବର୍ଷା ଯୋଗୁ ବନ୍ୟା ସୃଷ୍ଟି ହେଉଛି ତ ଆଉ କେତେବେଳେ ବିନା ବର୍ଷାରେ ମରୁଡ଼ି ଦେଖାଦେଉଛି। ଦାନା ମୁଠାଏ ପାଇଁ ଲୋକଙ୍କୁ ଡହଳ ବିକଳ ହେବାକୁ ପଡୁଛି। ରାଜ୍ୟ ତଥା ଦେଶ ବିକାଶରେ ପ୍ରତିବନ୍ଧକ ସାଜିଛି ଜଳବାୟୁ ପରିବର୍ତ୍ତନ। କିପରି ରୋକାଯାଇପାରିବ ଏଭଳି ସମସ୍ୟା। କ'ଣ ନିଆଯିବ ପଦକ୍ଷେପ ତାହାକୁ ନେଇ ବିଶେଷଜ୍ଞମାନେ ଆରମ୍ଭ କରିଦେଇଛନ୍ତି ଅବଗଣନା। ଲୋକଙ୍କୁ ସଚେତନ କରାଇବା ସହ ଆସନ୍ତା ୧୦ବର୍ଷ ମଧ୍ୟରେ ଜଳବାୟୁ ପରିବର୍ତ୍ତନ ରୋକିବା ଲାଗି ଆଗେଇ ଆସିବାକୁ ପରିବେଶବିତ୍‌ମାନେ ମତପ୍ରକାଶ କରିଛନ୍ତି। ସମୟର ପରିବର୍ତ୍ତନ ସହ ତାଳ ଦେଇ ବଦଳିଚାଲିଛି ସବୁକିଛି। କଟାଚାଲିଛି ବୃକ୍ଷ, ସୃଷ୍ଟି ହେଉଛି କଂକ୍ରିଟ ଜଙ୍ଗଲ। ପ୍ରତିଦିନ ରାଜ୍ୟର କୋଣେ ଅନୁକୋଣରେ ଯେତିକି ଗଛ କଟାଯାଉଛି ସେହି ଅନୁଯାୟୀ ଲଗାଯାଉନି। ବୃକ୍ଷର ସ୍ଥିତି ଏଭଳି ରହିଥିବାବେଳେ ପରିବେଶ ହେଉଛି ପ୍ରଦୂଷଣ, ଯାହାର ପ୍ରଭାବ ସିଧାସଳଖ ଜଳବାୟୁ ଉପରେ ପଡୁଛି। ଯେଉଁଥି ପାଇଁ ଗ୍ରୀଷ୍ମ ଦିନେ ପ୍ରବଳ ବର୍ଷା ହେଉଛି ତ ଆଉ କେତେବେଳେ ବର୍ଷା ଦିନେ ବର୍ଷାର ଦେଖାମିଳୁନି।

ରାଜ୍ୟ ସରକାରଙ୍କ ତଥ୍ୟ ଅନୁଯାୟୀ ୨୦୧୦ ମସିହାରୁ ୨୦୨୩ ମଧ୍ୟରେ ବର୍ଦ୍ଧିତ ସବୁଜ ବଳୟ, ସବୁଜ ମହାନଦୀ ମିଶନ, ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ, ଆମ ଜଙ୍ଗଲ ଯୋଜନା, ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିନ୍ତ ନିଯୁକ୍ତି ଯୋଜନା, କାମ୍ପା, ଜାତୀୟ ବନୀକରଣ ଯୋଜନା, ସବୁଜ ଭାରତ ମିଶନ, ଓଡ଼ିଶା ଖଣି ନିଗମ, ମହାନଦୀ କୋଇଲା ନିଗମ, ଜିଲ୍ଲା ଖଣିଜ ପାଣ୍ଠି ଇତ୍ୟାଦି ୩୫ଟି କାର୍ଯ୍ୟକ୍ରମ ବା ଯୋଜନାରେ ବୃକ୍ଷରୋପଣ କରାଯାଇଛି। ଶହେ କି ପାଞ୍ଚଶହ କୋଟି ନୁହେଁ, ଏହି ବର୍ଷ ମାନଙ୍କରେ ୨ ହଜାର ୧୩୧ କୋଟି ୫୩ ଲକ୍ଷ ୮୨ ହଜାର ଟଙ୍କା ବିନିଯୋଗ ହୋଇ ୯ଲକ୍ଷ ୩୩ ହଜାର ୫୮୩ ହେକ୍ଟର ଜମି ନୂଆ ଜଙ୍ଗଲ ସୃଷ୍ଟି କରାଯାଇଛି। ତେବେ ଏ ସବୁ ସତ୍ତ୍ୱେ ବ୍ୟାପକ ସହରୀକରଣ ଏବଂ ଗଛକଟା ଜଳବାୟୁ ପରିବର୍ତ୍ତନ କ୍ଷେତ୍ରରେ ଓଡ଼ିଶାରେ ବଡ଼ ପ୍ରଭାବ ପକାଇବା ଆରମ୍ଭ କଲାଣି। ଯେଉଁ ଭୟାନକ ଚିତ୍ରଟି ସାମ୍ନାକୁ ଆସୁଛି ତାହା ହେଲା, ରାଜ୍ୟର ପାଣିପାଗ ଓ ଋତୁଚକ୍ର ପୁରାପୁରି ବିଗିଡି ଗଲାଣି। ନିକଟରେ ତତଲାଗଡ଼ର ମାନ୍ୟତା ପାଇଥିବା ବଲାଙ୍ଗୀର ଟିଟିଲାଗଡ଼ର ତାତିଠାରୁ ବଳିଗଲା ବୌଦ୍ଧ ଓ ସୋନପୁର ଜିଲ୍ଲାର ଉତ୍ତାପ। ଅନ୍ୟ ସମସ୍ତ ଜିଲ୍ଲା ଠାରୁ ଢ଼େର ଆଗରେ ଏସବୁ ଜିଲ୍ଲାର ତାପମାତ୍ରା ରହିଲା ଭାରତ ବର୍ଷରେ ବି ନୂଆ ରେକର୍ଡ଼ କଲା। ଆମେ ଭଲ ଭାବେ ଜାଣିଛେ ଜଙ୍ଗଲ ସବୁବେଳେ ସ୍ଥାନୀୟ ଜଳବାୟୁର ସ୍ଥାୟିତ୍ୱ ବୃଦ୍ଧି ସହିତ ପରିସଂସ୍ଥାନ, ଜୈବ-ବିବିଧତା, ଅଙ୍ଗାରକାମ୍ଳ ଏବଂ ଅମ୍ଳଜାନ ଚକ୍ର ନିୟନ୍ତ୍ରଣ କରିବାରେ ଏକ ଅବିଚ୍ଛେଦ୍ୟ ଭୂମିକା ଗ୍ରହଣ କରିଥାଏ। ସହର ମଧ୍ୟରେ ଜଙ୍ଗଲ ଆବରଣ ଉତ୍ତାପକୁ ଶୋଷଣ କରିବା ସହ ସ୍ଥାନୀୟ ତାପମାତ୍ରାକୁ ପ୍ରଭାବିତ କରିଥାଏ ଏବଂ ରେଫ୍ରିଜରେଜେସନ ବା ଶୀତଳୀକରଣ ପ୍ରକ୍ରିୟା ଦ୍ୱାରା ଏହା ସ୍ଥାନୀୟ ଜଳବାୟୁକୁ ଥଣ୍ଡା କରିବାରେ ବଡ଼ ଭୂମିକା ଗ୍ରହଣ କରିଥାଏ। ଏହାର ଆହୁରି ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ତାହା ହେଲା ଜଙ୍ଗଲ ମୃତ୍ତିକା ସବୁବେଳେ ଅଣ-ଜଙ୍ଗଲ ମୃତ୍ତିକା ତୁଳନାରେ ଅଧିକ ଜଳ ଧାରଣ କରିବା କ୍ଷମତା ରଖେ। ଅନ୍ୟଥା କିଛି ଅଞ୍ଚଳରେ ଅତି ପ୍ରବଳ ବର୍ଷା ହେବାର ଭୟ ରହିଛି। ଏବଂ ଏସବୁ ସ୍ଥାନରେ ଅକସ୍ମାତ ବନ୍ୟା ପରିସ୍ଥିତି ସୃଷ୍ଟି ସମ୍ଭାବନାକୁ ଏଡ଼ାଇ ଦେଇହେବନାହିଁ। ଯଦିଓ ବୃକ୍ଷରୋପଣ ଜଳବାୟୁ ପରିବର୍ତ୍ତନର ଏକମାତ୍ର କାରଣ ନୁହେଁ, ଏହା କିନ୍ତୁ ଗୋଟିଏ ବଡ଼ କାରଣ ବୋଲି କୁହାଯାଇପାରେ। ଅଧିକ ବୃକ୍ଷ ଥିଲେ ତାତି ୨ରୁ ୩ ଡିଗ୍ରୀ ପର୍ଯ୍ୟନ୍ତ କମିଯିବ ଏବଂ ଉତ୍ତାପ ଶୀଘ୍ର ହ୍ରାସ ପାଇବ। ଏହା ସହିତ ବର୍ଷାର ପରିମାଣ ବୃଦ୍ଧିରେ ମଧ ସହାୟକ ହେବ। କେଉଁ ଅଞ୍ଚଳରେ ଖଣି ଭବିଷ୍ୟତରେ ନିର୍ମାଣ ବା କାର୍ଯ୍ୟ ହାତକୁ ନିଆଯିବ, ସେ ସଂକ୍ରାନ୍ତରେ ଗୋଟିଏ ବିସ୍ତୃତ ନକ୍ସା ପ୍ରସ୍ତୁତ କରିବା ପରେ ବୃକ୍ଷରୋପଣ କରାଗଲେ ବା ବୃକ୍ଷକୁ ସୁରକ୍ଷା ଦେଇ ବିକାଶର ମାନଚିତ୍ର ପ୍ରସ୍ତୁତ କଲେ ସ୍ଥିତିରେ ଉନ୍ନତି ଘଟନ୍ତା। ଗୁଜୁରାଟ ସରକାରଙ୍କ ଉଦାହରଣ ଏ କ୍ଷେତ୍ରରେ ନିଆଯାଇପାରେ। ଗଛ କଟାଯିବା ପରେ ଏହାର ଦଶଗୁଣ ଗଛ ଲଗାଯାଉଥିବା କୁହାଯାଉଛି। ହେଲେ ସେ ଗଛ ଲାଗୁଛି କେଉଁଠି ? ଅନ୍ୟ କୌଣସି ଅଞ୍ଚଳରେ ବୃକ୍ଷ ଲଗାଗଲେ, କଟାଯାଇଥିବା ଅଞ୍ଚଳର ପାଣିପାଗରେ କି ପରିବର୍ତ୍ତନ ହେବ ? ତୃତୀୟ କଥାଟି ହେଲା ଘର ନିର୍ମାଣ ପାଇଁ ଅନୁମତି ଦିଆଯିବା ବେଳେ ପୂର୍ବରୁ ସାଢ଼େ ପାଞ୍ଚଫୁଟ ପର୍ଯ୍ୟନ୍ତ ଜାଗା ଛାଡ଼ିବାକୁ କୁହାଯାଉଥିଲା। ଏବେ ତିନି ବା ସାଢ଼େ ତିନି ଫୁଟ ଛାଡ଼ିଲେ, ସେଥିରେ କେଉଁ ଗଛ ଲାଗିପାରିବ ? ଏଭଳି ଅନେକ ବ୍ୟତିକ୍ରମ ଜଙ୍ଗଲ ବିଭାଗ ପାଇଁ ଆହ୍ୱାନ ସୃଷ୍ଟି କଲାଣି।

## ଭୁବନପଲ୍ଲୀ ଗ୍ରାମପଞ୍ଚାୟତରେ ଯୁଗ୍ମ ଅଭିଯୋଗ ଶୁଣାଣି: ୨୩ଟି ଅଭିଯୋଗ ପଞ୍ଜୀକୃତ, ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ

ମାଲକାନଗିରି, (ମହାଭରତ): କାଲିମେଳା ବ୍ଲକ ପ୍ରଶାସନ ତରଫରୁ ଭୁବନପଲ୍ଲୀ ଗ୍ରାମପଞ୍ଚାୟତ ପରିସରରେ ଏକ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଅଞ୍ଚଳବାସୀଙ୍କ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଏହି ଶିବିରରେ ସମ୍ପୃକ୍ତ ଅଧିକାରୀମାନେ ଉପସ୍ଥିତ ରହି ଅଭିଯୋଗ ଗ୍ରହଣ କରିଛନ୍ତି। ଏହି ଶିବିରରେ ମୋଟ ୨୩ ଗୋଟି ଅଭିଯୋଗ ପଞ୍ଜୀକୃତ ହୋଇଛି। ଏଥିମଧ୍ୟରେ ତାଣ୍ଡାବାଇ ପଞ୍ଚାୟତର ବିଭିନ୍ନ ସମସ୍ୟା ଏବଂ ଏମ୍.ଭି-୭୯ (ଗଠ-୭୯) ପାର୍କର ଉନ୍ନତୀକରଣ ନେଇ ଆସିଥିବା ଦାବିପତ୍ର ସାମିଲ ରହିଛି।  ତୁରନ୍ତ ତଦନ୍ତ ନିର୍ଦ୍ଦେଶ: ଆସିଥିବା ସମସ୍ତ ଅଭିଯୋଗଗୁଡ଼ିକର ଆଜି ହିଁ କ୍ଷେତ୍ର ପରିଦର୍ଶନ  ସାରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଚରଙ୍ଗ, ଔର, ଏଜଙ୍ଗ, ଉଓଚଙ୍ଗ ଏବଂ ଇଡରଡଙ୍ଗ ର ଔରଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।ପ୍ରଗତି ପଥେ ଯୁବ ମାଲକାନଗିରି  ନିର୍ମାଣ କାର୍ଯ୍ୟ ଅନୁଧ୍ୟାନ କରାଯାଇଛି। ଏପର୍ଯ୍ୟନ୍ତ ଏହାର ଆନୁଷ୍ଠାନିକ ଉଦ୍ଘାଟନ ହୋଇ ନ ଥିଲେ ହେଁ, କାର୍ଯ୍ୟର ସମୀକ୍ଷା କରାଯାଇଛି ଏବଂ ବହୁ ଶୀଘ୍ର ଏହାକୁ ଉଦ୍ଘାଟନ କରାଯିବ ବୋଲି ପ୍ରଶାସନିକ ଅଧିକାରୀ ସୂଚନା ଦେଇଛନ୍ତି।

## ଉଦଳା ପୋଲିସ ର ଅଜବ ନୀତି : ନିର୍ଦ୍ଦୋଷକୁ ସଜାଇଲା ଅଭିଯୁକ୍ତ

କପ୍ତିପଦା, (ମହାଭାରତ ) : ଉପର ଠାଉରିଆ ତଦନ୍ତ କରି ଏବେ ହରଡ଼ଗଣା ରେ ଉଦଳା ପୋଲିସ। ଜଣେ ନିର୍ଦ୍ଦୋଷ ଯୁବକଙ୍କୁ ପ୍ରଥମେ ଦୋଷୀ ସଜାଇ ମୁହଁରେ ଗାମୁଛା ଗୁଡ଼ାଇ ଗଣମାଧ୍ୟମ ସାମ୍ନାକୁ ଆଣିଲା ଏବଂ ପରେ ସେ ନିର୍ଦ୍ଦୋଷ ବୋଲି ଜାଣି ୧୨ ଘଣ୍ଟା ପରେ ଛାଡି ଦେଲା। ଉଦଳା ପୋଲିସ ର ଏଭଳି କାର୍ଯ୍ୟ ଏବେ ଚର୍ଚ୍ଚା ର ବିଷୟ ପାଲଟିଛି। ଆଉ ପୋଲିସ ହେପାଜତ ରୁ ବାହାରିବା ପରେ ସମ୍ପୃକ୍ତ ଯୁବକ ବଖାଣିଛନ୍ତି କିଭଳି ଚୋରି ଘଟଣାରେ ହୋଇଯାଇଥିଲେ ସମ୍ପୃକ୍ତି। ଘଟଣା ଅନୁସାରେ, ଗତ ୩ ତାରିଖ ଉଦଳା ବନ ବିଭାଗ ଦ୍ୱାରା ସ୍ମଶାନକାଳୀ ଠାରେ ହୋଇଥିବା ଚାରା ରୋପଣ ଚତୁର୍ପାର୍ଶ୍ୱ ର ତାର ଜାଲି ଚୋରି ହୋଇଥିବା ବନ ବିଭାଗ ଉଦଳା ଥାନାରେ ଲିଖିତ ଅଭିଯୋଗ କରିଥିଲା। ଅଭିଯୋଗ ପରେ ପୋଲିସ ୫ ତାରିଖ ରାତିରେ ମୁଖ୍ୟ ଅଭିଯୁକ୍ତ ପ୍ରଶାନ୍ତ ମହାକୁଡ଼ ସହିତ ତାର ଦୁଇ ସହଯୋଗୀ ପଙ୍କଜ ମହାକୁଡ଼ ଏବଂ ବାବୁରାମ ହେମ୍ବ୍ରମ ଙ୍କୁ ଗିରଫ କରିଥିବା କହି ସମସ୍ତ ୩ ଜଣଙ୍କୁ ଅଭିଯୁକ୍ତ ସଜାଇ ମୁହଁରେ ଗାମୁଛା ଗୁଡ଼ାଇ ଗଣମାଧ୍ୟମ ସାମ୍ନାକୁ ଆଣିଥିଲା। ହେଲେ ଗଣମାଧ୍ୟମ କୁ ୩ ଜଣ ଅଭିଯୁକ୍ତ ଙ୍କ ସୂଚନା ଦେବା ପରେ ପୋଲିସ ତଦନ୍ତରେ ପୁଣି ପାଇଥିଲା ଅଲଗା ତଥ୍ୟ। ମୁଖ୍ୟ ଅଭିଯୁକ୍ତ ପ୍ରଶାନ୍ତ ଅନ୍ୟ ଯୁବକ ବାବୁରାମ ହେମ୍ବ୍ରମ ଙ୍କୁ ଉଦେଶ୍ୟ ମୂଳକ ଭାବେ ଏହି ଘଟଣାରେ ଛନ୍ଦିଥିବା ଜାଣିବାକୁ ପାଇଥିଲା। ଯାହାକି ପୂର୍ବରୁ ପ୍ରଶାନ୍ତ ନିକଟରୁ ବାବୁରାମ ୫ଶହ ଟଙ୍କା ଧାର ନେଇ ସୁଝି ନ ଥିବାରୁ ସେହି ରାଗ ସୁଝାଇବା ପାଇଁ ବାବୁରାମ କୁ ଚୋରି ସମୟରେ ନିଜର ସହଯୋଗୀ ଥିବା ପୋଲିସ କୁ କହିଥିଲା, ଯାହାକୁ ଆଧାର କରି ବିନା ଠୋସ ତଦନ୍ତରେ ବାବୁରାମ କୁ ଦୋଷୀ ସଜାଇ ଦେଇଥିଲା ପୋଲିସ। ତେବେ ପରେ ବାବୁରାମ ନିର୍ଦ୍ଦୋଷ ବୋଲି ଜାଣି ସକାଳ ୮ ରୁ ରାତି ୮ ପର୍ଯ୍ୟନ୍ତ ଥାନାରେ ରଖିବା ପରେ ବାବୁରାମ କୁ ଛାଡ଼ିଛି ପୋଲିସ। ତେବେ ଏଭଳି ବିନା ତଦନ୍ତରେ ଅଭିଯୁକ୍ତ ର କଥା କୁ ଆଧାର କରି ନିର୍ଦ୍ଦୋଷ କୁ ଦୋଷୀ ସଜାଇବା ପୋଲିସ ର କାର୍ଯ୍ୟ ଦକ୍ଷତା କୁ ନେଇ ପ୍ରଶ୍ନ ଛିଡା କରିଛି। ଏ ବାବଦରେ ଉପଖଣ୍ଡ ପୋଲିସ ଅଧିକାରୀ ଗୋକୁଳାନନ୍ଦ ସାହୁ ଙ୍କୁ ପଚାରିବାରୁ ବାବୁରାମ ନିର୍ଦ୍ଦୋଷ ବୋଲି ଜାଣିବା ପରେ ପୋଲିସ ତାଙ୍କୁ ଛାଡ଼ିଛି ଏବଂ ତାଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ହୋଇ ନାହିଁ ବୋଲି କହି ଚୁପ ହୋଇଯାଇଛନ୍ତି।

## ପରଜଙ୍ଗରେ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ ସହ ଲୋକାର୍ପଣ

ପରଜଙ୍ଗ - (ମହାଭାରତ )ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକର ବିଭିନ୍ନ ସ୍ଥାନରେ ଉନ୍ନୟନମୂଳକ କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ ସହ ଲୋକାର୍ପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି ।ଢେଙ୍କାନାଳ ସାଂସଦ ରୁଦ୍ର ନାରାୟଣ ପାଣି ଓ ପରଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନ ବିଭିନ୍ନ ଉନ୍ନୟନ କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତିକ୍ଷ ବହୁ ପ୍ରତୀକ୍ଷିତ କୁଣ୍ଢେଇଖୋଲ-ତାଳବୁରୀ ୯୦୦ ମିଟର ରାସ୍ତା ନିର୍ମାଣ ପାଇଁ ୯୩ ଲକ୍ଷ ୨୦ ହଜାର ଟଙ୍କା ଅନୁଦାନ ମଞ୍ଜୁର ହୋଇଛି ।ସେହିପରି ଜାତୀୟ ରାଜପଥ ୧୪୯ ନମ୍ବର ହନୁମାନ ଛକଠାରୁ ବିଶାନାଳୀ ପର୍ଯ୍ୟନ୍ତ ୭୦୦ ମିଟର ରାସ୍ତା ନିର୍ମାଣ ପାଇଁ ୬୩ ଲକ୍ଷ ୮୦ ହଜାର ଟଙ୍କା ଅନୁମୋଦନ ହୋଇଛି ।ଦୀର୍ଘଦିନ ଧରି ଏହି ଦୁଇଟି ରାସ୍ତା ନିର୍ମାଣ ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହୋଇଆସୁଥିଲା। ଏବେ ବିଧାୟକଙ୍କ ସହଯୋଗରେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଏହି ରାସ୍ତା ନିର୍ମାଣ ହେବାକୁ ଯାଉଛି ।ଏହାସହ ବିଶାନାଳୀ ଗାଁର ଅଙ୍ଗନୱାଡ଼ି କେନ୍ଦ୍ରକୁ ସାଂସଦ ଓ ବିଧାୟକଙ୍କ କରକମଳରେ ଉଦ୍ ?ଘାଟନ କରାଯାଇଛି ।କାର୍ଯ୍ୟକ୍ରମରେ ପରଜଙ୍ଗ ବ୍ଲକ ଉପାଧ୍ୟକ୍ଷା ଯଶସ୍ୱିନୀ ରାଉତ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଦୁର୍ଗାପ୍ରସାଦ ସାହୁ, ଗ୍ରାମ୍ୟ ଉନ୍ନୟନ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ଶିବଜ୍ୟୋତି ସାହୁଙ୍କ ସମେତ ବିଭିନ୍ନ ଅଧିକାରୀ ଓ ଜନପ୍ରତିନିଧି ଉପସ୍ଥିତ ଥିଲେ ।ଦୀର୍ଘଦିନର ଦାବି ପରେ ରାସ୍ତା ନିର୍ମାଣକୁ ଅନୁମୋଦନ ମିଳିଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଆଶା ଓ ଉତ୍ସାହ ପ୍ରକାଶ ପାଇଛି।

## ଜିଲ୍ଲାପାଳଙ୍କୁ ଅଭିଯୋଗ କଲେ ଗଜପତି ନିର୍ମାଣ ଶ୍ରମିକ ମାନେ ସରକାର ଙ୍କ  ସହାୟତା ରାଶି ଠିକ  ସମୟରେ ପାଇବା ସକାଶେ

ଗଜପତି ଜିଲ୍ଲା ସଦର ମହକୁମା ପାରଳଖେମୁଣ୍ଡିଠାରେ ଆଜି ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ  ଗଜପତି ନିର୍ମାଣ ଶ୍ରମିକ ମାନେ  ଅଭିଯୋଗ କରିଛନ୍ତି ଯେ ସରକାରଙ୍କ ସହାୟତା ରାଶି ଯଥା ବିବାହ ସହାୟତା ରାଶି, ମୃତ୍ୟୁ କାଳୀନ ସହାୟତା ରାଶି, ପ୍ରସୂତି କାଳୀନ ସହାୟତା ରାଶି, ଶିକ୍ଷାଗତ ସହାୟତା ରାଶି ଅନଲାଇନ ମାଧ୍ୟମ ରେ ଆବେଦନ କରି ଦୀର୍ଘ ଏକ ବର୍ଷ ଓ ଦୁଇ ବର୍ଷ ହେବ ଆବେଦନ କରି ଅଛୁ କିନ୍ତୁ ଠିକ୍ ସମୟରେ ସରକାରଙ୍କ ସହାୟତା ରାଶି ପାଇ ପରୁ ନାହିଁ  ବୋଲି ଅଭିଯୋଗ କରିଛନ୍ତି। ଏଥି ପ୍ରତି ଜିଲ୍ଲା ପ୍ରସାଶନ ଦୃଷ୍ଟି ଦେଲେ ଜିଲ୍ଲାର  ପଞ୍ଜୀକୃତ ଶ୍ରମିକ ମାନେ ଉପ କୃତ ହୋଇ ପାରିବେ ବୋଲି ପ୍ରକାଶ କରିଛନ୍ତି। ଅଭିଯୋଗ ପତ୍ର ଜିଲ୍ଲା ଶ୍ରମ ଅଧିକାରୀଙ୍କୁ ମଧ୍ୟ  ପ୍ରଦାନ କରିଛନ୍ତି

# ଜିଲ୍ଲା ଉପଭୋକ୍ତା ବିବାଦ ମଞ୍ଚର ରାୟ, ନ୍ୟାୟ ପାଇଲେ ଅଭିଭାବକ



ପାରାଦୀପ, (ମହାଭରତ): ସରକାରୀ ବିଦ୍ୟାଳୟ ଗୁଡିକର ଶୈକ୍ଷିକ ଗୁଣବତ୍ତା ଓ ମାନକୁ ହ୍ରାସ କରାଇବା ଉଦ୍ଦେଶ୍ୟରେ ଗୁଣାତ୍ମକ ଶିକ୍ଷାଦାନ ବା କ୍ୱାଲିଟୀ ଏଜୁକେସନର ସ୍ଲୋଗାନ ଦେଇ ବ୍ୟବସାୟିକ ମାନସିକତାରେ ସୃଷ୍ଟି ହୋଇଥିବା ଆବାସିକ ବିଦ୍ୟାଳୟ ସମଗ୍ର ଶିକ୍ଷା ବ୍ୟବସ୍ଥାକୁ ନିଜ ନିକଟରେ କବଳିତ କରି ରଖିଛନ୍ତି କ୍ଷ ମନଲୋଭା ବିଜ୍ଞାପନ ପୋଷ୍ଟର୍, ଗ୍ରୀଷ୍ମକାଳୀନ ଅବସର ସମୟରେ ଶିକ୍ଷାଦାନ, କମ୍ପ୍ୟୁଟର ଶିକ୍ଷା, ସ୍ପୋକେନ୍ ଇଂଲିସ୍ ଇତ୍ୟାଦିର ଲମ୍ବା ଚଉଡ଼ା ସୁବିଧା ସୁଯୋଗ ଅଭିଭାବକ ମାନଙ୍କୁ ଆକୃଷ୍ଟ କରିବା ସ୍ୱାଭାବିକ। ଅନେକ କାଗଜ ପତ୍ରରେ ଅଭିଭାବକ ମାନଙ୍କୁ ଦସ୍ତଖତ କରାଇ ତାଙ୍କ ଅଜାଣତରେ ସେମାନଙ୍କୁ ଶୋଷଣ କରନ୍ତି। ଏମିତି ଏକ ଘଟଣା ଘଟିଛି ବଡ଼ ବାଲିକଣୀ ଗ୍ରାମର ସଚିତ୍ର ଦାସ ଓ ମୋନାଲିସା ଦାସଙ୍କ କ୍ଷେତ୍ରରେ। ନିଜର ସାନ ପୁଅ, ଅନନ୍ତବ୍ରତ ଦାସ (ଅପୁ) ଙ୍କୁ ନେଇ ଭୁବନେଶ୍ୱର ସ୍ଥିତ ଟି.ଏସ.ଜି ଗୁରୁକୂଳ, ଗୋଠପାଟଣା, ମଳିପଡ଼ା ରେ ପଞ୍ଚମ ଶ୍ରେଣୀରେ ୧୦.୫.୨୦୨୬ ରିଖରେ ଗ୍ରୀଷ୍ମକାଳୀନ ଅବକାଶ ଅଧ୍ୟୟନ ପାଇଁ ଆଡମିଶନ୍ କରାଇଥିଲେ। ଅନନ୍ତ ୧୨.୫.୨୦୨୫ରିଖ ଠାରୁ ୨୯.୫.୨୦୨୫ ପର୍ଯ୍ୟନ୍ତ ହଷ୍ଟେଲ ରେ ରହିବା ପରେ ପ୍ରବଳ ଗ୍ରୀଷ୍ମତାପ ପାଇଁ ସାମୟିକ ଭାବେ ହଷ୍ଟେଲ ବନ୍ଦ ହେବାରୁ ଘରକୁ ଫେରି ଆସିଥିଲେ। ଅନନ୍ତର ହଷ୍ଟେଲରେ ରହଣୀ ମଧ୍ୟରେ ପର୍ଯ୍ୟାୟାନୁକ୍ରମେ ୫୫୦୦୦ ଟଙ୍କା ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ନିକଟରେ ପୈଠ କରାଇଥିଲେ। ସରକାରୀ ଅବକାଶ ଅବଧି ଶେଷ ହେବା ପରେ ବାଳକ ଅନନ୍ତ ୨୦.୬.୨୫ ରିଖରେ ପୁଣି ଗୁରୁକୂଳ ବିଦ୍ୟାଳୟକୁ ଫେରିଥିଲା। ହଷ୍ଟେଲରେ ପୁଅକୁ ଛାଡି ଘରକୁ ଫେରିବା ପରେ ହଷ୍ଟେଲ ର ୱାର୍ଡେନ ତରଫରୁ ସଚିତ୍ର ବାବୁଙ୍କ ନିକଟକୁ ଫୋନ୍ ଆସିଥିଲା, ଯେ ତୁମ ପୁଅ ପ୍ରବଳ କାନ୍ଦୁଛି, ଖାଉନି ଇତ୍ୟାଦି। ବାପା ମାଆ ଅନନ୍ୟୋପାୟ ହୋଇ ହଷ୍ଟେଲ ଯାଇ ସେହିଦିନ ପୁଅକୁ ଯେତେ ବୁଝାଇଲେ ମଧ୍ୟ ସେ ନରହିବାରୁ ପୁଅକୁ ଘରକୁ ଆଣିଥିଲେ। ଅନନ୍ତ ହଷ୍ଟେଲରେ ୧୭ ଦିନ ରହିଛି। ବାପା ମାଆ ବାରମ୍ବାର ବିଦ୍ୟାଳୟକୁ ଯାଇ ଅନୁରୋଧାତ୍ମକ ଭାଷାରେ ବିଦ୍ୟାଳୟ କର୍ତ୍ତୃପକ୍ଷ ଙ୍କୁ ପୁଅର ରହଣୀ ବାବଦକୁ କିଛି ପଇସା ରଖି ଅବଶିଷ୍ଟ ଫେରାଇବାକୁ ଗୁହାରୀ କରିଥିଲେ ମଧ୍ୟ କର୍ତ୍ତୃପକ୍ଷ ନାଲି ଆଖି ଦେଖାଇ କୌଣସି ଟଙ୍କା ଫେରସ୍ତ ଦିଆଯିବ ନାହିଁ ବୋଲି ଏକ ପ୍ରକାର ଧମକ ଦେଇଥିଲେ। ଅନନ୍ୟୋପାୟ ବାପା ମାଆ ଶେଷରେ ବ୍ୟାସ ଫାଉଣ୍ଡେସନର ଅଧ୍ୟକ୍ଷା ତଥା ଅଖିଳ ଭାରତୀୟ ଗ୍ରାହକ କଲ୍ୟାଣ ପରିଷଦର ସଭାନେତ୍ରୀ ଶ୍ରୀମତୀ ସ୍ନେହମୟୀ ଆଚାର୍ଯ୍ୟଙ୍କ ମାଧ୍ୟମରେ ଆଇନଜୀବୀ ହୃଷିକେଶ ନନ୍ଦଙ୍କ ପ୍ରୟାସରେ ଜିଲ୍ଲା ଉପଭୋକ୍ତା ବିବାଦ ମଞ୍ଚର, ଜଗତସିଂହପୁର ନିକଟରେ କ୍ଷତିପୂରଣ ବାବଦକୁ ଏକ କେସ ଦାୟର କରିଥିଲେ। ମାନ୍ୟବର ଜିଲ୍ଲା ଖାଉଟି ବିବାଦ ମଞ୍ଚର ସଭାପତି ପ୍ରଭାତ କୁମାର ପାଢ଼ୀ ଓ ସଭ୍ୟା ମଧୁସ୍ମିତା ସ୍ୱାଇଁ ଉକ୍ତ ବିଷୟକୁ ସାମଗ୍ରିକ ଭାବେ ବିଚାର ବିମର୍ଷ କରି ଉକ୍ତ ବିଦ୍ୟାଳୟ ବିରୁଦ୍ଧରେ ଆର୍ଥିକ ଜୋରିମାନା ସାବ୍ୟସ୍ତ କରି ଅନନ୍ତଙ୍କ ବାପା ମାଆଙ୍କ ଦ୍ୱାରା ପୈଠ କରିଥିବା ୪୬,୭୦୦ ର ୮% ସୁଧ ସହ କ୍ଷତି ପୂରଣ ବାବଦକୁ ଏକ ଲକ୍ଷ ତଥା ମାନସିକ ପ୍ରତାରଣା ପାଇଁ ୧୫୦୦୦ ଟଙ୍କା ଦେବାର ରାୟ ଦେଇଛନ୍ତି। ଜିଲ୍ଲା ଖାଉଟି ବିବାଦ ମଞ୍ଚର ଏପ୍ରକାର ରାୟକୁ ବୁଦ୍ଧିଜୀବୀ ମାନେ ଭୂୟସୀ ପ୍ରଂଶସା କରିବା ସହ ଏପରି ଠକୁଥିବା ଆବାସିକ ବିଦ୍ୟାଳୟ ପାଇଁ ମଧ୍ୟ ଏକ ମାର୍ମିକ ଶିକ୍ଷା ହେବ ବୋଲି ଆଶା ପୋଷଣ କରିଛନ୍ତି।

# ପ୍ରାଥମିକ ତଥା ମୌଳିକ ସୁବିଧା ରୁ ବଂଚିତ ରାଇଘର ବାସୀ

ରା ଇ ଘ ର : ତା : ୦୭/୦୯(ମହାଭାରତ)ଲୋକଙ୍କ ଜୀବନ ଏଠି ମୂଲ୍ୟହୀନ କିଛି ଦିନ ପୂର୍ବରୁ ଭାରତ ସ୍ୱାଧୀନତାର ୮୦ବର୍ଷ ପାଳନ କରିଛି, ଆଉ ଗର୍ବର କଥା ଏହି କି ସେଥିରେ ଆମ ଜିଲ୍ଲାବାସୀଙ୍କ ଅବଦାନ ବି ଅତୁଳନୀୟ କିନ୍ତୁ ନବରଙ୍ଗପୁର ଜିଲ୍ଲାର ୧୦ଟି ବ୍ଲକ ର ଲୋକ ଏବେ ମଧ୍ୟ ପ୍ରାଥମିକ ତଥା ମୌଳିକ ସୁବିଧା ରୁ ବଂଚିତ। ଭାରି ଦୁଃଖର କଥା ଦେଶର ୮୦ବର୍ଷର ସ୍ୱାଧୀନତା ପରେ ମଧ୍ୟ ଏଠାରେ ଜୀବନର ମୂଲ୍ୟ ନାହିଁ ।ଜିଲ୍ଲା ର ପ୍ରମୁଖ ସହର ବା ବ୍ଲକ ଭିତରେ ରାଇଘର ମଧ୍ ଗଣାଯାଏ, ଜିଲ୍ଲା ମୁଖ୍ୟାଳୟ ଠାରୁ ୯୦କିମି ଦୂର ରାଇଘର ବ୍ଲକ ର ସ୍ୱାସ୍ଥ ବ୍ୟବସ୍ଥା ଭାବିଲେ ବି ଛାତି ଥରି ଉଠେ। ବ୍ଲକର ୩ପାର୍ଶ୍ୱ ଛତିଶଗଡ଼ ସୀମାରେ ଆବଦ୍ଧ ଏବଂ କେବଳ ଉମରକୋଟ ଦେଇ ହି ଜିଲ୍ଲା ମୁଖ୍ୟାଳୟ କୁ ସଂଯୋଗ କରିବାର ବାଟ । ଏଠି ରାତି ହେଲେ ରୋଗୀଙ୍କ ଯନ୍ତ୍ରଣା ବଢ଼ିଯାଏ, ପରିବାର ଲୋକଙ୍କ ଭୟ ବଢ଼ିଯାଏ। ଆଉ ଜୀବନ ବଞ୍ଚିବାର ଆଶା କମିଯାଏ ।ରାତି କଥା ଛାଡ଼ନ୍ତୁ ଦିନ ରେ ବି ଯଦି କିଛି ଜରୁରୀକାଳୀନ ପରିସ୍ଥିତି ଆସେ ତାହାଲେ ସେଇ କୋହ ଭରା ଦୁଃଖରେ ସେଇ ଅବସ୍ଥା ରେ ଚାଲ ୧୦୦କିମି,ଏଠି ମଣିଷ ଜୀବନ ର ମୂଲ୍ୟ କିଛି ନୁହଁ ।ଏଠି ମେଡିକାଲ ପହଂଚିବା ଆଗରୁ କାନ ରେ ଗୋଟିଏ ହି କଥା ପଡେ ଯେ ଏଠି କିଛି ହବନି ବାହାରେ ନେଇଯାଅ ଯଦି ପାରୁନ ମଣିଷ ମାରିବା ଯାଇଂ ଜଗ ।ବେଳେବେଳେ ଲୋକ ଉତ୍ୟକ୍ତ ହେଇ ଡାକ୍ତରଙ୍କୁ ରାଗନ୍ତି, ଗାଳି କରନ୍ତି କିନ୍ତୁ ଡାକ୍ତର ବା କଣ କରିବେ ସେ ବି ତ ଜଣେ ମଣିଷ ହି ତାଙ୍କୁ ମଧ୍ୟ ନିଜ ଶରୀର ର ଯତ୍ନ ଆବଶ୍ୟକ। ଲୋକଙ୍କ ପାଇଁ ଡାକ୍ତର ୨୪ଘଣ୍ଟା ବି ରହି ପାରିବେନି ।୨୬ଟି ପଞ୍ଚାୟତକୁ ନେଇ ଗଠିତ ରାଇଘର ବ୍ଲକ ପ୍ରାୟ ୫୦ ହଜାର ଲୋକଙ୍କ ଜୀବନର ଭରସା ଏଠାକାର ପ୍ରାଥମିକ ଉପସ୍ୱାସ୍ଥକେନ୍ଦ୍ର ଉପରେ ନିର୍ଭର। କିନ୍ତୁ ଯେତେବେଳେ ଜୀବନ ଓ ମୃତ୍ୟୁ ମଧ୍ୟରେ ଲଢ଼େଇ ଆରମ୍ଭ ହୁଏ, ସେତେବେଳେ ଏହି ସ୍ୱାସ୍ଥ୍ୟକେନ୍ଦ୍ର କେତେ ପ୍ରସ୍ତୁତ ?ରାତିରେ ଜରୁରୀକାଳୀନ ଡାକ୍ତର ନାହାନ୍ତି ।ଗୁରୁତର ରୋଗୀଙ୍କୁ ନେଇ ପରିବାର ଲୋକେ ଧାଇଁଥାନ୍ତି ୩୦ କିଲୋମିଟର ଦୂରର ମୁଖ୍ୟ ଚିକିତ୍ସାଳୟକୁ। ଗାଡ଼ିରେ ରୋଗୀ ପାଖରେ ପରିବାର ଆଖିରେ ଲୁହ ଆଉ ମନରେ ଗୋଟିଏ ଆଶା ଡାକ୍ତରଖାନା ପହଞ୍ଚିଗଲେ ବୋଧେ ଜୀବନଟା ବଞ୍ଚିଯିବ

କିନ୍ତୁ ସବୁବେଳେ ସେହି ଆଶା ସତ ହୁଏନାହିଁ ।କେତେକ

ପରିବାର ପାଇଁ ୩୦ କିଲୋମିଟର ରାସ୍ତା ହୋଇଯାଏ ଜୀବନ ଓ ମୃତ୍ୟୁ ମଧ୍ୟର ଶେଷ ଯାତ୍ରା ।ଗର୍ଭବତୀ ମହିଳାଙ୍କ ଯନ୍ତ୍ରଣା ଆହୁରି ଗଭୀର ସ୍ୱାସ୍ଥ୍ୟସେବାର ଏହି ଅଭାବ ମଧ୍ୟରେ ସବୁଠାରୁ ଅଧିକ ଅସହାୟ ହେଉଛନ୍ତି ଗର୍ଭବତୀ ମହିଳାମାନେ ।ଗର୍ଭାବସ୍ଥାରେ ଆବଶ୍ୟକ ସନୋଗ୍ରାଫି ବା ଅଲଟ୍ରାସାଉଣ୍ଡ ପାଇଁ ରାଇଘରରୁ ଉମରକୋଟ ଯିବାକୁ ପଡିଥାଏ ।କିନ୍ତୁ ସେଠାରେ ମଧ୍ୟ ସପ୍ତାହରେ ଥରେ ନା ଦୁଇ ଥର  ସୁବିଧା ସୀମିତ ଥିବାରୁ ୫୦ ଜଣରୁ ଅଧିକ ଗର୍ଭବତୀ ମହିଳାଙ୍କ ପରୀକ୍ଷା ହୋଇପାରୁନଥିବା ଅଭିଯୋଗ ରହିଛି ।ଫଳରେ ଦୂର ରାସ୍ତା ଅତିକ୍ରମ କରି ଆଶା ନେଇ ଡାକ୍ତରଖାନା ଯାଇଥିବା ଅନେକ ମହିଳାଙ୍କ ନିରାଶ ହୋଇ ଘରକୁ ଫେରିବାକୁ ପଡୁଛି ।ଏତିକି ନୁହେଁ ପ୍ରାୟ ୫୦ ହଜାର ଲୋକଙ୍କ ପାଇଁ ଏବେ ପର୍ଯ୍ୟନ୍ତ ନାହିଁ ଏକ୍ସ-ରେ ସୁବିଧା ଜରୁରୀ ସମୟରେ ଅକ୍ସିଜେନ୍ ପାଇଁ ମଧ୍ୟ ରୋଗୀଙ୍କ ସମ୍ପର୍କୀୟଙ୍କୁ ଅନେକ ଅସୁବିଧା ଭୋଗିବାକୁ ପଡୁଥିବା ଅଭିଯୋଗ ରହିଛି ।ଆଉ ସବୁଠାରୁ ଯନ୍ତ୍ରଣାଦାୟକ ଚିତ୍ର ହେଉଛି ଶବ ଗୃହର ଅଭାବ ।ମୃତ୍ୟୁ ପରେ ମଧ୍ୟ ଜଣେ ମଣିଷର ମର୍ଯ୍ୟାଦା ରହିବା ଦରକାର। କିନ୍ତୁ ଏଠାରେ ସେହି ମର୍ଯ୍ୟାଦାଟିକୁ ମଧ୍ୟ ମିଳୁନାହିଁ ।

କେତେକ ସମୟରେ ଛୋଟ ଛୋଟ ପିଲାଙ୍କୁ ସାଙ୍ଗରେ ନେଇ ପରିବାର ଲୋକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସିବାକୁ ପଡୁଥିବା ଏବଂ ରକ୍ତ ପରୀକ୍ଷା ଭଳି ଆବଶ୍ୟକ ପରୀକ୍ଷା ପାଇଁ ଶବ ଡେଇଁ ଯିବାକୁ ପଡୁଥିବା ରକ୍ତ ପରୀକ୍ଷା କେନ୍ଦ୍ର କୁ ଯିବାକୁ ପଡିଥାଏ ।ସରକାରୀ ସ୍ୱାସ୍ଥ୍ୟସେବା ସମସ୍ତଙ୍କ ଅଧିକାର। ସହରର ଲୋକଙ୍କ ପାଇଁ ଯଦି ଜରୁରୀ ସମୟରେ ଡାକ୍ତର, ଏକ୍ସ-ରେ, ଅକ୍ସିଜେନ୍ ଓ ପରୀକ୍ଷା ସୁବିଧା ଆବଶ୍ୟକ, ତେବେ ଉପାନ୍ତ ଅଞ୍ଚଳର ଲୋକଙ୍କ ଜୀବନର ମୂଲ୍ୟ କ'ଣ କମ୍ ?ଏହା କେବଳ ରାଇଘରର ସ୍ୱାସ୍ଥ୍ୟ ବ୍ୟବସ୍ଥାର ପ୍ରଶ୍ନ ନୁହେଁ। ଏହା ୫୦ ହଜାର ଲୋକଙ୍କ ଜୀବନର ପ୍ରଶ୍ନ। ଏହା ଏମିତି ଏକ ଅଞ୍ଚଳ,ଯେଉଁଠି ଜଣେ ରୋଗୀ ଡାକ୍ତରଙ୍କୁ ଅପେକ୍ଷା କରୁଛନ୍ତି ଜଣେ ପରିବାର ଆମ୍ବୁଲାନ୍ସକୁ ଅପେକ୍ଷା କରୁଛି ଆଉ ଜଣେ ମାଆ ନିଜ ପିଲାର ଜୀବନ ପାଇଁ ପ୍ରାର୍ଥନା କରୁଛି ।କିନ୍ତୁ ସେହି ପ୍ରାର୍ଥନାର ଉତ୍ତର ଦେବା ପାଇଁ ଆବଶ୍ୟକ ଚିକିତ୍ସା ବ୍ୟବସ୍ଥା କେବେ ପହଞ୍ଚିବ ରାଇଘରରେ ?ଲୋକଙ୍କ ଦାବି ସ୍ୱଷ୍ଟ ରାତିରେ ଜରୁରୀକାଳୀନ

ଡାକ୍ତର ନିଯୁକ୍ତି ହେଉ ।ଏକ୍ସ-ରେ ସୁବିଧା ମିଳୁ। ପର୍ଯ୍ୟାପ୍ତ ଅକ୍ସିଜେନ୍ ବ୍ୟବସ୍ଥା ହେଉ ।ଶବ ଗୃହ ନିର୍ମାଣ ହେଉ ।ଏବଂ ୫୦ ହଜାର ଲୋକଙ୍କୁ ନିଜ ଅଞ୍ଚଳରେ ମାନସମ୍ମତ ଜରୁରୀ ସ୍ୱାସ୍ଥ୍ୟସେବା ମିଳୁ ।କାରଣ ରୋଗୀ ହସ୍ପିଟାଲ ଯିବା ପୂର୍ବରୁ ଯଦି ଜୀବନ ହାରିଯାଏ,ତେବେ ସେହି ମୃତ୍ୟୁ କେବଳ ଜଣେ ପରିବାରର ଦୁଃଖ ନୁହେଁ ଏହା ଆମ ସ୍ୱାସ୍ଥ୍ୟ ବ୍ୟବସ୍ଥା ପାଇଁ ଏକ ବଡ଼ ପ୍ରଶ୍ନଚିହ୍ନ ।ରାଇଘର କେବେ ପାଇବ ତା'ର ଅଧିକାରର ସ୍ୱାସ୍ଥ୍ୟସେବା? ମନ୍ତ୍ରୀଙ୍କ ନିଜ ଅଞ୍ଚଳ ବୋଲି କୁହାଯାଉଥିବା ଏହି ଅଞ୍ଚଳରେ ଯଦି ସାଧାରଣ ଲୋକଙ୍କୁ ଜରୁରୀ ସ୍ୱାସ୍ଥ୍ୟସେବା ପାଇଁ ଏତେ ଦୂର ଦୌଡ଼ିବାକୁ ପଡେ,ତେବେ ଏହାଠାରୁ ବଡ଼ ଦୁଃଖର କଥା ଆଉ କ'ଣ ହୋଇପାରେ?

## ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ନିମନ୍ତେ ବ୍ଲକସ୍ତରୀୟ ପ୍ରସ୍ତୁତି ବୈଠକ

ଦଶପଲ୍ଲା, (ମହାଭାରତ): ଭିନ୍ନକ୍ଷମ ବ୍ୟକ୍ତିମାନଙ୍କୁ ସରକାରୀ ସୁବିଧା ଓ ସେବା ଯୋଗାଇଦେବା ସହ ସେମାନଙ୍କ ସାମାଜିକ ସୁରକ୍ଷା ଓ ସଶକ୍ତୀକରଣ ଉଦ୍ଦେଶ୍ୟରେ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ (ବିବିଏସଏ ) ଶିବିର ଆୟୋଜନ କରାଯିବ। ଦଶପଲ୍ଲା ବ୍ଲକ ପ୍ରଶାସନ ପକ୍ଷରୁ ଚଳିତ ୨୦୨୬-୨୭ ଆର୍ଥିକ ବର୍ଷରେ ଏହି ଅଭିଯାନ ଅଧୀନରେ ଭିନ୍ନକ୍ଷମ ବ୍ୟକ୍ତିଙ୍କ ପାଇଁ ଶିବିର ଆୟୋଜନ ନେଇ ପ୍ରସ୍ତୁତି ଆରମ୍ଭ ହୋଇଛି। ସୂଚନା ଅନୁଯାୟୀ, ଆସନ୍ତା ୨୨ ସେପ୍ଟେମ୍ବର ୨୦୨୬ରେ ଭିନ୍ନକ୍ଷମ ବ୍ୟକ୍ତିମାନଙ୍କ ପାଇଁ ବିବିଏସଏ ଶିବିର ଅନୁଷ୍ଠିତ ହେବ। ଏହି ଶିବିରକୁ ସଫଳ ଓ ସୁଚାରୁ ଭାବେ ପରିଚାଳନା କରିବା ନିମନ୍ତେ ଆଜି ପୂର୍ବାହ୍ନ ୧୧ଟା ସମୟ ରେ ବ୍ଲକ ସମ୍ମିଳନୀ କକ୍ଷରେ ବ୍ଲକସ୍ତରୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି ।ବୈଠକରେ ଶିବିର ଆୟୋଜନ ସମ୍ପର୍କିତ ବିଭିନ୍ନ ପ୍ରସ୍ତୁତି, ଆବଶ୍ୟକ ବ୍ୟବସ୍ଥା ଓ ଦାୟିତ୍ୱ ବଣ୍ଟନ ନେଇ ଆଲୋଚନା ହେବ।

# ପାରାଦୀପ ବ୍ୟାଡମିଣ୍ଟନ ଆସୋସିଏସନ ପକ୍ଷରୁ ଷଷ୍ଠ ଆମନ୍ତ୍ରଣ କର୍ପୋରେଟ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ-୨୦୨୬ ଉଦଯାପିତ



ପାରାଦୀପ, (ମହାଭାରତ) : ପାରାଦୀପ ବ୍ୟାଡମିଣ୍ଟନ ଆସୋସିଏସନ (ପିପି ଏ) ପକ୍ଷରୁ ପାରାଦୀପ ବନ୍ଦର ପ୍ରାଧିକରଣ ର ଅଂସର୍ସ କ୍ଲବ ପରିସରରେ ଚଳିତ ସେପ୍ଟେମ୍ବର ୫ ଓ ୬ ତାରିଖରେ ଆୟୋଜିତ ଷଷ୍ଠ ଆମନ୍ତ୍ରଣ କର୍ପୋରେଟ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ-୨୦୨୬ ରବିବାର ଦିନ ସ'ଳତାର ସହ ଉଦଯାପିତ ହୋଇଯାଇଛି। ଏହି ଦୁଇଦିନିଆ ପ୍ରତିଯୋଗିତା କର୍ପୋରେଟ କ୍ଷେତ୍ରରେ କ୍ରୀଡ଼ା ଚେତନା, ସୁସ୍ଥ ପ୍ରତିଯୋଗିତା ଓ ପାରସ୍ପରିକ ସୌହାର୍ଦ୍ଦ ବୃଦ୍ଧି ଦିଗରେ ଏକ ଉଲ୍ଲେଖନୀୟ ପଦକ୍ଷେପ ସାବ୍ୟସ୍ତ ହୋଇଛି। ଏହି ପ୍ରତିଯୋଗିତାରେ ପାରାଦୀପ ଓ ଏହାର ଆଖପାଖ ଅଞ୍ଚଳର ପ୍ରମୁଖ ଶିଳ୍ପ ଓ କର୍ପୋରେଟ ସଂସ୍ଥାଗୁଡ଼ିକରୁ ମୋଟ ୬୦ ଜଣ ଖେଳାଳି ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତା ପୁରୁଷ ଡବଲ୍ସ, ମହିଳା ଡବଲ୍ସ, ମିଶ୍ରିତ ଡବଲ୍ସ ଏବଂ ଭେଟେରାନ୍ ଡବଲ୍ସ ବିଭାଗରେ ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗିତାରେ ଇଣ୍ଡିଆନ୍ 'ର୍ମସ ' ର୍ଟିଲାଇଜର୍ କୋ-ଅପରେଟିଭ୍ ଲିମିଟେଡ୍ (ଇ'କୋ), ଜଗତସିଂହପୁର ପାରାଦୀପ ପାଇପଲାଇନ୍ ଲିମିଟେଡ୍ (ଜେପିପିଏଲ), ଜେଏମ୍ ବକ୍ସି ଗ୍ରୁପ୍, ନୁମାଲିଗଡ଼ ରି'ାଇନେରୀ ଲିମିଟେଡ୍ (ଏନଆରଏଲ), ଜେଏସଡବ୍ଲ୍ୟୁ ଗ୍ରୁପ୍ ଏବଂ ପାରାଦୀପ ବନ୍ଦର ପ୍ରାଧିକରଣ ର କ୍ରୀଡା ଶାଖା ପାରାଦୀପ ବ୍ୟାଡମିଣ୍ଟନ ଆସୋସିଏସନର ଦଳଗୁଡ଼ିକ ଅଂଶଗ୍ରହଣ କରିଥିଲେ। 'ଇନାଲ ପର୍ଯ୍ୟାୟରେ ପାରାଦୀପ ବନ୍ଦର ଦଳ ଉଲ୍ଲେଖନୀୟ ପ୍ରଦର୍ଶନ କରି ସମସ୍ତ ଚାରିଟି ବିଭାଗରେ ବିଜୟୀ ହୋଇ ସାମଗ୍ରିକ ଚାମ୍ପିଅନ୍ ହେବାର ଗୌରବ ଅର୍ଜନ କରିଥିଲା। ପୁରୁଷ ଡବଲ୍ସ,ମହିଳା ଡବଲ୍ସ, ମିଶ୍ରିତ ଡବଲ୍ସ ଓ ଭେଟେରାନ୍ ଡବଲ୍ସରେ ପାରାଦୀପ ବନ୍ଦର ପ୍ରାଧିକରଣ ର ପିବିଏ ଦଳ ସାମଗ୍ରିକ ଭାବେ ଚମ୍ପିୟନ ହୋଇଥିଲେ କ୍ଷ ଉଦଯାପନୀ ଓ ପୁରସ୍କାର ବିତରଣ ଉତ୍ସବରେ ପାରାଦୀପ ବନ୍ଦର ପୂର୍ବତନ ଅ୍ଧ୍ୟକ୍ଷ ପି.ଏଲ୍.ହରାନାଦ ମୁଖ୍ୟ ଅତିଥି ଭାବେ ଏବଂ ଉପାଧ୍ୟକ୍ଷ ଟି.ଭେନୁ ଗୋପାଳ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ବନ୍ଦରର ମୁଖ୍ୟ ଯାନ୍ତ୍ରିକ ଯନ୍ତ୍ରୀ ସୁଶିଲ ଚନ୍ଦ୍ର ନାହାକ, ବିଭିନ୍ନ ବିଭାଗର ମୁଖ୍ୟ, ବରିଷ୍ଠ ଅଧିକାରୀ, ବିଶିଷ୍ଟ ଅତିଥି ଓ କ୍ରୀଡ଼ାପ୍ରେମୀମାନେ ଉପସ୍ଥିତ ଥିଲେ।

ଅତିଥିବୃନ୍ଦ ବିଜେତା ଏବଂ ଅଂଶଗ୍ରହଣକାରୀ ଖେଳାଳିମାନଙ୍କୁ ଅଭିନନ୍ଦନ ଜଣାଇବା ସହ ସେମାନଙ୍କର କ୍ରୀଡ଼ା ନୈପୁଣ୍ୟ, ଶୃଙ୍ଖଳା ଓ କ୍ରୀଡ଼ାସୁଲଭ ମନୋଭାବର ଭୂୟସୀ ପ୍ରଶଂସା କରିଥିଲେ। ସେମାନେ କହିଥିଲେ ଯେ, କ୍ରୀଡ଼ା କେବଳ ଶାରୀରିକ ସୁସ୍ଥତା ନୁହେଁ, ବରଂ ଦଳଗତ ମନୋଭାବ, ନେତୃତ୍ୱ ଗୁଣ ଓ ପାରସ୍ପରିକ ସହଯୋଗର ବିକାଶରେ ମ୍ଭ ସହାୟକ ହୋଇଥାଏ। ଅତିଥିମାନେ ପାରାଦୀପ ବ୍ୟାଡମିଣ୍ଟନ ଆସୋସିଏସନର ସ'ଳ ଆୟୋଜନକୁ ପ୍ରଶଂସା କରିବା ସହ ଅଞ୍ଚଳରେ କ୍ରୀଡ଼ା ସଂସ୍କୃତିର ବିକାଶ ପାଇଁ ଏହାର ନିରନ୍ତର ପ୍ରୟାସକୁ ସ୍ୱାଗତ କରିଥିଲେ।



# ଅଞ୍ଚଳ କଥା

ଆପଣା ମାଟିର କଥା ଓ ବ୍ୟଥା






## ନାବାଳିକା ଦୁଷ୍କର୍ମ ଅଭିଯୋଗରେ ଜଣେ ଗିରଫ

ପାଟଣା:-(ମହାଭାରତ):ପାଟଣା ଅନ୍ୟ ଅଞ୍ଚଳ ସାହାରପଡା ବ୍ଲକର ଏକ ଗ୍ରାମର ଜଣେ ବାପା ମା ଛେଉଣ୍ଡ ୧୪ ବର୍ଷୀୟା ନାବାଳିକା ଗତକାଲି ଦିନବେଳା ଘରେ ପାଠ ପଢୁଥିବା ବେଳେ ଏକମାତ୍ର ଜେଜେ ମା ବାହାରକୁ କୌଣସି କାମରେ ଯାଇଥିଲେ। ଏହି ସୁଯୋଗରେ ଜଣେ ବିବାହିତ ଯୁବକ ଗଣେଷ ଲୋହାର ୩୦ବର୍ଷ ନାବାଳିକାଙ୍କ ଘରେ ପଶି ଜୋର ଜବରଦସ୍ତ ତାକୁ ଦୁଷ୍କର୍ମ କରିବା ସମୟରେ ତାହାର ପାଟି ଶୁଣି ଅଭିଯୁକ୍ତଙ୍କ ପତ୍ନୀ ଘଟଣା ସ୍ଥଳରେ ପହଞ୍ଚି ଗଣେଶକୁ ପାଟି କରି ଘରକୁ ନେଇ ଯାଇଥିଲେ। ଏ ସମ୍ପର୍କରେ ନାବାଳିକାଙ୍କ କାକା ପାଟଣା ଥାନାରେ ଅଭିଯୋଗ କରିବା ପରେ ଥାନା କେଶ ନଂ ୩୧୧/୨୦୨୬ ମୂଳେ ଏସଆଇ ଲକ୍ଷ୍ମଣ ମାଝୀ ଘଟଣା ର ତଦନ୍ତ କରିବା ସହ ଗଣେଶକୁ ଗିରଫ କରିଛନ୍ତି।ନାବାଳିକା ଓ ଅଭିଯୁକ୍ତର ଡାକ୍ତରୀ ମାଇନା ପରେ ଅଭିଯୁକ୍ତ ଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନାଧିକାରୀ କିରଣ ପ୍ରସାଦ ସାହୁଙ୍କ ଠାରୁ ପ୍ରକାଶ।

## ସ୍ତ୍ରୀକୁ ଗୁଳି କରି ହତ୍ୟା କଲା ସ୍ୱାମୀ, ଅଭିଯୁକ୍ତ ଗିରଫ

ରେଢ଼ାଖୋଲ (ମହାଭାରତ)ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଥାନା ନାକଟିଦେଉଳ ବ୍ଲକ ଘୋଷରାମାଳ ପଞ୍ଚାୟତ ଅଧିନ ଲଣ୍ଡିମାଳ ଗାଁରେ ଏକ ହୃଦୟ ବିଦାରକ ହତ୍ୟାକାଣ୍ଡ ଘଟିଛି। ପାରିବାରିକ କଳହକୁ କେନ୍ଦ୍ର କରି ସ୍ୱାମୀ ନିଜ ସ୍ତ୍ରୀକୁ ଗୁଳି କରି ହତ୍ୟା କରିଛନ୍ତି। ସୂଚନା ଅନୁସାରେ, ଲଣ୍ଡିମାଳ ଗାଁର ଚରଣ ମିର୍ଦ୍ଧା ପାରିବାରିକ ବିବାଦ ପରେ ଉତ୍ତ୍ୟକ୍ତ ହୋଇ ନିଜ ସ୍ତ୍ରୀ ଅମ୍ବିକା ମିର୍ଦ୍ଧାଙ୍କୁ ଦେଶୀ ବନ୍ଧୁକରୁ ଗୁଳି କରି ହତ୍ୟା କରିଛନ୍ତି। ମୃତଦେହ ତାଙ୍କ ଶାଶୁ ଘରେ ହିଁ ପଡ଼ି ରହିଛି। ଉଭୟଙ୍କ ବିବାହକୁ ୧୫ ବର୍ଷରୁ ଅଧିକ ସମୟ ହୋଇଛି ବୋଲି ଜଣାପଡ଼ିଛି। ଘଟଣା ପରେ ରେଢ଼ାଖୋଲ ପୁଲିସ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଅଭିଯୁକ୍ତ ସ୍ୱାମୀକୁ ଗିରଫ କରିଛି। ହତ୍ୟାକାଣ୍ଡରେ ବ୍ୟବହୃତ ଦେଶୀ ବନ୍ଧୁକକୁ ମଧ୍ୟ ଜବତ କରାଯାଇଛି। ଏ ନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି ଓ ତଦନ୍ତ ଜାରି ରହିଛି। ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଯିବ ବୋଲି ପୁଲିସ ସୂଚନା ଦେଇଛି।

## ଦୁଇ ଭଉଣୀ ପାଣିରେ ବୁଡି ମୃତ

**ନୂଆପଡ଼ା,:**ଜିଲ୍ଲା ସିନାପାଲି ବ୍ଲକ୍ ଅନ୍ତର୍ଗତ ତିଲେମାଲ୍ ଗାଁ ର ନୀଳକଣ୍ଠ ହଂସ। ତାଙ୍କ ର ଦୁଇ କୁନି ଝିଅ ଗ୍ରାମ ନିକଟସ୍ଥ ଦର୍ଲିବନ୍ଧ କୁ ଗାଧୋଇ ବା ପାଇଁ ଯାଇ ଆଉ ଫେଇ ନଥିଲେ। ଦୁଇ କୁନି ଝିଅଙ୍କ ମୃତ୍ୟୁ ଘଟଣା ଖବର ପ୍ରସାରିତ ହେବା ପରେ ଗ୍ରାମ ପୋଖରୀ ନିକଟରେ ଗ୍ରାମବାସୀ ମାନେ ଆସି ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ଘଟଣା ସ୍ଥଳରେ ସିନାପାଲି ପୋଲିସ ପହଞ୍ଚି ଶବକୁ ଜବତ କରିଛନ୍ତି। , ପରିବାରଙ୍କୁ ଆର୍ଥିକ ସହଯୋଗ ପାଇଁ ଅଞ୍ଚଳ ବାସୀ ଦାବୀ କରିଛନ୍ତି। ସରକାର ପକ୍ଷ ରୁ ସହାୟତା ପ୍ରଦାନ ହେବା ବ୍ୟବସ୍ଥା ରହିଅଛି। ସିନାପାଲି ଅଞ୍ଚଳ ତିଲେମାଲ୍ ଗାଁ ର ନୀଳକଣ୍ଠ ହଂସଙ୍କ ଦୁଇ ଝିଅ ହେଲେ ଯଶୋଦା ହଂସ ଓ ଗୁପ୍ତେଶ୍ୱରି ହଂସ, ବୋଲି ଜଣାପଡ଼ିଛି।

## ଉପ କାରାଗାରର ବିଚାରଧୀନ କଏଦୀଙ୍କ ମୃତ୍ୟୁ

ଗଜପତି(ମହାଭାରତ): ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡିରେ ଥିବା ଉପ କାରାଗାରର ଜଣେ ବିଚାରାଧୀନ କଏଦୀଙ୍କ ଆକସ୍ମିକ ମୃତ୍ୟୁକୁ ନେଇ ଚର୍ଚ୍ଚା ଜୋର ଧରିଛି। ମୃତକ ହେଲେ ରାୟଗଡ଼ ବ୍ଲକ ଜିରାଙ୍ଗ ଗ୍ରାମର ରୁନା ବଡ଼ରଇତ।ସେ ଏକ ପୋକ୍ସୋ ମାମଲାରେ ବିଚାରାଧୀନ କଏଦୀ ଭାବେ ଜେଲ୍‌ରେ ଥିଲେ।ତେବେ ତାଙ୍କର ମୃତ୍ୟୁର ପ୍ରକୃତ କାରଣ ଏଯାଏ ସ୍ପଷ୍ଟ ହୋଇନାହିଁ।ମୃତଦେହ ବ୍ୟବଚ୍ଛେଦ ପରେ ହିଁ ରୁନାଙ୍କ ମୃତ୍ୟୁର ପ୍ରକୃତ କାରଣ ସ୍ପଷ୍ଟ ହେବ ବୋଲି ଜଣାପଡ଼ିଛି।

## ଭାଲୁ ଆକ୍ରମଣରେ ଦୁଇ ଭାଇ ଗୁରୁତର

କରଞ୍ଜିଆ, (ମହାଭାରତ) ମୟୂରଭଞ୍ଜ ଜିଲ୍ଲା କରଞ୍ଜିଆ ବନଖଣ୍ଡ ଅନ୍ତର୍ଗତ ସତୋକସିଆ ବନାଞ୍ଚଳର ଘୁଲୁଘୁଲିଆ ବାଉଁଶରାଇ ଜଙ୍ଗଲରେ ଭାଲୁ ଆକ୍ରମଣରେ ଦୁଇ ଭାଇ ଗୁରୁତର ଆହତ ହୋଇଛନ୍ତି। ଭାଲୁ ଆକ୍ରମଣରେ ସାନଭାଇ ଓ ବଡ଼ଭାଇ ଆହତ ହେବା ଘଟଣାକୁ ନେଇ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଛି।ସୂଚନା ଅନୁଯାୟୀ, ଘୁଲୁଘୁଲିଆ ବାଉଁଶରାଇ ଜଙ୍ଗଲକୁ ସକାଳ ପ୍ରାୟ ୬ଟା ସମୟରେ ଦୁମ୍ବି ହାଇବୁରୁ (୨୫) ଓ ତାଙ୍କ ବଡ଼ଭାଇ ବେହେରା ହାଇବୁରୁ (୪୧) ଶୌଚ ହେବା ପାଇଁ ଯାଇଥିଲେ। ଏହି ସମୟରେ ଜଙ୍ଗଲ ଭିତରୁ ହଠାତ୍ ଏକ ଭାଲୁ ବାହାରି ଆସି ଦୁମ୍ବି ହାଇବୁରୁଙ୍କ ଉପରେ ଆକ୍ରମଣ କରିଥିଲା।

## ଜମି ଦଲାଲ:୪ ଅଭିଯୁକ୍ତ ଗିରଫ

**ନୂଆପଡା:** ନୂଆପଡ଼ା ଜିଲ୍ଲା ବହୁ ଚର୍ଚ୍ଚିତ କୋମନା ତହସିଲ ଅନ୍ତର୍ଗତ ଚନ୍ଦୋପଲା ଜମିଜାଲିଆତି ମାମଲାରେ କୋମନା ନକଲି ଜମି ମାଲିକ ସମେତ ଦୁଇ ଜଣ ଜମି ଦଲାଲ କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଅସଲି ଜମି ମାଲିକ କୋମନା ବ୍ଲକ ଚାନ୍ଦୋପଲା ଗାଁର ସତ୍ୟ ନାରାୟଣ ପ୍ରଧାନୀ ଓ ଭଉଣୀ କୁମୁଦିନି ଙ୍କ ନାମରେ ଥିବା ୪ ଏକର ୪୦ ଡିସମିଲ ଜମିକୁ ଜାଲିଆତି କରି ବିକ୍ରି କରିଥିବା ଅଭିଯୋଗ କରିଥିଲେ। ଏହି ଅଭିଯୋଗ କୁ ଭିତ୍ତି କରି କୋମନା ଥାନା ରେ ଏକ ମାମଲା ରୁଜୁ ହୋଇଥିଲା। ପ୍ରକୃତ ଜମି ମାଲିକ ନକଲି ଜମି ମାଲିକଙ୍କୁ ଧରି ଆସି କୋମନା ଥାନାରେ ଜିମା ଦେଇଥିଲେ । ପୋଲିସ ଘଟଣାର ପଚରା ଉଚ୍ଛତା ପରେ ନକଲି ସତ୍ୟ ପ୍ରଧାନୀ ସାଜି ଜମି ବିକ୍ରି କରିଥିବା ଛତିଶଗଡ ଅଂଚଳର ଗୋହେରାପଦର ଗୁଡଭେଲି ଗାଁରଡୁମାଲ ରଣା କୁ ଗିରଫ କରିଛନ୍ତି। ସେହିପରି ସତ୍ୟ ପ୍ରଧାନୀ ଭଉଣୀ ସାଜି ଥିବା କୋମନା ଥାନା ଦେଓଦରା ଗାଁର ଦେଓମତି ମାଝୀ ଗିରଫ କରିଛନ୍ତି। ଦୁଇ ଦଲାଲ ଷୋଳବନ୍ଧ ଗାଁର ଦୁଲ୍ଲବ ନିଆଲ , ଓ ସମରସିଂ ଗାଁର ତୁଳସୀ ରଣା କୁ ଜମି ରୋରୀ ଘଟଣା ରେ ୪ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବ ପୋଲିସ ସୁଚନା ଦେଇଛି। ଧାନ ବିକ୍ରି ପାଇ ପଞ୍ଜିକୃତ କରିବା ସମୟରେ ସତ୍ୟ ପ୍ରଧାନୀ ଜାଣିବାକୁ ପାରିଥିଲେ ।

## ଗୁରୁ ଗୌରବ ସମ୍ମାନ–୨୦୨୬

**ପୁରୀ,:** ଗୁରୁ ଦିବସ ଅବସରରେ ଗୁରୁଜନଙ୍କ ପ୍ରତି ସମ୍ମାନ, ଶ୍ରଦ୍ଧା ଓ କୃତଜ୍ଞତା ଜ୍ଞାପନ ଉଦ୍ଦେଶ୍ୟରେ ଶ୍ରୀକ୍ଷେତ୍ର ବିକାଶ ମଞ୍ଚ, ପୁରୀ ପକ୍ଷରୁ "ଗୁରୁ ଗୌରବ ସମ୍ମାନ–୨୦୨୬" କାର୍ଯ୍ୟକ୍ରମ ଆଜି କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ (ସଦାଶିବ ପରିସର), ପୁରୀଠାରେ ଅନୁଷ୍ଠିତ ହୋଇଯାଇଛି।ଏହି ଗୌରବମୟ କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥି ଭାବେ ମାନ୍ୟବର ରାଜ୍ୟସଭା ସାଂସଦ ଶ୍ରୀଯୁକ୍ତ ଶୁଭାଶିଷ ଖୁଣ୍ଟିଆ ଉଦ୍ ?ଘାଟନ କରିଥିଲେ। ଏହି ଅବସରରେ ବର୍ଷୀୟାନ ଶିକ୍ଷାବିତ୍ ଶ୍ରୀଯୁକ୍ତ ରଘୁନାଥ ମହାପାତ୍ର ଅନ୍ୟତମ ଅତିଥି ଭାବେ ଯୋଗଦେଇଥିଲେ।କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭାପତି ଶ୍ରୀ ବିନୋଦ କୁମାର ପଣ୍ଡା, ସମ୍ପାଦକ ଶ୍ରୀ ଲକ୍ଷ୍ମୀ ନାରାୟଣ ପୃଷ୍ଟି, ବରିଷ୍ଠ ସେବାୟତ ଶ୍ରୀ କୃଷ୍ଣ ଚନ୍ଦ୍ର ପଣ୍ଡା ଏବଂ ଶ୍ରୀ ରବି ଶଙ୍କର ପ୍ରତିହାରୀ ପ୍ରମୁଖ ଉପସ୍ଥିତ ଥିଲେ। ଗୁରୁ–ଶିଷ୍ୟ ପରମ୍ପରାର ମହତ୍ତ୍ୱ ଏବଂ ସମାଜ ଗଠନରେ ଗୁରୁଜନଙ୍କ ଅବଦାନକୁ ସ୍ମରଣ କରି ଉପସ୍ଥିତ ଅତିଥିମାନେ ନିଜ ନିଜ ମତବ୍ୟକ୍ତ କରିଥିଲେ। ଶିକ୍ଷା କେବଳ ଜ୍ଞାନ ଆହରଣର ମାଧ୍ୟମ ନୁହେଁ, ବରଂ ଚରିତ୍ର ଓ ମାନବିକ ମୂଲ୍ୟବୋଧ ଗଠନର ମୁଖ୍ୟ ଆଧାର ବୋଲି ମତ ପ୍ରକାଶ ପାଇଥିଲା।

## ବେଆଇନ ମଇଁଷି ବୋଝେଇ ଗାଡ଼ି ଜବତ: ୬ ଗିରଫ

ଦଶପଲ୍ଲା, (ମହାଭାରତ ): ବାଣୀଗୋଛା ଥାନା ଅଞ୍ଚଳରେ ଚାଲିଥିବା ବେଆଇନ ଗୋରୁ-ମଇଁଷି ଚାଲାଣ ଉପରେ ପୋଲିସ ଚଢ଼ାଉ କରିଛି। ଗଣ୍ଡାପାଜୁ ଛକ ନିକଟରେ ଚଢ଼ାଉ କରି ପୋଲିସ ଦୁଇଟି ବୋଲେରୋ ପିକ୍‌ଅପ୍ ଭ୍ୟାନରୁ ୧୧ଟି ମଇଁଷି ଉଦ୍ଧାର କରିବା ସହ ଘଟଣାରେ ସମ୍ପୃକ୍ତ ୬ ଜଣଙ୍କୁ ଗିରଫ କରି ଆଜି କୋର୍ଟ ଚାଲାଣ କରିଛି। ମିଳିଥିବା ସୂଚନା ଅନୁଯାୟୀ, ଗତକାଲି ରାତି ପ୍ରାୟ ସାଢ଼େ ୧୦ଟା ବେଳେ ବାଣୀଗୋଛା ଥାନା ଅଧିକାରୀ ଶିବ ପ୍ରସାଦ ଭଦ୍ର ଙ୍କ ନିର୍ଦ୍ଦେଶ କ୍ରମେ ଏସ୍.ଆଇ. ବିରେନ୍ଦ୍ର କୁମାର ଦେହୁରୀ ସଦଳବଳେ ଗଣ୍ଡାପାଜୁ ଛକ




ନିକଟରେ ଯାଞ୍ଚ କରୁଥିଲେ। ସେହି ସମୟରେ ଦୁଇଟି ବୋଲେରୋ ପିକ୍‌ଅପ୍ ଗାଡ଼ିକୁ ସନ୍ଦେହରେ ଅଟକାଇ ଯାଞ୍ଚ କରିବାରୁ, ସେଥିରେ ଅତି ଅମାନୁଷିକ ଭାବେ ୧୧ଟି ମଇଁଷି ବୋଝେଇ ହୋଇ ଚାଲାଣ ହେଉଥିବା ଦେଖିବାକୁ ମିଳିଥିଲା। ପୋଲିସ ତୁରନ୍ତ ଉକ୍ତ ଗାଡ଼ି ଦୁଇଟିକୁ ଜବତ କରିବା ସହ ଗାଡ଼ିରେ ଥିବା ୬ ଜଣ ବ୍ୟକ୍ତିଙ୍କୁ ଗିରଫ କରିଥିଲେ ।ଗିରଫ ଅଭିଯୁକ୍ତମାନେ ହେଲେ କନ୍ଧମାଳ ଜିଲ୍ଲା ଟିକାବାଲି ଥାନା ବୁଦେନୀ ଗ୍ରାମର ଧରଣୀଧର କହଁର ଓରଫ ଶ୍ରାବଣ (୨୬), ଦୁଃଶାସନ ଦିଗାଲ (୫୦), ଶାଳଗୁଡ଼ା ଗ୍ରାମର ସୁଶାନ୍ତ ନାୟକ (୬୫), ଖଜୁରିପଡ଼ା ଥାନା ଡିମିତିଖୋଲା ଗ୍ରାମର ବନମାଳୀ ଗଣ୍ଡା ଓରଫ ପଞ୍ଚୁ (୨୫), ଆଦିତ୍ୟ ମାଝୀ ଓରଫ ଅଦ୍ୱିତ (୩୦) ଏବଂ ବୌଦ୍ଧ ଜିଲ୍ଲା ପୁରୁଣାକଟକ ଥାନା ମାଧପୁର ଅଞ୍ଚଳର ମୁକୁନ୍ଦଦେବ ଦୀପ ଓରଫ କାହ୍ନୁ (୩୦)। ଏହି ଘଟଣାରେ ବାଣୀଗୋଛା ଥାନାରେ କେସ୍ ନଂ ୧୧୭/୨୦୨୬, ଭାରତୀୟ ନ୍ୟାୟ ସଂହିତା (ଇଘଙ)ର ଧାରା ୩୦୩(୨)/୩୧୭(୨)/୩୨୫/୩(୫) ସମେତ ପ୍ରାଣୀ କ୍ରୂରତା ନିବାରଣ ଆଇନର ଧାରା ୧୧(୧)(ବ)(ଯ)(ର) ଅନୁଯାୟୀ ଏକ ମାମଲା ରୁଜୁ ହୋଇଛି। ଥାନା ଅଧିକାରୀ ନିଜେ ଏହି ଘଟଣାର ତଦନ୍ତ ଭାର ନେଇଥିବା ବେଳେ ଆଜି ସମସ୍ତ ଅଭିଯୁକ୍ତଙ୍କୁ ନ୍ୟାୟାଳୟକୁ ପଠାଯାଇଛି।

## ଆଳି ବ୍ଲକରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଜନଶୁଣାଣୀ



ଆଳି,(ମହାଭାରତ): ଆଳି ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ଜନଶୁଣାଣୀ ଶିବିର ସୋମବାର ଦିନ ଅନୁଷ୍ଠିତ ହୋଇଯାଇଛି । ଏହି ଜନ ଶୁଣାଣି ଶିବିରରେ ମୋଟ ୧୭୧ ଟି ଅଭିଯୋଗ ହୋଇଥିବା ଜଣାପଡିଛି । ସେଥି ମଧ୍ୟରୁ ୨୫ ଟି ସାମୂହିକ ଅଭିଯୋଗ ହୋଇଥିବା ବେଳେ ୧୪୬ ଟି ବ୍ୟକ୍ତିଗତ ଅଭିଯୋଗ ଥିବା ସୂଚନା ମିଳିଛି । ଏହି ଶିବିରରେ ୧୩ ଟି ଅଭିଯୋଗର ଶୁଣାଣି କରାଯାଇ ସମାଧାନ କରା ଯାଇଥିବା ବେଳେ ୨ ଜଣଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ଦଶ ହଜାର ଟଙ୍କାର ଆର୍ଥୀକ ସହାୟତା ଯୋଗାଇ ଦିଆଯାଇଥିବା ନେଇ ଜିଲ୍ଲାପାଳ ସୂଚନା ଦେଇଛନ୍ତି । ଏହି ଶିବିରରେ ସିଙ୍ଗିରି, ଚଣ୍ଡିଆଗଡି, ମାଣିକପାଟଣା ଓ ଅରେହିକଣା ପଞ୍ଚାୟତର ଶତାଧିକ ଚାଷୀ ବ୍ଲକକୁ ଆସି ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି ଯେ ସେମାନେ ଚଳିତ ଥର ଖରିଫ ଧାନ ଚାଷ କରିଥିବା ବେଳେ ତାହା ଗତ ଜୁନ ମାସରୁ ଏବେ ପର୍ଯ୍ୟନ୍ତ ସେମାନଙ୍କ ଚାଷ ଜମି ସମ୍ପୂର୍ଣ୍ଣ ଭାବେ ବୁଡି ରହିଛି । ଫସଲ ନଷ୍ଟ ହୋଇ ଯାଇଥିବା ବେଳେ ପ୍ରଶାସନ ପକ୍ଷରୁ ଏହାର ସରଜମିନ ତଦନ୍ତ କରାଯାଇ କ୍ଷୟକ୍ଷତି ଦେବାକୁ ଦାବି କରାଯାଇଛି । ସେହିପରି ମେଣ୍ଟପୁର ପଞ୍ଚାୟତର ୪ ଟି ୱାର୍ଡର ପ୍ରାୟ ୨୫୦୦ ଭୋଟରଙ୍କ ନାମକୁ (ଫର୍ମ -୭)କୁ ବ୍ୟବହାର କରି କିଛି କୁଚକ୍ରି କାଟିଦେବା ନିମନ୍ତେ ମସୁଧା କରିଥିବା ବ୍ୟକ୍ତି ମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଦାବି କରି ଭୋଟର ମାନେ ଜିଲ୍ଲାପାଳଙ୍କୁ ଅଭିଯୋଗ କରିଛନ୍ତି । ସେହିପରି ବିଭିନ୍ନ ସମସ୍ୟା ନେଇ ଅଞ୍ଚଳ ବାସୀ ଅଭିଯୋଗ କରିଛନ୍ତି । ଏହି ଶିବିରରେ ଜିଲ୍ଲାପାଳ ରଘୁରାମ ଆର ଆୟର, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ଉପଜିଲ୍ଲାପାଳ ଅରୁଣ କୁମାର ନାୟକ, ଆଡିସନାଲ ଏସ ପି ସୁଧାକର ସାହୁ,ଡେପୁଟି କଲେକ୍ଟର (ସାଧାରଣ ଓ ବିବିଧ) ସରୋଜ କୁମାର ବେହେରା, ଆଳି ବିଡ଼ିଓ ଅବିନାଶ ବିଶ୍ୱଜିତ ସେଠୀ, ତହସିଲଦାର ସୁମନ ଘୋଷଙ୍କ ସହ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ମଦ ବନ୍ଦକୁ ବିରୋଧ କରି ଥାନାର ଦ୍ୱାରସ୍ଥ ହେଲେ ଶତାଧିକ ମହିଳା

କପ୍ତିପଦା (ମହାଭାରତ ): ଗାଁରେ ଅବାଧ ମଦ କାରବାର ଚାଲିଛି, ମଦ ପିଇ ଘଟୁଛି ଅନେକ ଅଘଟଣ। ଯାହାକୁ ନେଇ ଅଣନିଶ୍ୱାସୀ ଅବସ୍ଥାରେ ରହିଛନ୍ତି ଗ୍ରାମବାସୀ। ତେଣୁ ଆମ ଗ୍ରାମରେ ମଦ ବନ୍ଦ ହ୍ୱୋ ଦରକାର। ଏଭଳି କିଛି ଦାବି ନେଇ ଉଦଳା ଥାନାରେ ପହଂଚିଥିଲେ ଶତାଧିକ ମହିଳା। ସୋମବାର ମଧ୍ୟାହ୍ନ ୧ ଘଟିକା ସମୟରେ ଉଦଳା ଥାନାରେ ଦେଖିବାକୁ ମିଳିଛି ଏଭଳି ଚିତ୍ର। ଉଦଳା ଥାନା ଅଧୀନ ବହୁବନ୍ଧ, ଏବଂ କନକପଦା ଗ୍ରାମରେ ବିପୁଳ ମଦ କାରବାର ଚାଲିଛି। ମଦ ବେପାରୀମାନେ ବେଧଡକ ମଦ କାରବାର କରୁଥିବା ବେଳେ ସେହିଠାରୁ ମଦ ପିଇ ପ୍ରତ୍ୟେକ ଦିନ ପରିବାର ଭିତରେ ଅଶାନ୍ତି ସୃଷ୍ଟି ହେଉଛି। ଏପରିକି କେତେକ ମହିଳାଙ୍କ ସିନ୍ଦୂର ପୋଛି ସେମାନଙ୍କୁ ବିଧବା ସଜାଇ ସାରିଲାଣି ଏହି ମଦ। ଗ୍ରାମର ନାବାଳକ ମାନେ ମଧ୍ୟ ଏହି



ମଦ ପିଇ ବିଭିନ୍ନ କାଣ୍ଡ ଭିଆଉଛନ୍ତି। ଏପରିକି ପ୍ରତ୍ୟେକ ଦିନ ମଦ ପିଇବା ପାଇଁ ଘରୁ ଚାଉଳ ଠାରୁ ଆରମ୍ଭ କରି ଟଙ୍କା ପଇସା ଚୋରି କରି ପରିବାରକୁ ସର୍ବସାନ୍ତ କରୁଛନ୍ତି ପୁରୁଷ ମାନେ। ଯାହାକୁ ଦେଖି ଗ୍ରାମରେ ମଦ ବନ୍ଦ କରିବା ନିମନ୍ତେ ଦୁଇ ଦୁଇ ବୈଠକ ର ଆୟୋଜନ କରାଯିବା ସହିତ ମଦ ବେପାରୀ ମାନଙ୍କୁ ମଧ୍ୟ ଉକ୍ତ ବୈଠକ ରେ ମଦ ବିକ୍ରି ବନ୍ଦ କରିବାକୁ କହିଥିଲେ ଗ୍ରାମର ସରପଞ୍ଚ ସୂର୍ଯ୍ୟ ନାରାୟଣ ମୁର୍ମୁ ଏବଂ ଗ୍ରାମବାସୀ। ହେଲେ ମଦ ବେପାରୀ ତାହା ନ ଶୁଣିବାରୁ ଶେଷରେ ଦୁଇ ଗ୍ରାମର ଶତାଧିକ ମହିଳା ଆସି ତୁରନ୍ତ ଗ୍ରାମରେ ମଦ ବନ୍ଦ କରିବାକୁ ଦାବି କରି ଉଦଳା ପୋଲିସ ନିକଟରେ ଲିଖିତ ଅଭିଯୋଗ ଦେଇଛନ୍ତି। ତେବେ ଗ୍ରାମରେ ମଦ କାରବାର ବନ୍ଦ କରା ନ ଗଲେ ଆଗାମୀ ଦିନରେ ଗ୍ରାମବାସୀ ରାଜରାସ୍ତା କୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି ଗ୍ରାମର ସରପଞ୍ଚ ସୂର୍ଯ୍ୟ ନାରାୟଣ ମୁର୍ମୁ ଙ୍କ ସମେତ ଗ୍ରାମର ମହିଳା ଶାନ୍ତିଲତା ମୁର୍ମୁ, ଆଦର ମଢେଇ, ସୁମତି ବିଶ୍ୱାଳ, ରଜନୀ ମାଣିକ, ମାଇନ ମୁର୍ମୁ, ପାନ ହେମ୍ବ୍ରମ, ଅନିତା ଶଙ୍ଖୁଆଳ, ସବିତା ମିରିଡ଼ିଆ, ସୁଶୀଳା ଖଣ୍ଡେଇ ଙ୍କ ସମେତ ସମସ୍ତ ଗ୍ରାମବାସୀ।

## ଜାତୀୟ ଅନସୁଚୀତ ଜନଜାତି ଆୟୋଗଙ୍କ ପୁରୀ ଜିଲ୍ଲା ଗସ୍ତ



**ପୁରୀ :**ଜାତୀୟ ଅନସୁଚୀତ ଜନଜାତି ଆୟୋଗ ର ଅଧକ୍ଷ ଅନ୍ତର ସିଂ ଆର୍ଯ୍ୟ ଦୁଇ ଦିନିଆ ପୁରୀ ଗସ୍ତରେ ଆସି ବିଭିନ୍ନ କାର୍ଯ୍ୟ ର ସମୀକ୍ଷା କରିଛନ୍ତି।ଗତକାଲି ଅଧକ୍ଷ ଶ୍ରୀ ଆର୍ଯ୍ୟ ସର୍କିଟ ହାଉସ ଠାରେ ପହଞ୍ଚିବା ପରେ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା ତାଙ୍କୁ ଓ ଅନ୍ୟ ସଦସ୍ୟ ମାନଙ୍କୁ ସ୍ୱାଗତ କରିଥିଲେ।ପରେ ସର୍କିଟ ହାଉସ ସମ୍ମିଳନୀ କକ୍ଷରେ ଆୟୋଜିତ ବୈଠକରେ ଜିଲ୍ଲାପାଳ ଶ୍ରୀ ପରିଡା ପୁରୀ ଜିଲ୍ଲା ରେ ଅନସୁଚୀତ ଜନଜାତି ବିକାଶ, କଲ୍ୟାଣ ତଥା ଉନ୍ନୟନ ପାଇଁ ଗ୍ରହଣ କରାଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ କମିଶନ ଙ୍କୁ ସୂଚନା ପ୍ରଦାନ କରିଥିଲେ।ଜିଲ୍ଲା ରେ ୮ଗୋଟି ଅନୁସୂଚୀତ ଜାତି ଓ ଜନଜାତି ବିଦ୍ୟାଳୟ ଓ ୧୦ ଗୋଟି ଅନୁସୂଚୀତ ଜାତି ଓ ଜନଜାତି ହଷ୍ଟେଲ ରହିଛି।ସେଥିରୁ ୬ ଟି ଏସସି ଓ ଏସଟି ବିଭାଗ ଓ ୪ ଗୋଟି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପରିଚାଳିତ ବିଦ୍ୟାଳୟ ରେ ହଷ୍ଟେଲ ଚାଲୁଅଛି ।ସେମାନଙ୍କୁ ନିୟମିତ ଶିକ୍ଷା ଦାନ ସହ ସରକାରଙ୍କ ସ୍ଥିରୀକୃତ ଛାତ୍ର ବୃତ୍ତି ମଧ୍ୟ ପ୍ରଦାନ କରାଯାଉଛି ବୋଲି ଜିଲ୍ଲାପାଳ ସୂଚନା ଦେଇଥିଲେ।ଅଧକ୍ଷ ଶ୍ରୀ ଆର୍ଯ୍ୟ ସମସ୍ତ କାର୍ଯ୍ୟ ର ସମୀକ୍ଷା କରିବା ସହ ବିଭିନ୍ନ ଯୋଜନା ର କାର୍ଯ୍ୟକାରିତା ସମ୍ପର୍କରେ ସନ୍ତୋଷ ପ୍ରକାଶ କରିଥିଲେ।ପୂର୍ବରୁ ଏକ ପେଡ ମା କେ ନାମ କାର୍ଯ୍ୟକ୍ରମ ଅଧିନରେ ଅଧକ୍ଷ ଶ୍ରୀ ଆର୍ଯ୍ୟ ଚାରାରୋପଣ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଡିଏଫଓ ମଗର ଧନୀଜ ରାସୋସୋ,ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ, ଉପ ଜିଲ୍ଲାପାଳ ରାଜ କିଶୋର ଜେନା,ଜିଲ୍ଲା ମଙ୍ଗଳ ଅଧିକାରୀ ମମତାରାଣୀ ପରିଡା,ଅଧକ୍ଷ ଙ୍କ ସହ ଆସିଥିବା ଅନ୍ୟାନ୍ୟ ଅଧିକାରୀ, ଅନସୁଚୀତ ଜନଜାତି କମିଟିର ସଦସ୍ୟ ବୃନ୍ଦ, ବିଭିନ୍ନ ସାମାଜିକ ସଂଗଠନ ର କର୍ମକର୍ତ୍ତା ପ୍ରମୁଖ ଯୋଗ ଦେଇଥିଲେ।ଆଜି ପୂର୍ବାହ୍ନରେ ଅଧକ୍ଷ ମହାପ୍ରଭୁଙ୍କ ଦର୍ଶନ ସହ ସାତପଡ଼ା ଅଞ୍ଚଳ ପରିଦର୍ଶନ କରିଥିଲେ।

## ରାଷ୍ଟ୍ର ନିର୍ମାଣରେ ଯୁବ ପ୍ରସ୍ତୁତି ଶିବିର -୨୦୨୬



**ସମ୍ବଲପୁର:** 'ସମ୍ବଲପୁର ସାର୍ବଜନୀନ ଗ୍ରନ୍ଥାଗାର' ଆନୁକୂଲ୍ୟରେ ଆୟୋଜିତ ହେଉଥିବା 'ରାଷ୍ଟ୍ର ନିର୍ମାଣରେ ଯୁବ ପ୍ରସ୍ତୁତି' ଶିବିରର ଏକବିଂଶତୀତମ ରବିବାସରୀୟ କାର୍ଯ୍ୟକ୍ରମ ଆଜି ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ଉଚ୍ଚ ବିଦ୍ୟାଳୟରୁ ୪୫ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ପ୍ରାରମ୍ଭରେ ପ୍ରାର୍ଥନା ପରେ ବିଶିଷ୍ଟ ଯୋଗଗୁରୁ ଡ଼କ୍ଷକ୍ତର ଜୟଦେବ ମେହେର ଶିକ୍ଷାର୍ଥୀଙ୍କୁ ସୂର୍ଯ୍ୟ ନମସ୍କାର କରାଇ ଶରୀର ଓ ମନ ଉପରେ ତାର ପ୍ରଭାବ ସମ୍ପର୍କ ରେ ବୁଝାଇଥିଲେ। ପ୍ରଥମ ଅଧିବେଶନରେ 'ସ୍ୱାସ୍ଥ୍ୟ ସଚେତନତା ଶିକ୍ଷା' ଅନ୍ତର୍ଗତ 'ଜଳ - ବାହିତ ରୋଗ ତଥା ଡିଆଁ - ରୋଗ' ସମ୍ପର୍କରେ ଆଲୋଚନା କରି ପ୍ରାକ୍ତନ ଅତିରିକ୍ତ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ପଞ୍ଚାନନ ନାୟକ ନିରୋଗ ରହିବା ପାଇଁ ବିଶୁଦ୍ଧ ଜଳର ଆବଶ୍ୟକତା ସମ୍ପର୍କରେ ଶିକ୍ଷାର୍ଥୀଙ୍କୁ ବୁଝାଇଥିଲେ।ପରେ ପରେ 'ଜୀବନ କୌଶଳ ଶିକ୍ଷା' ପ୍ରଦାନ କରି ନେତାଜୀ ସୁଭାଷ ଚନ୍ଦ୍ର ବୋଷ ସରକାରୀ ମହାବିଦ୍ୟାଳୟ, ସମ୍ବଲପୁରର ପ୍ରାକ୍ତନ ଅଧକ୍ଷ୍ୟା ଡ. ନିଳେନ୍ଦ୍ରି ପଣ୍ଡା 'ସହକ୍ଷବସ୍ଥାନ ଓ ସହଯୋଗୀତା ହିଁ ବିଶ୍ୱ ଶାନ୍ତି ର ଚାବି-କାଠି' ବୋଲି ବିଭିନ୍ନ ଉଦାହରଣ ମାଧ୍ୟମରେ ଶିକ୍ଷକ୍ଷର୍ଥୀଙ୍କୁ ବୁଝାଇ ଥିଲେ। ଶେଷରେ ବିଶିଷ୍ଟ ଲେଖକ ଶ୍ରୀ ରାମାନୁଜ ପଣ୍ଡା, ଆଦର୍ଶ ମଣିଷ ହେବ। ପାଇଁ ମହାମନୀଷୀଙ୍କ ଜୀବନଦର୍ଶ ଅନୁକରଣ କରିବା ପାଇଁ ଦିଗଦର୍ଶନ ଦେଇଥିଲେ।କାର୍ଯ୍ୟକ୍ରମରେ ଅନୁଷ୍ଠାନର ସମ୍ପାଦକ ରଘୁନାଥ ମିଶ୍ର, ବର୍ଷିଆନ ସାମ୍ବାଦିକ ଅର୍ଜୁନ ରଞ୍ଜନ ପଣ୍ଡା,ପ୍ରଫେସର ଡ. ନିରୁପମା ବଡ଼ପଣ୍ଡା, ଡ. ଅଶୋକ ହୋତା ତଥା ଇଂ. ସୁଶାନ୍ତ କୁମାର ଗୁରୁ ଉପସ୍ଥିତ ରହି ଶିକ୍ଷାର୍ଥୀ ମାନଙ୍କୁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମ-ସଂଯୋଜକ ଶିବ ଶଙ୍କର ଷଡ଼ଙ୍ଗୀ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ, ଶିକ୍ଷାବିତ୍ ଡଃ ଗିରିଧାରୀ ହୋତା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ଅଫିସ ସହକାରୀ ବିଜୟ କୁମାର ସାହୁ ବୈଷୟିକ ସହାୟତା ପ୍ରଦାନ କରିଥିଲେ।

## ନଦୀବନ୍ଧ ମରାମତି ପାଇଁ ୧୮ଫୁଟ୍ ଗଭୀର ପାଣିରେ ପଶିଲେ ଏସ୍ଇ ଡ. ରତ୍ନାକର ଦଳାଇ

**ଯାଜପୁର,:** ଜରୁରୀକାଳୀନ ପରିସ୍ଥିତିରେ ନିଜେ ଘଟଣାସ୍ଥଳକୁ ଯାଇ କର୍ମଚାରୀ ଓ ଶ୍ରମିକଙ୍କୁ ଉତ୍ସାହିତ କରି ଚର୍ଚ୍ଚାରେ ଆସିଛନ୍ତି ଜଳସମ୍ପଦ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ଡ. ରତ୍ନାକର ଦଳାଇ। ରବିବାର ଯାଜପୁର ଜିଲ୍ଲା ତାରାପଦା ନିକଟରେ ବୈତରଣୀ ନଦୀର ଭାଙ୍ଗିଯାଇଥିବା ନଦୀବନ୍ଧ ମରାମତି କାର୍ଯ୍ୟ ତଦାରଖ କରିବାକୁ ସେ ପ୍ରାୟ ୧୮ ଫୁଟ୍ ଗଭୀର ପାଣିରେ ପଶିଥିଲେ।ଲାଇଫ୍ ଜ୍ୟାକେଟ୍ ପିନ୍ଧି ଡ. ଦଳାଇ ଦୀର୍ଘ ସମୟ ଧରି ଶ୍ରମିକମାନଙ୍କ ସହ ପାଣି ଭିତରେ ରହି ନଦୀବନ୍ଧର ଫାଟକୁ ବନ୍ଦ କରିବା କାର୍ଯ୍ୟର ତଦାରଖ କରିଥିଲେ। ଏହାର ଭିଡିଓ ପରେ ସୋସିଆଲ୍ ମିଡିଆରେ ଭାଇରାଲ୍ ହୋଇଥିବା ବେଳେ ତାଙ୍କ ସାହସିକ ପଦକ୍ଷେପକୁ ବିଭିନ୍ନ ମହଲରୁ ପ୍ରଶଂସା କରାଯାଇଛି। ଗୁରୁଦାର ବ୍ରହ୍ମଚାରୀ ପାଟଣା ସେତୁ ନିକଟରେ ଥିବା ଏହି ନଦୀବନ୍ଧର ପ୍ରାୟ



୩୩ ମିଟର ଅଂଶ ଭାଙ୍ଗିଯାଇଥିଲା। ଶୁକ୍ରବାରଠାରୁ ଏହାକୁ ମରାମତି କରିବା ପାଇଁ ଯୁଦ୍ଧକାଳୀନ ଭିତ୍ତିରେ କାମ ଚାଲିଛି। ବିଭିନ୍ନ ପର୍ଯ୍ୟାୟରେ ୫୦୦ରୁ ଅଧିକ ଶ୍ରମିକଙ୍କୁ ନିୟୋଜିତ କରାଯାଇଛି।ପାଣି ଜମି ରହିଥିବା ଏହି ଅଞ୍ଚଳରେ ପ୍ରାୟ ୧୮ ଫୁଟ୍ ପାଣି ଥିବାରୁ ମରାମତି କାର୍ଯ୍ୟ ଅତ୍ୟନ୍ତ ବିପଦପୂର୍ଣ୍ଣ ରହିଛି। ଲାଇଫ୍ ଜ୍ୟାକେଟ୍ ପିନ୍ଧି ଶ୍ରମିକମାନେ ମାଟି ଓ ଅନ୍ୟାନ୍ୟ ସାମଗ୍ରୀ ପକାଇ ଭାଙ୍ଗିଥିବା ଅଂଶକୁ ବନ୍ଦ କରିବା ସହ ନଦୀବନ୍ଧକୁ ମଜବୁତ କରୁଛନ୍ତି।ଅଧିକାରୀଙ୍କ ସୂଚନା ଅନୁଯାୟୀ, ଇତିମଧ୍ୟରେ ପ୍ରାୟ ୮୦ ପ୍ରତିଶତ ମରାମତି କାମ ଶେଷ ହୋଇଛି। ଆଉ ପ୍ରାୟ ୧୦ ମିଟର ଅଂଶର ମରାମତି ବାକି ରହିଛି। ମଙ୍ଗଳବାର ସୁଦ୍ଧା ଅବଶିଷ୍ଟ ଅଂଶକୁ ବନ୍ଦ କରିବା ସମ୍ଭବ ହେବ ବୋଲି ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଅନ୍ତର୍ଯ୍ୟାମୀ ମହାନ୍ତି କହିଛନ୍ତି। ମରାମତି କାର୍ଯ୍ୟ ଦିନରାତି ଚାଲୁଥିବା ବେଳେ ଜେନେରେଟର, ଏକ୍ସକାଭେଟର, ଟ୍ରାକ୍ଟର, ଟ୍ରକ୍ ଏବଂ ମେକାନିକାଲ୍ ଇଞ୍ଜିନିୟରିଂ ଟିମ୍‌ର ସହାୟତା ନିଆଯାଉଛି।ଆଗାମୀ ସେପଟ୍ଟେମ୍ବର ୯ ତାରିଖ ପାଖାପାଖି ବୈତରଣୀର ଉପରମୁଣ୍ଡ ଅଞ୍ଚଳ, ବିଶେଷକରି କେନ୍ଦୁଝର ଓ ମୟୂରଭଞ୍ଜରେ ବର୍ଷା ହେବାର ସମ୍ଭାବନା ଥିବାରୁ ନଦୀବନ୍ଧ ମରାମତିକୁ ତ୍ୱରାନ୍ୱିତ କରାଯାଇଛି। ରବିବାର ଚମ୍ପୁଆ ଅଞ୍ଚଳରେ ପ୍ରାୟ ୩୫ ମିମି ବର୍ଷା ହୋଇଥିବାରୁ ବୈତରଣୀ ଜଳସ୍ତରରେ ସାମାନ୍ୟ ବୃଦ୍ଧି ଘଟିଛି।ଡ. ରତ୍ନାକର ଦଳାଇ କହିଛନ୍ତି ଯେ, ସେପଟ୍ଟେମ୍ବର ୯ ସୁଦ୍ଧା ନଦୀବନ୍ଧକୁ ପୂର୍ବର ସ୍ଥିତିକୁ ଫେରାଇ ଆଣିବା ପାଇଁ ସମସ୍ତ ପ୍ରକାର ପ୍ରୟାସ ଜାରି ରହିଛି।

## ଜାତିସଂଘର କାଶ୍ମୀର ମାନଚିତ୍ର ନେଇ ଭାରତର କଠୋର ଆଭିମୁଖ୍ୟ ପରେ ପାକିସ୍ତାନ ଆତଙ୍କିତ

ଇସଲାମାବାଦ: ଜାତିସଂଘର ଜମ୍ମୁ-କାଶ୍ମୀର ମାନଚିତ୍ର ଉପରେ ଭାରତର ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ବିବୃତିରେ କ୍ରୋଧିତ ହୋଇ ପାକିସ୍ତାନ ସୋମବାର ପୁଣି ଏକ ଉତ୍ତେଜନାମୂଳକ କାର୍ଯ୍ୟ କରି ନୂଆଦିଲ୍ଲୀର ଦାବିକୁ ଭିତ୍ତିହୀନ ବୋଲି କହିଛି। ବିଶ୍ୱ ମାନଚିତ୍ରକୁ ସନ୍ତୁଳିତ କରିବା ପାଇଁ ଆଫ୍ରିକୀୟ ୟୁନିଅନର ପ୍ରସ୍ତାବକୁ ସମର୍ଥନ କରିବା ପରେ ବିଦେଶ ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟସୱାଲ କେନ୍ଦ୍ରଶାସିତ ଅଞ୍ଚଳ ଜମ୍ମୁ-କାଶ୍ମୀର ଏବଂ ଲଦାଖ ସମ୍ପର୍କରେ ସ୍ପଷ୍ଟୀକରଣ ଜାରି କରିବାର ଗୋଟିଏ ଦିନ ପରେ ଏହି ବିବୃତି ଆସିଛି। ମହାଦେଶୀୟ ଭୂଖଣ୍ଡକୁ ଅଧିକ ସଠିକ୍ ଭାବରେ ପ୍ରତିଫଳିତ କରିବା ପାଇଁ ବିଶ୍ୱ ମାନଚିତ୍ରକୁ ସଂଶୋଧନ କରିବା ପାଇଁ ଏକ ପ୍ରସ୍ତାବ ସପକ୍ଷରେ ଜାତିସଂଘ ସାଧାରଣ ସଭାରେ ଭୋଟ୍ ଦେବାର ଦୁଇ ଦିନ ପରେ



ନୂଆଦିଲ୍ଲୀ ପକ୍ଷରୁ ବିବୃତି ଜାରି କରାଯାଇଥିଲା। ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟସୱାଲ କହିଥିଲେ ଯେ, ଭାରତ ମାନଚିତ୍ର ସପକ୍ଷରେ ଭୋଟ୍ ଦେଇଛି। ଏହା ସମାନ କ୍ଷେତ୍ର ସହିତ ମାନଚିତ୍ର ଚିତ୍ରଣ କରିବାର ମୌଳିକ ନୀତିକୁ ପ୍ରୋତ୍ସାହିତ କରିବା ପାଇଁ ଉଦ୍ଦିଷ୍ଟ ଥିଲା। ଭାରତୀୟ ବୈଦେଶିକ ମନ୍ତ୍ରଣାଳୟ ରବିବାର ଦିନ କହିଥିଲା, ଆମେ ଏହା ସ୍ପଷ୍ଟ କରୁଛୁ ଯେ ଏହି ପ୍ରସ୍ତାବ କୌଣସି ନିର୍ଦ୍ଦିଷ୍ଟ ମାନଚିତ୍ର, ପ୍ରକ୍ଷେପଣ କିମ୍ବା ଜାତୀୟ ସୀମାର ସୀମା ନିର୍ଦ୍ଧାରଣକୁ ଅନୁମୋଦନ କରେ ନାହିଁ।

ଏହା ପରେ, ସୋମବାର ପାକିସ୍ତାନୀ ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ସଜ୍ଜାଦ ହାଇଦର ଖାନ ଏକ ବିବୃତିରେ ଭାରତର ଜମ୍ମୁ ଓ କାଶ୍ମୀରର ସ୍ଥିତି ସମ୍ପର୍କରେ ଭିତ୍ତିହୀନ ଦାବିକୁ ସମ୍ପୂର୍ଣ୍ଣ ଭାବରେ ଖଣ୍ଡନ କରୁଛନ୍ତି ବୋଲି କହିଛନ୍ତି। ଏହି ଦାବିଗୁଡ଼ିକ ଆନ୍ତର୍ଜାତୀୟ ସ୍ତରରେ ସ୍ୱୀକୃତିପ୍ରାପ୍ତ ତଥ୍ୟର ବିପରୀତ। ପାକିସ୍ତାନର ବିବୃତିରେ କୁହାଯାଇଛି, ଭାରତର ଏକପାଖିଆ କାର୍ଯ୍ୟ ଏବଂ ଅବୈଧ ଦଖଲ ଜାରି ରଖିବା ଜମ୍ମୁ ଓ କାଶ୍ମୀରର ଅନ୍ତର୍ଜାତୀୟ ସ୍ତରରେ ସ୍ୱୀକୃତିପ୍ରାପ୍ତ ବିବାଦୀୟ ସ୍ଥିତିକୁ ପରିବର୍ତ୍ତନ କରିପାରିବ ନାହିଁ। ଜମ୍ମୁ ଓ କାଶ୍ମୀର ବିବାଦ ହେଉଛି ଜାତିସଂଘ ସୁରକ୍ଷା ପରିଷଦର ଏଜେଣ୍ଡାରେ ସବୁଠାରୁ ପୁରୁଣା ଅସମାପ୍ତ ଏବଂ ଅନ୍ତର୍ଜାତୀୟ ସ୍ତରରେ ସ୍ୱୀକୃତିପ୍ରାପ୍ତ ବିବାଦ ମଧ୍ୟରୁ ଗୋଟିଏ। ପ୍ରାସଙ୍ଗିକ ଜାତିସଂଘ ପ୍ରସ୍ତାବରେ କୁହାଯାଇଛି ଯେ ଏହାର ଚୂଡ଼ାନ୍ତ ସମାଧାନ ସୁରକ୍ଷା ପରିଷଦର ପ୍ରସ୍ତାବ ଏବଂ କାଶ୍ମୀର ଲୋକଙ୍କ ଇଚ୍ଛା ଅନୁସାରେ ହେବା ଉଚିତ୍, ଯାହା ଜାତିସଂଘର ତତ୍ତ୍ୱାବଧାନରେ ଏକ ନିରପେକ୍ଷ ଏବଂ ସ୍ୱାଧୀନ ଜନମତ ମାଧ୍ୟମରେ ପ୍ରକାଶିତ ହେବ। ଏଭଳି କରି ପାକିସ୍ତାନର ଶାହବାଜ ସରକାର ପୁରୁଣା 'କାର୍ଡ' ଖେଳିବା ଆରମ୍ଭ କରିଛନ୍ତି।

## ବୁର୍ଜ ଖଲିଫାକୁ ପଛରେ ପକାଇବ ଜେଦ୍ଦା ଟାୱାର



ନୂଆଦିଲ୍ଲୀ: ସାଉଦି ଆରବର ଜେଦ୍ଦା ସହରରେ ନିର୍ମାଣାଧୀନ ଜେଦ୍ଦା ଟାୱାର ଏବେ ବିଶ୍ୱର ସବୁଠାରୁ ଉଚ୍ଚ ଅଟ୍ଟାଳିକା ହେବା ଦୌଡ଼ରେ ଆଗକୁ ବଢୁଛି। ଏହାର ଉଚ୍ଚତା ୧ କିଲୋମିଟରରୁ ଅଧିକ ରଖାଯାଇଛି। ନିର୍ମାଣ ସମ୍ପୂର୍ଣ୍ଣ ହେଲେ ଏହା ବର୍ତ୍ତମାନର ବିଶ୍ୱର ସର୍ବୋଚ୍ଚ ଅଟ୍ଟାଳିକା ଦୁବାଇର ବୁର୍ଜ ଖଲିଫାକୁ ପଛରେ ପକାଇଦେବ। ରିପୋର୍ଟ ଅନୁଯାୟୀ, ଜେଦ୍ଦା ଟାୱାରର ନିର୍ମାଣ ପ୍ରାୟ ୪୫୪ ମିଟର ଉଚ୍ଚତାରେ ପହଞ୍ଚିଛି ଏବଂ ୧୧୩ଟି ମହଲାର କାମ ଶେଷ ହୋଇଛି। ଏହି ବିଶାଳ ପ୍ରକଳ୍ପର ନିର୍ମାଣ କାମ ଜୋରସୋରରେ ଆଗେଇ ଚାଲିଥିବା ବେଳେ ୨୦୨୮ ମସିହାରେ ଏହାର ଉଦ୍ ?ଘାଟନ ଲକ୍ଷ୍ୟ ରହିଛି।

ବର୍ତ୍ତମାନ ଦୁବାଇର ବୁର୍ଜ ଖଲିଫା ୮୨୮ ମିଟର ଉଚ୍ଚତା ସହ ବିଶ୍ୱର ସବୁଠାରୁ ଉଚ୍ଚ ଅଟ୍ଟାଳିକା ଭାବେ ରେକର୍ଡ ଧରିଛି। ଜେଦ୍ଦା ଟାୱାର ଯୋଜନା ଅନୁଯାୟୀ ୧୦୦୦ ମିଟରରୁ ଅଧିକ ଉଚ୍ଚ ହେବାକୁ ଥିବାରୁ ଏହା ବୁର୍ଜ ଖଲିଫାଠାରୁ ପ୍ରାୟ ୧୭୨ ମିଟର ଅଧିକ ଉଚ୍ଚ ହେବ। ଜେଦ୍ଦା ଟାୱାରର ଡିଜାଇନ୍ ? ଆମେରିକୀୟ ସ୍ଥପତି ଆଡ୍ରିଆନ୍ ସ୍ମିଥ୍‌ଙ୍କ ନେତୃତ୍ୱରେ ପ୍ରସ୍ତୁତ ହୋଇଛି। ସେ ବୁର୍ଜ ଖଲିଫାର ଡିଜାଇନ୍ ? ସହ ମଧ୍ୟ ଜଡ଼ିତ ଥିଲେ। ଟାୱାରର ଆକୃତି ଓ ଗଠନକୁ ଏପରି ଭାବେ ପ୍ରସ୍ତୁତ କରାଯାଇଛି ଯେ ଅତ୍ୟଧିକ ଉଚ୍ଚତା ସହ ପ୍ରବଳ ପବନର ଚାପକୁ ମଧ୍ୟ ସମ୍ଭାଳିପାରିବ। ଏହି ଟାୱାର କେବଳ ଏକ ଅଟ୍ଟାଳିକା ନୁହେଁ, ବରଂ ସାଉଦି ଆରବର ବଡ଼ ସହରୀୟ ବିକାଶ ଯୋଜନାର ଏକ ପ୍ରମୁଖ ଅଂଶ। ଏଥିରେ ଆବାସିକ ସ୍ଥାନ, କାର୍ଯ୍ୟାଳୟ, ହୋଟେଲ୍ ଓ ବାଣିଜ୍ୟିକ ସୁବିଧା ରହିବା ସହ ୬୫୨ ମିଟର ଉଚ୍ଚତାରେ ଏକ ଅବଜରଭେଟୋରି ମଧ୍ୟ ରହିବାର ଯୋଜନା ରହିଛି। ଜେଦ୍ଦା ଟାୱାର ସମ୍ପୂର୍ଣ୍ଣ ହେଲେ ଏହା କେବଳ ସାଉଦି ଆରବ ନୁହେଁ, ସମଗ୍ର ବିଶ୍ୱର ଆକାଶଚୁମ୍ବୀ ଅଟ୍ଟାଳିକା ମାନଚିତ୍ରରେ ଏକ ନୂଆ ଅଧ୍ୟାୟ ଯୋଡ଼ିବ। ୧ କିଲୋମିଟର ଉଚ୍ଚତା ଅତିକ୍ରମ କରିବାର ଲକ୍ଷ୍ୟ ସଫଳ ହେଲେ ଏହା ବୁର୍ଜ ଖଲିଫାର ଦୀର୍ଘଦିନର ରେକର୍ଡକୁ ଭାଙ୍ଗି ବିଶ୍ୱର ନୂଆ 'ଟଲେଷ୍ଟ ବିଲ୍ଡିଂ' ହେବ।

## ନେପାଳର ପ୍ରଳୟଙ୍କରୀ ବନ୍ୟାରେ ମୃତ୍ୟୁ ସଂଖ୍ୟା ୧୩୫୫କୁ ବୃଦ୍ଧି, ୫ ହଜାର ଏବେ ବି ନିଖୋଜ



କାଠମାଣ୍ଡୁ : ନେପାଳର ପ୍ରଳୟଙ୍କରୀ ବନ୍ୟାରେ ମୃତ୍ୟୁ ସଂଖ୍ୟା ୧୩୫୫କୁ ବୃଦ୍ଧି ପାଇଛି । ପ୍ରାୟ ୫ ହଜାର ଏବେ ବି ନିଖୋଜ ଅଛନ୍ତି । ସେପଟେ ୧୩ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କୁ ସୁରକ୍ଷିତ ଉଦ୍ଧାର କରାଯାଇଛି । ନେପାଳ ସରକାରଙ୍କ ସୂଚନା ମୁତାବକ, ବିଭିନ୍ନ ସ୍ଥାନରୁ ଅଚିହ୍ନା ମୃତଦେହ ଓ ଶରୀରର ଅବଶେଷ ସମେତ ମୋଟ ୧,୩୫୫ଟି ମୃତଦେହ ଉଦ୍ଧାର କରାଯାଇଛି । ଯେଉଁଥିରୁ ୯୮ଟି ମୃତଦେହ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି । ?ବନ୍ୟା ପ୍ରକୋପରେ ପ୍ରାୟ ୪,୯୯୬ ଜଣ ନିଖୋଜ ଥିବା ସୂଚନା ମିଳିଛି । ସେଥିବାରୁ ?ବିଦେଶୀ ନାଗରିକ ସଂଖ୍ୟା ରହିଛି ୫୮୯ । ଏହାସହ ପ୍ରାୟ ୧୦୦ ଜଣ ?ସୁରକ୍ଷା କର୍ମୀ ଓ ସରକାରୀ ଅଧିକାରୀ ନିଖୋଜ ଅଛନ୍ତି । ବିଭିନ୍ନ ଅଞ୍ଚଳରେ ଆହତ ହୋଇଥିବା ୬,୬୭୨ ଜଣ ଲୋକଙ୍କୁ ଚିକିତ୍ସା ଯୋଗାଇ ଦିଆଯାଉଛି । ବନ୍ୟା ପ୍ରଭାବିତ ଅଞ୍ଚଳରେ ଜୀବନ ରକ୍ଷା ପାଇଁ ବଡ଼ ଧରଣର ଅପରେସନ ଜାରି ରହିଛି ।

ଖବର ମୁତାବକ, ରାସୁୱାରେ ତାଣ୍ଡବ ରଚିସାରିଥିଲା ପ୍ରଳୟ । ମାତ୍ର କିଛି ମିନିଟରେ ପାହାଡ଼ ଉପରୁ ମାଡ଼ିଆସିଲା ବରଫ, ପଥର, କାଦୁଅ ଓ ପାଣିର ବିଶାଳ ସ୍ରୋତ । ଗତ ୨୬ ତାରିଖରେ ସକାଳ ୮ଟା ୩୭ ମିନିଟରେ ନେପାଳ-ତିବ୍ବତ ସୀମା ନିକଟ ଲେହନ୍ଦେ ଉପତ୍ୟକାରେ ବିଶାଳ ବରଫ ଓ ପଥର ଧସିଥିଲା । ଏହାପରେ ଲେହନ୍ଦେ-ଭୋଟେକୋଶୀ-ତ୍ରିଶୂଳୀ ନଦୀପଥରେ ଅତି ଦ୍ରୁତ ଗତିରେ ମାଡ଼ିଆସିଥିଲା ପାଣି, କାଦୁଅ, ବରଫ ଓ ବିଶାଳ ପଥରର ସ୍ରୋତ । ମାତ୍ର ୧୦ ମିନିଟରେ ରାସୁୱାଗଢ଼ିରୁ ସ୍ୟାବ୍ରୁବେସୀରେ ପହଞ୍ଚିଥିଲା ବନ୍ୟା । ଜିଲ୍ଲା ପ୍ରଶାସନ ପ୍ରାୟ ସକାଳ ୯ଟାରେ ଜଳବିଜ୍ଞାନ ବିଭାଗ ଏବଂ ଜାତୀୟ ବିପର୍ଯ୍ୟୟ ସଂସ୍ଥାକୁ ଖବର ଦେଇଥିଲା । ଏହାପରେ ୯ଟା ୧୫ ମିନିଟ୍ ରେ ଝଗଝ, କଲର୍‌ଟ୍ୟୁନ୍ ଆଲର୍ଟ, ଗଣମାଧ୍ୟମ ଓ ପୋଲିସ ମାଇକ୍ ଯୋଗେ ଲୋକଙ୍କୁ ନଦୀକୂଳ ଛାଡ଼ି ଉଚ୍ଚ ସ୍ଥାନକୁ ଯିବାକୁ କୁହାଯାଇଥିଲା । ଅର୍ଥାତ୍ ବରଫ-ପଥର ଧସିବାର ୩୮ ମିନିଟ୍ ପରେ ସରକାରୀ ସତର୍କ ସୂଚନା ପହଞ୍ଚିଥିଲା । ସେତେବେଳକୁ ଉପରମୁଣ୍ଡର ଅନେକ ଅଞ୍ଚଳରେ ପ୍ରଳୟ ଘଟିସାରିଥିଲା । ପ୍ରଥମ ବନ୍ୟା ସ୍ରୋତରେ ଟେଲିକମ୍ ଟାୱାର ଓ ବିଭିନ୍ନ ସେନ୍ସର ନଷ୍ଟ ହୋଇଯିବାରୁ ସୂଚନା ପହଞ୍ଚାଇବା ଆହୁରି କଷ୍ଟକର ହୋଇଥିଲା । ବନ୍ୟାର ପ୍ରଚଣ୍ଡତା ଏତେ ଅଧିକ ଥିଲା ଯେ କେତେକ ସ୍ଥାନରେ ମାତ୍ର ଅଧଘଣ୍ଟା ମଧ୍ୟରେ ତ୍ରିଶୂଳୀ ନଦୀର ଜଳସ୍ତର ପ୍ରାୟ ୯ ମିଟର ବଢ଼ିଯାଇଥିଲା । ଜଳବିଦ୍ୟୁତ ପ୍ରକଳ୍ପ, ସେତୁ, ରାସୁୱାଗଢ଼ି କଷ୍ଟମ୍ସ କମ୍ପ୍ଲେକ୍ସ ଏବଂ ନଦୀକୂଳର ଅନେକ ଜନବସତି ଧ୍ୱଂସ ହୋଇଯାଇଥିଲା । କାଦୁଅ ଓ ଧ୍ୱଂସାବଶେଷ ନୁୱାକୋଟ, ଧାଦିଙ୍ଗ ଓ ଚିତୱାନ ପର୍ଯ୍ୟନ୍ତ ତଳମୁଣ୍ଡକୁ ଭାସିଯାଇଥିଲା ।

## ମୃତ୍ୟୁସଂଖ୍ୟା ୭ରେ ପହଞ୍ଚିଲା, ମାଲିକଙ୍କ ବିରୋଧରେ ଲୁକ୍‌ଆଉଟ୍ ନୋଟିସ୍ ଜାରି

ନୂଆଦିଲ୍ଲୀ : ନୂଆଦିଲ୍ଲୀର ସତ୍ୟ ନିକେତନରେ ୫ ମହଲା କୋଠା ଭୁଶୁଡ଼ି ମୃତ୍ୟୁସଂଖ୍ୟା ୭ରେ ପହଞ୍ଚିଛି । ଏପର୍ଯ୍ୟନ୍ତ ୧୨ ଜଣଙ୍କୁ ଉଦ୍ଧାର କରାଯାଇଛି । ଏନଡିଆରଏଫ ଦିଲ୍ଲୀ ଅଗ୍ନିଶମ ସେବା ଏବଂ ଦିଲ୍ଲୀ ପୋଲିସ ମିଳିତ ଭାବେ ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି । ଘଟଣା ପରେ ଦିଲ୍ଲୀ ପୋଲିସ କୋଠା ମାଲିକ ହରି ରାମଙ୍କ ବିରୋଧରେ ଲୁକ୍‌ଆଉଟ୍ ନୋଟିସ୍ ଜାରି କରିଛି । ପୋଲିସ ତାଙ୍କୁ ଖୋଜିବା ସହ ଘଟଣା ପାଇଁ ଦାୟୀ ଅନ୍ୟ ବ୍ୟକ୍ତିଙ୍କ ସମ୍ପର୍କରେ ମଧ୍ୟ ତଦନ୍ତ କରୁଛି । ଘଟଣାକୁ ନେଇ ରାଜନୀତି ମଧ୍ୟ ତୀବ୍ର ହୋଇଛି ।

ଏହି ଦୁର୍ଘଟଣାରେ ମୃତକଙ୍କ ପରିବାର ପାଇଁ ବଡ଼ ଦାବି କରିଛନ୍ତି ଭାରତୀୟ ଜାତୀୟ କଂଗ୍ରେସର ଉତ୍ତରପ୍ରଦେଶ ଶାଖା ସଭାପତି ଅଜୟ ରାୟ । ଏଥିପାଇଁ ଦାୟୀ ବ୍ୟକ୍ତିଙ୍କ ବିରୋଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ହେବା ଆବଶ୍ୟକ । କେବଳ କୋଠା ମାଲିକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନକରି, ଯେଉଁ ଅଧିକାରୀମାନେ ଏଭଳି ନିର୍ମାଣ ଯୋଜନାକୁ ଅନୁମତି ଦେଇଥିଲେ ଏବଂ ନିର୍ମାଣକୁ ଅନୁମତି ଦେଇଥିଲେ, ସେମାନଙ୍କ ବିରୋଧରେ ମଧ୍ୟ ଦୃଢ଼ ପଦକ୍ଷେପ ନିଆଯିବା ଉଚିତ ବୋଲି ସେ କହିଛନ୍ତି । ଘଟଣାରେ ମୃତ ପ୍ରତ୍ୟେକ ବ୍ୟକ୍ତିଙ୍କ ପରିବାରକୁ ୧ କୋଟି ଟଙ୍କା ସହ ପରିବାରକୁ ସରକାରୀ ଚାକିରି କ୍ଷତିପୂରଣ ଦିଆଯାଉ ବୋଲି ସେ ଦାବି କରିଛନ୍ତି ।

ଏତେ ବଡ଼ କୋଠାର ନା ଥିଲା ମଞ୍ଜୁରିପ୍ରାପ୍ତ ବିଲ୍ଡିଂ ପ୍ଲାନ୍, ନା ଥିଲା ଫାୟାର ଘଡଂଉ । ତଥାପି ଏଠାରେ ୭୫ ଜଣ ଛାତ୍ରଛାତ୍ରୀଙ୍କ ରହିବା ବ୍ୟବସ୍ଥା ହୋଇଥିବା ରିପୋର୍ଟରୁ ଜଣାପଡ଼ିଛି । କୋଠାର ରକ୍ଷଣାବେକ୍ଷଣରେ ଅବହେଳା ଏବଂ ଅନ୍ୟମାନଙ୍କ ଜୀବନକୁ ବିପଦରେ ପକାଇବା ଭଳି ଅଭିଯୋଗରେ ମାମଲା ରୁଜୁ ହୋଇଛି । ଦିଲ୍ଲୀ ବିଶ୍ୱବିଦ୍ୟାଳୟ ପରିସର ନିକଟ ସତ୍ୟ ନିକେତନରେ ରବିବାର ଦିନ ପ୍ରାୟ ୧ଟା ୩୦ ମିନିଟରେ ମରାମତି କାମ ଚାଲିଥିବା ସମୟରେ ୫ ମହଲା କୋଠାଟି ହଠାତ୍ ଭୁଶୁଡ଼ି ପଡ଼ିଥିଲା । ଏହି କୋଠାରେ ଛାତ୍ରମାନଙ୍କ ପାଇଁ ପେଇଂ ଗେଷ୍ଟ (ପିଜି) ରହଣି ବ୍ୟବସ୍ଥା ଥିଲା । ଦିଲ୍ଲୀ ପୋଲିସ ସାଉଥ୍ କ୍ୟାମ୍ପସ ଥାନାରେ ଭାରତୀୟ ନ୍ୟାୟ ସଂହିତା ଅଧୀନରେ ମାମଲା ରୁଜୁ କରିଛି । ଧାରା ୧୦୫, ଅଜାଣତରେ ଦଣ୍ଡନୀୟ ନରହତ୍ୟା, ଧାରା ୨୯୦, କୋଠା ନିର୍ମାଣ, ଭାଙ୍ଗିବା ବା ମରାମତି ବେଳେ ଅବହେଳା ପ୍ରଦର୍ଶନ, ଏବଂ ଧାରା ୧୨୫, ଅନ୍ୟମାନଙ୍କ ଜୀବନ ଓ ବ୍ୟକ୍ତିଗତ ସୁରକ୍ଷାକୁ ବିପଦରେ ପକାଇବା ଅଧୀନରେ ମାମଲା ଦାଏର କରିଛି । ଏନ୍‌ଡିଆରଏଫ୍ ଆଇଜିଙ୍କ ଅନୁସାରେ, ମୋଟ ୧୨ ଜଣଙ୍କୁ ଭଗ୍ନାବଶେଷରୁ ବାହାର କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୭ ଜଣଙ୍କୁ ମୃତ ଘୋଷଣା କରାଯାଇଥିବାବେଳେ ୫ ଜଣଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ଆଉ ଜଣଙ୍କୁ ଭଗ୍ନାବଶେଷରୁ ବାହାର କରିବା ପାଇଁ ଏନଡିଆରଏଫ୍ ଓ ଅଗ୍ନିଶମ ବାହିନୀର ଟିମ୍ ଉଦ୍ୟମ ଜାରି ରଖିଛନ୍ତି । ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ମାଜିଷ୍ଟ୍ରେଟ୍ ସ୍ତରୀୟ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି । ଏହି ଘଟଣାକୁ ଦିଲ୍ଲୀ ସରକାର ଗୁରୁତର ଭାବେ ନେଇଥିବା ବେଳେ ମୁଖ୍ୟମନ୍ତ୍ରୀ ଘଟଣାସ୍ଥଳ ପରିଦର୍ଶନ କରି ଅଧିକାରୀମାନଙ୍କୁ ଆବଶ୍ୟକ ନିର୍ଦ୍ଦେଶ ଦେଇଛନ୍ତି । କଥିତ ମାଲିକ ହରି ରାମ ବଂଶଲ ଓ ଆନନ୍ଦ ବଂଶଲଙ୍କ ବିରୋଧରେ ଋଓଜ ରୁଜୁ ହୋଇଛି ।

## ଡିଭାଇଡରରେ ପିଟି ହୋଇ ଓଲଟିଲା ଗାଡ଼ି, ୬ ମୃତ, ୩୦ ଗୁରୁତର



ବାଗପତ : ଉତ୍ତରପ୍ରଦେଶର ବାଗପତ ଜିଲ୍ଲାର ଇଷ୍ଟର୍ଣ୍ଣ ପେରିଫେରାଲ୍ ଏକ୍ସପ୍ରେସ୍ୱେରେ ଏକ ଭୟଙ୍କର ସଡ଼କ ଦୁର୍ଘଟଣା ଘଟିଛି । ଶ୍ରଦ୍ଧାଳୁଙ୍କୁ ନେଇ ଯାଉଥିବା ଏକ ପିକ୍‌ଅପ୍ ଗାଡ଼ି ଡିଭାଇଡରରେ ଧକ୍କା ଦେବା ପରେ ଓଲଟି ପଡ଼ିଥିଲା । ଏହି ଦୁର୍ଘଟଣାରେ ଏପର୍ଯ୍ୟନ୍ତ ୬ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ପ୍ରାୟ ୩୦ ଜଣ ଆହତ ହୋଇଥିବା ଜଣାପଡ଼ିଛି । ଅନେକଙ୍କ ଅବସ୍ଥା ଗୁରୁତର ରହିଛି । ଘଟଣାଟି ଖେକଡ଼ା ଥାନା ଅଧୀନ ବଡ଼ାଗାଁ କଟ୍ ନିକଟରେ ରାତି ପ୍ରାୟ ୧୨ଟା ୩୦ ମିନିଟ୍ ସମୟରେ ଘଟିଥିଲା । ସୂଚନା ପାଇବା ପରେ ପୋଲିସ, ଆମ୍ବୁଲାନ୍ସ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ ।

ଖବର ମୁତାବକ, ଗାଡ଼ିରେ ଥିବା ଶ୍ରଦ୍ଧାଳୁମାନେ ରାଜସ୍ଥାନରୁ ଉତ୍ତରପ୍ରଦେଶର ବଦାୟୁଁ ଅଭିମୁଖେ ଯାଉଥିଲେ । ତେବେ ବଡ଼ାଗାଁ କଟ୍ ନିକଟରେ ଗାଡ଼ିଟି ହଠାତ୍ ନିୟନ୍ତ୍ରଣ ହରାଇ ଡିଭାଇଡରରେ ଧକ୍କା ଦେଇଥିଲା । ଧକ୍କା ପରେ ଗାଡ଼ିଟି ଓଲଟି ପଡ଼ିବାରୁ ଏଥିରେ ଥିବା ଯାତ୍ରୀମାନେ ଫସି ଯାଇଥିଲେ । ଦୁର୍ଘଟଣା ପରେ ଘଟଣାସ୍ଥଳରେ ଲୋକମାନଙ୍କ ଚିତ୍କାର ଶୁଣାଯାଇଥିଲା । ପୋଲିସ ଓ ସ୍ଥାନୀୟ ଲୋକଙ୍କ ସହାୟତାରେ ଗାଡ଼ି ଭିତରେ ଫସିଥିବା ଲୋକଙ୍କୁ ବାହାର କରାଯାଇଥିଲା ।

ଏହି ଦୁର୍ଘଟଣା ଖେକଡ଼ା ଥାନା ଅଞ୍ଚଳର ବଡ଼ାଗାଁ କଟ୍ ନିକଟରେ ରାତି ପ୍ରାୟ ୧୨ଟା ୩୦ ମିନିଟ୍ ସମୟରେ ଘଟିଥିଲା । ଦୁର୍ଘଟଣାର ସୂଚନା ପୋଲିସକୁ ମିଳିବା ପରେ ଖେକଡ଼ା ଥାନା ପୋଲିସ ସହିତ ୪ଟି ପିଆରଭି ଓ ଆମ୍ବୁଲାନ୍ସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚିଥିଲେ । ଆହତମାନଙ୍କୁ ତୁରନ୍ତ ସିଏଚ୍‌ସି ଖେକଡ଼ା, ସିଏଚ୍‌ସି ବାଗପତ ଓ ଜିଲ୍ଲା ହସ୍ପିଟାଲକୁ ନିଆଯାଇଥିଲା । ଦୁର୍ଘଟଣାରେ ଏପର୍ଯ୍ୟନ୍ତ ୬ ଜଣଙ୍କ ମୃତ୍ୟୁ ହୋଇଛି। ମୃତକଙ୍କ ମଧ୍ୟରେ ଜଣେ ଶିଶୁ ମଧ୍ୟ ରହିଛନ୍ତି ।

ଘଟଣା ପରେ ପୋଲିସ ଏକ୍ସପ୍ରେସ୍ୱେରେ ଯାତାୟାତ ବ୍ୟବସ୍ଥା ସ୍ୱାଭାବିକ କରିଛି । ଦୁର୍ଘଟଣାର ପ୍ରକୃତ କାରଣ ଜାଣିବାକୁ ପୋଲିସ ତଦନ୍ତ ଆରମ୍ଭ କରିଛି । ମୃତକ ଓ ଆହତଙ୍କ ପରିଚୟ ନିର୍ଣ୍ଣୟ ସହ ପରିବାର ସଦସ୍ୟଙ୍କ ସହ ଯୋଗାଯୋଗ ପାଇଁ ପୋଲିସ ପକ୍ଷରୁ ଏକ ହେଲ୍ପଲାଇନ୍ ନମ୍ବର ୯୪୫୪୪୧୭୩୮୩ ଜାରି କରାଯାଇଛି ।

## ଆଫଗାନିସ୍ତାନରେ ଭୂମିକମ୍ପର ଝଟକା

ଆଫଗାନିସ୍ତାନ: ସୋମବାର ସକାଳେ ଆଫଗାନିସ୍ତାନରେ ଭୂମିକମ୍ପର ଝଟକା ଅନୁଭୂତ ହୋଇଛି । ନ୍ୟାସନାଲ ସେଣ୍ଟର ଫର ସିସ୍ମୋଲୋଜିର ସୂଚନା ଅନୁଯାୟୀ, ରିକ୍ଟର ସ୍କେଲରେ ଭୂମିକମ୍ପର ତୀବ୍ରତା ୪.୧ ରେକର୍ଡ କରାଯାଇଛି । ଏନସିଏସ ପକ୍ଷରୁ ଜାରି ସୂଚନା ଅନୁସାରେ, ଭାରତୀୟ ସମୟ ଅନୁଯାୟୀ ସକାଳ ୫ଟା ୩୬ ମିନିଟ୍ ୨୩ ସେକେଣ୍ଡରେ ଏହି ଭୂମିକମ୍ପ ଘଟିଥିଲା । ଭୂମିକମ୍ପର କେନ୍ଦ୍ର ଭୂପୃଷ୍ଠରୁ ପ୍ରାୟ ୧୩୦ କିଲୋମିଟର ଗଭୀରରେ ରହିଥିଲା । ଭୂମିକମ୍ପର କେନ୍ଦ୍ର ୩୬.୧୧୪ ଡିଗ୍ରୀ ଉତ୍ତର ଅକ୍ଷାଂଶ ଏବଂ ୭୦.୮୨୦ ଡିଗ୍ରୀ ପୂର୍ବ ଦ୍ରାଘିମାରେ ଚିହ୍ନଟ ହୋଇଛି । ଭୂମିକମ୍ପଟି ଅଧିକ ଗଭୀରତାରେ ଘଟିଥିବାରୁ ଏହାର ପ୍ରଭାବ ନେଇ ଏପର୍ଯ୍ୟନ୍ତ କୌଣସି ବିସ୍ତୃତ ସୂଚନା ମିଳିନାହିଁ । ଏହି ଭୂମିକମ୍ପ ଯୋଗୁଁ କୌଣସି ଜୀବନହାନି କିମ୍ବା ସମ୍ପତ୍ତି କ୍ଷୟକ୍ଷତି ହୋଇଥିବା ନେଇ ମଧ୍ୟ ବର୍ତ୍ତମାନ ସୁଦ୍ଧା କୌଣସି ଖବର ମିଳିନାହିଁ । ସ୍ଥିତି ଉପରେ ସମ୍ପୃକ୍ତ ସଂସ୍ଥାଗୁଡ଼ିକ ନଜର ରଖିଛନ୍ତି । ସୂଚନାଯୋଗ୍ୟ, ନ୍ୟାସନାଲ ସେଣ୍ଟର ଫର ସିସ୍ମୋଲୋଜି (ଘଉଝ) ନିୟମିତ ଭାବେ ଭାରତ ଏବଂ ଏହାର ଆଖପାଖ ଅଞ୍ଚଳର ଭୂକମ୍ପୀୟ ଗତିବିଧି ଉପରେ ନଜର ରଖିଥାଏ । ଭୂମିକମ୍ପ ଘଟିବା ପରେ ଏହାର ତୀବ୍ରତା, ସମୟ, ଗଭୀରତା ଓ କେନ୍ଦ୍ରସ୍ଥଳ ସମ୍ପର୍କରେ ସୂଚନା ଜାରି କରାଯାଇଥାଏ ।

## ରନୱେରୁ ବାହାରିଗଲା କାର୍ଗୋ ବିମାନ, ୫ ମୃତ, ୫ ଆହତ

ନୂଆଦିଲ୍ଲୀ : ରନୱେରୁ ବାହାରିଗଲା କାର୍ଗୋ ବିମାନ । ମିଆମି ଅନ୍ତର୍ଜାତୀୟ ବିମାନବନ୍ଦରରେ ଆମାଜନ ପ୍ରାଇମ ଏୟାରର କାର୍ଗୋ ବିମାନ ରନୱେରୁ ବାହାରକୁ ଚାଲିଗଲା । ଫଳରେ ୫ ଜଣଙ୍କ ମୃତ୍ୟୁ ଏବଂ ୫ ଜଣ ଆହତ ହୋଇଛନ୍ତି । ଦୁର୍ଘଟଣାରେ ୨୧ ଇସକ୍ସ ଋକ୍ଷସଶକ୍ଷଗ୍ଧ ୭୫୯୮ ନାମକ ୩୨ ବର୍ଷ ପୁରୁଣା ବୋଇଂ



ମାଲବାହୀ ବିମାନ ସାମିଲ ଥିଲା । ବିମାନଟି ଲୁଇସ୍ ମୁନୋଜ୍ ମାରିନ୍ ଅନ୍ତର୍ଜାତୀୟ ବିମାନବନ୍ଦରରୁ ଉଡ଼ାଣ ଭରିଥିଲା । ରନୱେ ୩୦ରେ ଅବତରଣ କରିବା ସମୟରେ ବିମାନଟି ଅଟକି ପାରିନଥିଲା । ବିମାନବନ୍ଦରର ସୀମା ପାର ହୋଇ ନିକଟସ୍ଥ ଏକ ରାସ୍ତା ଏବଂ ପାର୍କିଂ ଭିତରକୁ ପଶିଯାଇଥିଲା । ସେଠାରେ ଅନେକ ଗାଡ଼ିକୁ ଧକ୍କା ଦେବା ସହ ଏଥିରେ ନିଆଁ ଲାଗିଯାଇଥିଲା । ସ୍ଥାନୀୟ ଅଧିକାରୀଙ୍କ ସୂଚନା ଅନୁଯାୟୀ, ଏହି ଦୁର୍ଘଟଣାରେ ମୋଟ ୧୦ ଜଣ ପ୍ରଭାବିତ ହୋଇଛନ୍ତି, ଯେଉଁଥିରୁ ୫ ଜଣ ପ୍ରାଣ ହରାଇଛନ୍ତି । ଆହତମାନଙ୍କ ମଧ୍ୟରୁ ୩ ଜଣଙ୍କ ଅବସ୍ଥା ଗୁରୁତର ରହିଛି ଏବଂ ସେମାନଙ୍କୁ ସ୍ଥାନୀୟ ଟ୍ରମା ସେଣ୍ଟରରେ ଭର୍ତ୍ତି କରାଯାଇଛି । ମିଆମି-ଡେଡ୍ ଫାୟାର ରେସକ୍ୟୁର ପ୍ରାୟ ୨୦୦ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ କରିଥିଲେ । ଫସି ରହିଥିବା ପାଇଲଟ୍ ଓ ଅନ୍ୟମାନଙ୍କୁ ବାହାର କରାଯାଇଥିଲା । ଦୁର୍ଘଟଣା ପରେ ମିଆମି ବିମାନବନ୍ଦରର ସମସ୍ତ ରନୱେକୁ କିଛି ସମୟ ପାଇଁ ବନ୍ଦ କରି ଦିଆଯାଇଥିଲା ।

# ମହିଳା ଏସିଆ କପରେ ପୁଣି ଟ୍ରଫି ବିବାଦ ଆଶଙ୍କା

ନୂଆଦିଲ୍ଲୀ,୭।୯(ଏଜେନ୍ସି): ମହିଳା ଏସିଆ କପ୍ ଫାଇନାଲ୍‌ରେ ପୁଣି ଟ୍ରଫି ବିବାଦ ଦେଖାଦେବା ଆଶଙ୍କା ରହିଛି। କାରଣ ଏସିଆନ୍ କ୍ରିକେଟ୍



ପରିଷଦ (ଏସିସି) ଓ ପାକିସ୍ତାନ କ୍ରିକେଟ୍ ବୋର୍ଡ (ପିସିବି) ଅଧ୍ୟକ୍ଷ ମୋହସିନ୍ ନକ୍‌ଭୀ ସେପ୍ଟେମ୍ବର ୧୩ରେ ହେବାକୁ ଥିବା ଫାଇନାଲ୍‌ରେ ମୁଖ୍ୟ ଅତିଥି ଭାବେ ଯୋଗଦେବା ସମ୍ଭାବନା ରହିଛି। ଭାରତ ଯଦି ଚାମ୍ପିଅନ ହୁଏ ତେବେ ପୁଣି ପୁରୁଷ ଏସିଆ କପ୍ ପରି ବିବାଦ ଦେଖିବାକୁ ମିଳିପାରେ। ୨୦୨୫ ପୁରୁଷ ଏସିଆ କପ୍ ଫାଇନାଲ୍‌ରେ ନକ୍‌ଭୀଙ୍କ ହାତରୁ ସୂର୍ଯ୍ୟକୁମାର ଯାଦବ ନେତୃତ୍ୱାଧୀନ ଭାରତୀୟ ଦଳ ଟ୍ରଫି ନେଇନଥିଲା। ପରେ ନକ୍‌ଭୀ ଟ୍ରଫିକୁ ନିଜ ସହ ନେଇଯାଇଥିଲେ। ଏହି ଟ୍ରଫି ଏବେବି ଭାରତ ହାତକୁ ଆସିନାହିଁ। ଚଳିତ ଟୁର୍ଣ୍ଣାମେଣ୍ଟରେ ହରମନପ୍ରୀତ କୌରଙ୍କ ନେତୃତ୍ୱାଧୀନ ଭାରତ ସେମିଫାଇନାଲ୍‌ରେ ପହଞ୍ଚିଛି ଏବଂ ଟାଇଟଲ୍ ଦାବିଦାର ରହିଛି। ଏପରି ସ୍ଥିତିରେ ଭାରତ ଫାଇନାଲ୍‌ରେ ଜିତିଲେ ନକଭିଙ୍କ ହାତରୁ ଟ୍ରଫି ଗ୍ରହଣ କରିବ କି ନାହିଁ, ଯଦି ଗ୍ରହଣ ନ କରେ ତେବେ ପୁଣି ଥରେ କ'ଣ ନକ୍‌ଭୀ ଟ୍ରଫି ନିଜ ସହ ନେଇଯିବେ ଏସବୁ ପ୍ରଶ୍ନକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ଶନିବାର ହୋଇଥିବା ଭାରତ-ପାକିସ୍ତାନ ମ୍ୟାଚ୍‌ରେ ହରମନପ୍ରୀତ ଓ ପାକିସ୍ତାନ ଅଧିନାୟିକା ସାନା ମୀର ପରସ୍ପର ସହ ହାତ ମିଳାଇନଥିଲେ।

# ପାକିସ୍ତାନ କ୍ରିକେଟରେ ପୁଣି ଫିକ୍ସିଂ ଝଡ଼

## ଆରମ୍ଭ ହେଲା ତଦନ୍ତ, ସ୍କାନରରେ ଦୁଇ ବରିଷ୍ଠ ଖେଳାଳି

ଲଣ୍ଡନ,୭।୯: ପାକିସ୍ତାନ କ୍ରିକେଟରେ ପୁଣି ଫିକ୍ସିଂ ଝଡ। ଇଂଲଣ୍ଡ ବିପକ୍ଷ ଲର୍ଡସ ବିପର୍ଯ୍ୟୟ ପରେ ଫିକ୍ସିଂ ଜାଲରେ ଛନ୍ଦି ହୋଇଛନ୍ତି ପାକିସ୍ତାନ ଜାତୀୟ ଟିମର ଏକାଧିକ ବରିଷ୍ଠ ଖେଳାଳି। ବର୍ତ୍ତମାନ ଇଂଲଣ୍ଡ ଗସ୍ତରେ ପାକିସ୍ତାନ ଅତ୍ୟନ୍ତ ଲଜ୍ଜାଜନକ ଭାବେ ୦-୨ରେ ଟେଷ୍ଟ ସିରିଜ ହାରି ସାରିଛି।ଆସନ୍ତା ୯ ତାରିଖରୁ ତୃତୀୟ ଟେଷ୍ଟ ଆରମ୍ଭ ହେବ। କିନ୍ତୁ ଏହା ପୂର୍ବରୁ ସମ୍ଭାବ୍ୟ ମ୍ୟାଚ୍ ଫିକ୍ସିଂକୁ ନେଇ ପାକିସ୍ତାନ କ୍ରିକେଟ ବୋର୍ଡ ଆଭ୍ୟନ୍ତରୀଣ ଯାଞ୍ଚ ଆରମ୍ଭ କରିଦେଇଛି। ପିସିବି ଆଭ୍ୟନ୍ତରୀଣ ଶୃଙ୍ଖଳାଗତ ତଦନ୍ତ ଆରମ୍ଭ କରିବା ପୂର୍ବରୁ ଇଂଲଣ୍ଡ ସିରିଜ ଅଧାରୁ ପାକିସ୍ତାନ ସ୍କ୍ୱାଡରେ ନାଟକୀୟ ପରିବର୍ତ୍ତନ କରିଥିଲା।ମହମ୍ମଦ ରିଜୱାନ, ଇମାମ ଉଲ ହକ ଓ ସଲମାନ ଅଲୀ ଆଗାଙ୍କ ଭଳି ଖେଳାଳିଙ୍କୁ ପିସିବି ହଠାତ ସ୍କ୍ୱାଡରୁ ବିଦା କରିଥିଲା। ସେହିପରି ପାକିସ୍ତାନର ମୁଖ୍ୟ କୋଚ ସର୍ଫରାଜ ଅହମଦ ଓ ବୋଲିଂ କୋଚ ଉମର ଗୁଲଙ୍କୁ ମଧ୍ୟ ପିସିବି ବହିଷ୍କାର କରିଛି।



ଏହାକୁ ନେଇ ବିବାଦ ଲାଗି ରହିଥିବା ବେଳେ ଏବେ ପିସିବି ସମ୍ଭାବ୍ୟ ଫିକ୍ସିଂକୁ ନେଇ ତଦନ୍ତ ଆରମ୍ଭ କରିଛି। ବୋର୍ଡ ମୁଖପାତ୍ର ଆମୀର ମୀର ମଧ୍ୟ ତଦନ୍ତ ଖବରକୁ ନିଶ୍ଚିତ କରିଛନ୍ତି। ବୋର୍ଡ ଦଳର ଶୃଙ୍ଖଳା ଓ ଆଚରଣ ସହ ଜଡିତ ମିଡିଆ ରିପୋର୍ଟକୁ ବିଚାରକୁ ନେଇଥିବା ସେ କହିଛନ୍ତି। କିନ୍ତୁ ଏହି ତଦନ୍ତ କୌଣସି ନିର୍ଦ୍ଦିଷ୍ଟ ଖେଳାଳି ଓ ନିର୍ଦ୍ଦିଷ୍ଟ ଅଭିଯୋଗ ଆଧାରରେ ହେଉଛି କି ନାହିଁ, ସେକଥା ସ୍ପଷ୍ଟ କରିନି।

ସେ କହିଛନ୍ତି ଯେ "ଦଳର ଶୃଙ୍ଖଳା ଓ ଆଚରଣକୁ ନେଇ ମିଡିଆ ରିପୋର୍ଟରେ ଚିନ୍ତା ପ୍ରକାଶ କରାଯାଇଥିବାରୁ ପାକିସ୍ତାନ କ୍ରିକେଟ ବୋର୍ଡ ଗୋଟିଏ ଆଭ୍ୟନ୍ତରୀଣ ଶୃଙ୍ଖଳାଗତ ତଦନ୍ତ ଆରମ୍ଭ କରିଛି। ଏବେ ଏହା ଚାଲୁ ରହିଛି।ପିସିବି ଏହିସବୁ ପ୍ରସଙ୍ଗ ପ୍ରଚଳିତ ନିୟମ ଆଧାରରେ ପରିଚାଳନା କରିଥାଏ। ପିସିବି ନିୟମ ଅନୁସାରେ ସବୁ ପ୍ରକାର ପ୍ରକ୍ରିୟା ବିଚାରକୁ ନିଆଯାଇଛି ଓ ସମସ୍ତ ବ୍ୟକ୍ତିବିଶେଷଙ୍କ ଚିନ୍ତାକୁ ମଧ୍ୟ ବିଚାର କରାଯାଉଛି।" ଏପଟେ ଏହି ତଦନ୍ତ ସମ୍ଭାବ୍ୟ ଫିକ୍ସିଂ ସହ ଜଡିତ ବୋଲି ଏକାଧିକ ପାକିସ୍ତାନୀ ଗଣମାଧ୍ୟମ ରିପୋର୍ଟରୁ ସଙ୍କେତ ମିଳିଛି। ବିଶେଷ କରି କିଛି ପାକିସ୍ତାନୀ ଖେଳାଳିଙ୍କ ମୋବାଇଲ୍ ଫୋନ୍ ପିସିବି ଜବତ କରିଥିବା ଜଣାପଡିବା ପରେ ଏହି ଆଶଙ୍କା ଆହୁରି ଘନୀଭୂତ ହୋଇଛି। ଯଦିଓ ଖେଳାଳିଙ୍କ ନାମ ସାର୍ବଜନୀନ କରାଯାଇ ନାହିଁ, କିନ୍ତୁ ତାଲିକାରେ ମହମ୍ମଦ ରିଜୱାନ ଓ ଇମାମ ଉଲ ହକଙ୍କ ନାଁ ଥିବା ରିପୋର୍ଟ ପ୍ରକାଶ ପାଇଛି।

ପାକିସ୍ତାନୀ ଗଣମାଧ୍ୟମ ରିପୋର୍ଟରେ କୁହାଯାଇଛି ଯେ ଇଂଲଣ୍ଡ ସିରିଜ ଅଧାରୁ ପାକିସ୍ତାନ କ୍ରିକେଟ୍‌ରେ ହୋଇଥିବା ବ୍ୟାପକ ପରିବର୍ତ୍ତନ ପଛରେ କେବଳ କ୍ରିକେଟ୍ ସମ୍ପର୍କିତ କାରଣ ନଥିଲା। ଏହା ପଛରେ କ୍ରିକେଟ୍‌ଠାରୁ ଅଧିକ କିଛି କାରଣ ରହିଛି। କେବଳ ପଡ଼ିଆରେ ଖେଳାଳିଙ୍କ ପ୍ରଦର୍ଶନ ଏପରି ପରିବର୍ତ୍ତନର କାରଣ ନୁହେଁ। ଏଥିରେ ଆହୁରି ଦାବି କରାଯାଇଛି ଯେ, ପାକିସ୍ତାନର ଦୁଇ ଖେଳାଳି ଇମାମ ଓ ରିଜୱାନଙ୍କ ମୋବାଇଲ୍ ଫୋନ୍‌ରୁ ତଥ୍ୟ ସଂଗ୍ରହ କରିଛି ପିସିବି। ଲଣ୍ଡନରେ ୩ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ଖେଳିବା ସମୟରେ ସେମାନଙ୍କର କାର୍ଯ୍ୟକଳାପ ସନ୍ଦେହ ଘେରକୁ ଆସିଥିବାରୁ ବୋର୍ଡ ସେମାନଙ୍କ ମୋବାଇଲକୁ ବିଭିନ୍ନ ତଥ୍ୟ ସଂଗ୍ରହ କରିଥିବା ଜଣାପଡ଼ିଛି।ଲର୍ଡସ୍‌ରେ ଇଂଲଣ୍ଡ ବିପକ୍ଷ ଟେଷ୍ଟରେ ପାକିସ୍ତାନ ୧୯୪ ରନ୍‌ରେ ପରାସ୍ତ ହେବା ମାତ୍ରେ ଦଳର ଦାୟିତ୍ୱରେ ଥିବା ଲିଗାଲ ଅଫିସର ତୁରନ୍ତ ଇମାମ ଓ ରିଜୱାନଙ୍କ ଫୋନ୍ ନିଜ ହେପାଜତକୁ ନେଇଥିଲେ।ସେମାନଙ୍କ ଫୋନ୍‌ରୁ ତଥ୍ୟ ଅନ୍ୟ ଏକ ଡିଭାଇସ୍‌କୁ ସ୍ଥାନାନ୍ତର କରାଯାଇଥିଲା। ଜବତର କିଛି ଘଣ୍ଟା ପରେ ଦୁଇ ଖେଳାଳିଙ୍କୁ ସେମାନଙ୍କ ଫୋନ୍ ଫେରାଇ ଦିଆଯାଇଥିଲା ବୋଲି ରିପୋର୍ଟ ପ୍ରକାଶ ପାଇଛି। ପାକିସ୍ତାନୀ ମିଡିଆ ଆଉଟଲେଟ୍ '୩୬୫ ନ୍ୟୁଜ୍' ଅନୁସାରେ, ଅନ୍ୟ କିଛି ଖେଳାଳିଙ୍କ ଫୋନ୍ ମଧ୍ୟ ପିସିବି ଜବତ କରିଛି। ଶେଷ ଟେଷ୍ଟ ମ୍ୟାଚ୍ ଶେଷ ହେବା ପର୍ଯ୍ୟନ୍ତ ବୋର୍ଡ ଏହି ଫୋନ୍‌ଗୁଡ଼ିକୁ ନିଜ ପାଖରେ ରଖିବାକୁ ଚାହୁଁଛି। ମ୍ୟାଚ୍ ଶେଷ ହେବା ପରେ ଖେଳାଳିଙ୍କୁ ସେମାନଙ୍କୁ ମୋବାଇଲ ହସ୍ତାନ୍ତର କରାଯିବ ବୋଲି ଜଣାପଡିଛି।

# ଫତିମାଙ୍କୁ ଜରିମାନା

ଦୁବାଇ: ଭାରତ ବିପକ୍ଷ ମହିଳା ଏସିଆ କପ୍ ଟ୍ୱେଣ୍ଟି-୨୦ ମ୍ୟାଚ୍ ବେଳେ ଖରାପ ଆଚରଣ ଲାଗି ପାକିସ୍ତାନ ଅଧିନାୟିକା ଫତିମା ସାନାଙ୍କୁ ଜରିମାନା ହୋଇଛି। ଭାରତୀୟ ଓପନର୍ ଶେଫାଳି ବର୍ମାଙ୍କୁ ଆଉଟ୍ କରିବା ପରେ ଫତିମା ତାଙ୍କୁ ଆଙ୍ଗୁଠି ଦେଖାଇ ପ୍ୟାଭିଲିୟନ୍‌କୁ ଫେରିଯିବାକୁ ଇଶାରା ଦେଇଥିଲେ। ଏଥିପାଇଁ ଆଇସିସି ଆଚରଣବିଧି ଲେବଲ୍-୧ ଉଲ୍ଲଂଘନ ଯୋଗୁଁ ତାଙ୍କ ମ୍ୟାଚ୍ ପାଉଣାର ୧୦ ପ୍ରତିଶତ କଟାଯିବା ସହ ଗୋଟିଏ ଡିମେରିଟ ପଏଣ୍ଟ୍ ମିଳିଛି। ଫଳରେ ଗତ ୨୪ ମାସ ମଧ୍ୟରେ ତାଙ୍କ ଡିମେରିଟ୍ ପଏଣ୍ଟ୍ ସଂଖ୍ୟା ୨ରେ ପହଞ୍ଚିଛି। ପଡିଆ ଅମ୍ପାୟାର ନିମାଳି ପେରେରା, ଶଥିରା ଜାକିର ଜେସି ଓ ତୃତୀୟ ଅମ୍ପାୟାର ରୋକେୟା ସୁଲତାନ ଓ ଚତୁର୍ଥ ଅମ୍ପାୟାର ରବାବ ଏହସାନଙ୍କ ଅଭିଯୋଗ ପରେ ରେଫରି ସୁପ୍ରିୟା ରାଣୀ ଦାସ ଏହି ଦଣ୍ଡ ଶୁଣାଇଛନ୍ତି।



ସେ ନିଜ ଦୋଷ ଓ ଦଣ୍ଡ ସ୍ୱୀକାର କରି ନେଇଥିବାରୁ ପରବର୍ତ୍ତୀ ଶୁଣାଣୀର ଆବଶ୍ୟକତା ରହିନି। ''ଖେଳାଳି ଓ ଖେଳାଳିଙ୍କ ସମ୍ପୃକ୍ତ ଅଧିକାରୀଙ୍କ ପାଇଁ ଥିବା ଆଇସିସି ଆଚରଣ ବିଧିର ଧାରା ୨.୫ (ଅନ୍ତର୍ଜାତୀୟ ମ୍ୟାଚ୍ ବେଳେ ଆଉଟ୍ କରିବା ପରେ ବ୍ୟାଟର୍‌ଙ୍କୁ ଖରାପ ଭାଷା, ବ୍ୟବହାର କରିବା କିମ୍ବା ଆକ୍ରମଣାତ୍ମକ କାର୍ଯ୍ୟ କରିବା)କୁ ଫତିମା ଉଲ୍ଲଂଘନ କରିଛନ୍ତି। ତେଣୁ ଦଣ୍ଡ ଭାବେ ଗୋଟିଏ ଡିମେରିଟ୍ ପଏଣ୍ଟ୍ ଫତିମାଙ୍କ ଶୃଙ୍ଖଳାଗତ ଖାତାରେ ଯୋଡା ଯିବା ସହ ମ୍ୟାଚ୍ ପାଉଣାର ୧୦ ପ୍ରତିଶତ କାଟି ଦିଆଯାଇଛି। ୨୪ ମାସ ମଧ୍ୟରେ ଏହା ତାଙ୍କର ଦ୍ୱିତୀୟ ଦୋଷ ହୋଇଥିବାରୁ ଡିମେରିଟ୍ ପଏଣ୍ଟ୍ ୨ରେ ପହଞ୍ଚିଛି'' ବୋଲି ଆଇସିସି ପକ୍ଷରୁ ଜାରି ବିଜ୍ଞପ୍ତିରେ କୁହାଯାଇଛି। ଗତବର୍ଷ ଅଗଷ୍ଟ ୬ ତାରିଖରେ ଆୟର୍ଲାଣ୍ଡ ବିପକ୍ଷ ମ୍ୟାଚ୍‌ରେ ଖରାପ ଆଚରଣ ପାଇଁ ଫତିମାଙ୍କୁ ଗୋଟିଏ ଡିମେରିଟ୍ ପଏଣ୍ଟ୍ ମିଳିଥିଲା।

# ଷଷ୍ଠ ଆମନ୍ତ୍ରଣ କର୍ପୋରେଟ ବ୍ୟାଡମିଣ୍ଟନରେ ପାରାଦୀପ ଚମ୍ପିୟନ

ପାରାଦୀପ - ପାରାଦୀପ ବ୍ୟାଡମିଣ୍ଟନ ଆସୋସିଏସନ (ପିବିଏ) ପକ୍ଷରୁ ପାରାଦୀପ ବନ୍ଦର ପ୍ରାଧିକରଣ ର ଅଫିସର୍ସ କ୍ଲବ ପରିସରରେ ଚଳିତ ସେପ୍ଟେମ୍ବର ୫ ଓ ୬ ତାରିଖରେ ଆୟୋଜିତ ଷଷ୍ଠ ଆମନ୍ତ୍ରଣ କର୍ପୋରେଟ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ-୨୦୨୬ ରବିବାର ଦିନ ସଫଳତାର ସହ ଉଦଯାପିତ ହୋଇଯାଇଛି। ଏହି ଦୁଇଦିନିଆ ପ୍ରତିଯୋଗିତା କର୍ପୋରେଟ କ୍ଷେତ୍ରରେ କ୍ରୀଡ଼ା ଚେତନା, ସୁସ୍ଥ ପ୍ରତିଯୋଗିତା ଓ ପାରସ୍ପରିକ ସୌହାର୍ଦ୍ଦ ବୃଦ୍ଧି ଦିଗରେ ଏକ ଉଲ୍ଲେଖନୀୟ ପଦକ୍ଷେପ ସାବ୍ୟସ୍ତ ହୋଇଛି। ଏହି ପ୍ରତିଯୋଗିତାରେ ପାରାଦୀପ ଓ ଏହାର ଆଖପାଖ ଅଞ୍ଚଳର ପ୍ରମୁଖ ଶିଳ୍ପ ଓ କର୍ପୋରେଟ ସଂସ୍ଥାଗୁଡ଼ିକରୁ ମୋଟ ୬୦ ଜଣ ଖେଳାଳି ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତା ପୁରୁଷ ଡବଲ୍ସ, ମହିଳା ଡବଲ୍ସ, ମିଶ୍ରିତ ଡବଲ୍ସ ଏବଂ ଭେଟେରାନ୍ ଡବଲ୍ସ ବିଭାଗରେ ଅନୁଷ୍ଠିତ ହୋଇଥିଲା।



ପ୍ରତିଯୋଗିତାରେ ଇଣ୍ଡିଆନ୍ ଫାର୍ମର୍ସ ଫର୍ଟିଲାଇଜର୍ କୋ-ଅପରେଟିଭ୍ ଲିମିଟେଡ୍ (ଇଫକୋ), ଜଗତସିଂହପୁର ପାରାଦୀପ ପାଇପଲାଇନ୍ ଲିମିଟେଡ୍ (ଜେପିପିଏଲ), ଜେଏମ୍ ବକ୍ସି ଗ୍ରୁପ୍, ନୁମାଲିଗଡ଼ ରିଫାଇନେରୀ ଲିମିଟେଡ୍ (ଏନଆରଏଲ), ଜେଏସଡବ୍ଲ୍ୟୁ ଗ୍ରୁପ୍ ଏବଂ ପାରାଦୀପ ବନ୍ଦର ପ୍ରାଧିକରଣ ର କ୍ରୀଡା ଶାଖା ପାରାଦୀପ ବ୍ୟାଡମିଣ୍ଟନ ଆସୋସିଏସନର ଦଳଗୁଡ଼ିକ ଅଂଶଗ୍ରହଣ କରିଥିଲେ। ଫାଇନାଲ ପର୍ଯ୍ୟାୟରେ ପାରାଦୀପ ବନ୍ଦର ଦଳ ଉଲ୍ଲେଖନୀୟ ପ୍ରଦର୍ଶନ କରି ସମସ୍ତ ଚାରିଟି ବିଭାଗରେ ବିଜୟୀ ହୋଇ ସାମଗ୍ରିକ ଚାମ୍ପିଅନ୍ ହେବାର ଗୌରବ ଅର୍ଜନ କରିଥିଲା। ପୁରୁଷ ଡବଲ୍ସ,ମହିଳା ଡବଲ୍ସ,

ମିଶ୍ରିତ ଡବଲ୍ସ ଓ ଭେଟେରାନ୍ ଡବଲ୍ସରେ ପାରାଦୀପ ବନ୍ଦର ପ୍ରାଧିକରଣ ର ପିବିଏ ଦଳ ସାମଗ୍ରିକ ଭାବେ ଚମ୍ପିୟନ ହୋଇଥିଲେ କ୍ଷ ଉଦଯାପନୀ ଓ ପୁରସ୍କାର ବିତରଣ ଉତ୍ସବରେ ପାରାଦୀପ ବନ୍ଦର ପୂର୍ବତନ ଅଧ୍ୟକ୍ଷ ପି.ଏଲ୍.ହରାନାଦ ମୁଖ୍ୟ ଅତିଥି ଭାବେ ଏବଂ ଉପାଧ୍ୟକ୍ଷ ଟି.ଭେନୁ ଗୋପାଳ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ବନ୍ଦରର ମୁଖ୍ୟ ଯାନ୍ତ୍ରିକ ଯନ୍ତ୍ରୀ ସୁଶିଲ ଚନ୍ଦ୍ର ନାହାକ, ବିଭିନ୍ନ ବିଭାଗର ମୁଖ୍ୟ, ବରିଷ୍ଠ ଅଧିକାରୀ, ବିଶିଷ୍ଟ ଅତିଥି ଓ କ୍ରୀଡ଼ାପ୍ରେମୀମାନେ ଉପସ୍ଥିତ ଥିଲେ।

ଅତିଥିବୃନ୍ଦ ବିଜେତା ଏବଂ ଅଂଶଗ୍ରହଣକାରୀ ଖେଳାଳିମାନଙ୍କୁ ଅଭିନନ୍ଦନ ଜଣାଇବା ସହ ସେମାନଙ୍କର କ୍ରୀଡ଼ା ନୈପୁଣ୍ୟ, ଶୃଙ୍ଖଳା ଓ କ୍ରୀଡ଼ାସୁଲଭ ମନୋଭାବର ଭୂୟସୀ ପ୍ରଶଂସା କରିଥିଲେ। ସେମାନେ କହିଥିଲେ ଯେ, କ୍ରୀଡ଼ା କେବଳ ଶାରୀରିକ ସୁସ୍ଥତା ନୁହେଁ, ବରଂ ଦଳଗତ ମନୋଭାବ, ନେତୃତ୍ୱ ଗୁଣ ଓ ପାରସ୍ପରିକ ସହଯୋଗର ବିକାଶରେ ମଧ୍ୟ ସହାୟକ ହୋଇଥାଏ। ଅତିଥିମାନେ ପାରାଦୀପ ବ୍ୟାଡମିଣ୍ଟନ ଆସୋସିଏସନର ସଫଳ ଆୟୋଜନକୁ ପ୍ରଶଂସା କରିବା ସହ ଅଞ୍ଚଳରେ କ୍ରୀଡ଼ା ସଂସ୍କୃତିର ବିକାଶ ପାଇଁ ଏହାର ନିରନ୍ତର ପ୍ରୟାସକୁ ସ୍ୱାଗତ କରିଥିଲେ।

# ଜିମ୍ବାୱେକୁ ହରାଇ ଦକ୍ଷିଣ ଆଫ୍ରିକା ଜିତିଲା ତ୍ରିରାଷ୍ଟ୍ରୀୟ ଟ୍ରଫି

ୱିଣ୍ଡୋକ: ଜୋର୍ଡାନ ହର୍ମାନଙ୍କ ଧୂଆଁଧାର ୫୩ ରନ୍ ବଳରେ ଫାଇନାଲରେ ଜିମ୍ବାୱେକୁ ୪୮ ରନ୍‌ରେ ହରାଇ ତ୍ରିରାଷ୍ଟ୍ରୀୟ ଟ୍ରଫି ଜିତିଛି ଦକ୍ଷିଣ ଆଫ୍ରିକା। ଟସ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଦକ୍ଷିଣ ଆଫ୍ରିକା ୨୦ ଓଭରରେ ୫ ୱିକେଟ୍‌ରେ ୨୦୫ ରନ୍ କରିଥିଲା। ଜୋର୍ଡାନ୍ ହର୍ମାନ୍ ୨୯ ବଲ୍‌ରୁ ୫୩ ରନ୍ କରିଥିଲେ। ସେହିପରି କନର ଇଷ୍ଟରହୁଇଜେନ ଓ ଦେୱାଲ୍ଡ ବ୍ରେଭିସ୍ ୩୨ ରନ୍ ଲେଖାଏଁ କରିଥିଲେ। ଜିମ୍ବାୱେ ପକ୍ଷରୁ ବ୍ରାଡ୍ ଇଭାନ୍ସ ଓ ନ୍ୟୁମ୍ୟାନ ନ୍ୟାମୁରି ୨ ଲେଖାଏଁ ୱିକେଟ୍ ନେଇଥିଲେ। ଜବାବରେ ଜିମ୍ବାୱେ ୧୮ ଓଭରରେ ୧୫୭ ରନ୍‌ରେ ଅଲଆଉଟ୍ ହୋଇଥିଲା। ଦଳ ପକ୍ଷରୁ ବ୍ରାଡ୍ ଇଭାନ୍ସ ୩୧ ବଲ୍‌ରୁ ଅପରାଜିତ ୫୬ ରନ୍ କରିଥିଲେ। ଦକ୍ଷିଣ ଆଫ୍ରିକା ପକ୍ଷରୁ ବିଜୋର୍ନ ଫର୍ଟୁଇନ୍ ଓ ଡୁଆନ୍ ଜାନସେନ୍ ୩ଟି ଲେଖାଏ ୱିକେଟ୍ ନେଇଥିଲେ। ଆୟୋଜକ ନାମିବିଆ ତୃତୀୟ ଦଳ ଭାବେ ଏହି ଶୃଙ୍ଖଳା ଖେଳିଥିଲେ ମଧ୍ୟ ଫାଇନାଲରେ ପହଞ୍ଚିପାରିନଥିଲା। ଜୋର୍ଡାନ ହର୍ମାନଙ୍କୁ ମ୍ୟାଚ୍‌ର ଏବଂ ଦେୱାଲ୍ଡ ବ୍ରେଭିସ୍‌ଙ୍କୁ ଶୃଙ୍ଖଳାରେ ଶ୍ରେଷ୍ଠ ଖେଳାଳି ଘୋଷଣା କରାଯାଇଥିଲା।

# କିଶନଙ୍କ ଦ୍ୱିଶତକ

ଫାଇନାଲରେ କ୍ୟାପ୍‌ଟେନ ଲିଡିଂ ଫର୍ମ ଦ ଫ୍ରଣ୍ଟ। ଦୁଲୀପ ଟ୍ରଫି ଫାଇନାଲରେ ଡବଲ ଟନ ହାସଲ କରିଛନ୍ତି ଇଷ୍ଟ ଜୋନ ଅଧିନାୟକ ଈଶାନ କିଶନ। ଦକ୍ଷିଣ ଜୋନ ବିପକ୍ଷ ଫାଇନାଲରେ ଈଶାନ ଖେଳିଛନ୍ତି ମାରାଥନ ଇନିଂସ। ରବିବାର ଶତକ ହାସଲ କରିଥିବା ଈଶାନ ସୋମବାର ଏହାକୁ ଦୁଇ ଶତକରେ ପରିଣତ କରିଛନ୍ତି। ଦୁଇ ଶତକ ପରେ ସେ ବଡ ଶଟ ଖେଳିଥିଲେ ହେଁ ତିଳକ ବର୍ମାଙ୍କ ଦକ୍ଷିଣାଞ୍ଚଳ ତାଙ୍କୁ ଆଉଟ କରିପାରି ନାହିଁ। ସେ ୨୫୦ ରନ କରିବା ପରେ ରିଟାର୍ଡ ହର୍ଟ ହୋଇ ପ୍ୟାଭିଲିୟନ ଫେରିଛନ୍ତି। ୩୦୧ ବଲରେ ୨୫୦ ରନ କରିଥିବା ଈଶାନଙ୍କ ବ୍ୟାଟରୁ ୭ ଛକା ଓ ୨୭ଟି ଚୌକା ଦେଖିବାକୁ ମିଳିଛି। ପରେ ସେ ୨୭୦ ରନ୍ କରିଥିଲେ। ଦଳ ୭୦୮ ରନ କରିଛି।

ଚୌକରେ ଖେଳା ଯାଉଥିବା ଦୁଲୀପଟ୍ରଫି ଫାଇନାଲରେ ଦୁଇ ଶତକ ହାସଲ କରି ଈଶାନ ନୂଆ କୀର୍ତ୍ତିମାନ ହାସଲ କରିଛନ୍ତି। ସେ ୫ମ ବ୍ୟାଟର ଭାବେ ଦୁଲୀପ ଟ୍ରଫି ଫାଇନାଲରେ ଏପରି ସଫଳତା ହାସଲ କରିବାକୁ ସକ୍ଷମ ହୋଇଛନ୍ତି। ଈଶାନଙ୍କ ପୂର୍ବରୁ ଦୁଲୀପ ଟ୍ରଫି ଫାଇନାଲରେ ରମଣ ଲାମ୍ବା(୩୨୦), ଅଂଶୁମାନ ଗାଏକ୍ୱାଡ(୨୧୬), ଚେତେଶ୍ୱର ପୂଜାରା(୨୫୬ଞ୍ଚ) ଓ ଯଶସ୍ୱୀ ଜୈସୱାଲ(୨୦୯) ଦୁଇ ଶତକ କିମ୍ବା ଏହା ଠାରୁ ଅଧିକ ରନ କରିଥିଲେ। ଏବେ ଏହି ତାଲିକାରେ ଈଶାନଙ୍କ ନାଁ ଯୋଡି ହୋଇଯାଇଛି।

# ହକି ଓଡ଼ିଶାକୁ 'ହାଇଜାକ୍' ଅଭିଯୋଗ

କଟକ, ୬।୯: ଓଡ଼ିଶାର ହକି ପ୍ରଶାସନକୁ 'ହାଇଜାକ୍' କରାଯାଉଥିବା ଅଭିଯୋଗ କରିଛନ୍ତି ହକି ଓଡ଼ିଶାର କର୍ମକର୍ତ୍ତା ଓ ପୂର୍ବତନ ଖେଳାଳି। ରାଜ୍ୟ ହକି ସଂଗଠନରେ ସ୍ୱଚ୍ଛତା ଓ ଗଣତାନ୍ତ୍ରିକ ବ୍ୟବସ୍ଥା ଫେରାଇ ଆଣିବାକୁ ସେମାନେ ରାଜ୍ୟ ସରକାରଙ୍କ ତୁରନ୍ତ ହସ୍ତକ୍ଷେପ ଦାବି କରିଛନ୍ତି।

ହକି ଓଡ଼ିଶାର ସାଧାରଣ ସମ୍ପାଦକ ପ୍ରତାପ ଶତପଥୀ ଅଭିଯୋଗ କରିଛନ୍ତି ଯେ, ହକି ଆସୋସିଏସନ୍ ଅଫ୍ ଓଡ଼ିଶାର କାର୍ଯ୍ୟକାରୀ କମିଟିର କାର୍ଯ୍ୟକାଳ ୧୭ ମେ ୨୦୨୬ରେ ଶେଷ ହୋଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ନୂଆ ନିର୍ବାଚନ ହୋଇନାହିଁ। ଜୁନ୍ ୧୮ର ବାର୍ଷିକ ସାଧାରଣ ସଭାରେ ନିର୍ବାଚନ ପ୍ରସଙ୍ଗ ଥିଲେ ମଧ୍ୟ ତାହା ହୋଇନଥିବା ସେ କହିଛନ୍ତି। ଜିଲ୍ଲା ହକି ଆସୋସିଏସନ୍‌ଗୁଡ଼ିକରେ ସରକାରୀ ଅଧିକାରୀଙ୍କ ପଦାଧିକାରୀ ଭାବେ ରହିବାକୁ ନେଇ ମଧ୍ୟ ପ୍ରଶ୍ନ ଉଠାଯାଇଛି। ହକିର ପ୍ରଶାସନରେ ଖେଳାଳି ଓ ପ୍ରକୃତ ପ୍ରତିନିଧିଙ୍କ ଭୂମିକା ସୁନିଶ୍ଚିତ କରିବା ସହ ଓଡଓ ଚାର୍ଟର ଅନୁଯାୟୀ ଗଣତାନ୍ତ୍ରିକ ବ୍ୟବସ୍ଥା ଗଠନ ପାଇଁ




ସରକାର ପଦକ୍ଷେପ ନିଅନ୍ତୁ ବୋଲି ଦାବି କରାଯାଇଛି।ସାମ୍ବାଦିକ ସମ୍ମିଳନୀରେ ପ୍ରତାପ ଶତପଥୀଙ୍କ ସହ ପ୍ରଣବ କିଶୋର ପଟ୍ଟନାୟକ, ଅମର କୁମାର ମହାନ୍ତି, ନିର୍ମଳ ବଳ ଓ ଦେବବ୍ରତ ପତି ଉପସ୍ଥିତ ଥିଲେ।

# ଅନଲାଇନ୍ ନିର୍ଯାତନାର ଶିକାର ହେଲେ କେୟା

ନୂଆଦିଲ୍ଲୀ:ଆଇପିଏଫ୍ ବିଶ୍ୱ ଉପକନିଷ୍ଠ ଓ କନିଷ୍ଠ କ୍ଲାସିକ୍ ଶକ୍ତିଉତ୍ତୋଳନରେ ଚମକପ୍ରଦ ପ୍ରଦର୍ଶନ ପରେ ପାୱାରଲିଫ୍ଟର କେୟା କୁନାଲ ବାନାର୍ଜୀଙ୍କୁ ସାରା ଦେଶରେ ପ୍ରଶଂସା କରାଯାଉଥିବାବେଳେ ସେ ଏକ ବଡ଼ ଅଭିଯୋଗ ଆଣିଛନ୍ତି। ଏହି ପ୍ରତିଯୋଗିତାରେ ବିଜୟ ପରେ ସୋସିଆଲ ମିଡିଆରେ ତାଙ୍କୁ ଯେତିକି ପ୍ରଶଂସା ମିଳୁଛି ତାଠାରୁ ଅଧିକ ନିର୍ଯାତନା ଓ କଟାକ୍ଷ ମିଳୁଛି ବୋଲି ସେ ଅଭିଯୋଗ କରିଛନ୍ତି।



୨୧ ବର୍ଷୀୟା ବାନାର୍ଜୀ ଦକ୍ଷିଣ ଆଫ୍ରିକାର ସନ୍ ସିଟିରେ ଆୟୋଜିତ ଚାମ୍ପିଅନସିପ୍‌ର କନିଷ୍ଠ ମହିଳା ୪୭ କେଜି ବର୍ଗରେ ୧୪୦ କେଜି ଓଜନ ଉଠାଇଥିଲେ। ତାଙ୍କ ଡେଡ୍‌ଲିଫ୍ଟ, ତାଙ୍କ ପ୍ରତିଯୋଗିତା ସମୟର ଓଜନ ୪୫.୭୦ କେଜିର ତିନିଗୁଣରୁ ମଧ୍ୟ ଅଧିକ ଥିଲା। ଏହି ପ୍ରଦର୍ଶନ ପାଇଁ ସେ ବ୍ୟକ୍ତିଗତ ଡେଡ୍‌ଲିଫ୍ଟ ଇଭେଣ୍ଟରେ ରୌପ୍ୟ ପଦକ ଜିତିଥିଲେ। କିନ୍ତୁ ଏହି ସଫଳତା ପରେ ସୋସିଆଲ୍ ମିଡିଆରେ ତାଙ୍କୁ ମିଳିଥିବା ଧ୍ୟାନ ଖୁବ୍‌ଶୀଘ୍ର ଅସ୍ୱସ୍ତିକର ରୂପ ନେଇଥିଲା। ବାନାର୍ଜୀଙ୍କ ନାମରେ ନକଲି ଆକାଉଣ୍ଟ ଖୋଲାଯିବା ସହ ତାଙ୍କ ଫଟୋର ଅପବ୍ୟବହାର କରାଯାଇଥିଲା। ଏପରିକି ତାଙ୍କ ଚେହେରା ଓ ପରିଚୟକୁ ବ୍ୟବହାର କରି ହଜାର ହଜାର ଅନଧିକୃତ ଏଆଇ-ନିର୍ମିତ ବିକୃତ ଛବି ମଧ୍ୟ ତିଆରି କରାଯାଇଥିଲା। "ମୋ ସଫଳତା ନୁହେଁ, ଲୋକେ ମୋ ଚେହେରାକୁ ନେଇ ଆଲୋଚନା କଲେ। ଏହା ମୋତେ ବେଶ ଆଘାତ ଦେଇଛି''। କୌଣସି ପୁରୁଷ ଖେଳାଳିଙ୍କୁ ଏଭଳି ପରିସ୍ଥିତିର ସମ୍ମୁଖୀନ ହେବାକୁ ପଡ଼େ ନାହିଁ ବୋଲି ସେ କହିଛନ୍ତି।

# ହାଫ୍ ମାରାଥନ୍‌ରେ ଅବସରପ୍ରାପ୍ତ ବୈଜ୍ଞାନିକଙ୍କ ମୃତ୍ୟୁ

ସାତାରା,୭।୯: ମହାରାଷ୍ଟ୍ରର ସାତାରା ଜିଲ୍ଲାରେ ହାଫ୍ ମାରାଥନ୍‌ରେ ଦୌଡୁଥିବା ବେଳେ ହୃଦ୍‌ଘାତରେ ୬୫ ବର୍ଷୀୟ ଅବସରପ୍ରାପ୍ତ ବୈଜ୍ଞାନିକଙ୍କ ମୃତ୍ୟୁ ଘଟିଛି। ମୃତକ ସଞ୍ଜୟ କଦମ ପୁଣେର ବାସିନ୍ଦା ଥିଲେ। ସେ ସେଣ୍ଟର ଫର୍ ଡେଭେଲପମେଣ୍ଟ ଅଫ୍ ଆଡଭାନ୍ସଡ୍ କମ୍ପ୍ୟୁଟିଂ (ସି-ଡାକ୍)ରେ କାର୍ଯ୍ୟ କରି ଅବସର ନେଇଥିଲେ। ଆୟୋଜିତ ସାତାରା ହିଲ୍ ହାଫ୍ ମାରାଥନ୍‌କୁ ଦେଶର ଅନ୍ୟତମ କଠିନ ହାଫ୍ ମାରାଥନ୍ ଭାବେ ବିବେଚନା କରାଯାଏ। ପଶ୍ଚିମଘାଟରେ ଉଚ୍ଚ ଚଢ଼ାଇ ଓ ତୀବ୍ର ଢାଲୁ ରାସ୍ତା ଦେଇ ଏହି ୨୧.୧ କିଲୋମିଟର ଦୌଡ଼ଆୟୋଜିତ ହୋଇଥିଲା। ଏଥିରେ ପ୍ରାୟ ୭,୭୦୦ ଜଣ ଧାବକ ଦୌଡ଼ ଶେଷ କରିଥିଲେ। ଆୟୋଜକଙ୍କ ସୂଚନା ଅନୁସାରେ, ପ୍ରଥମ ଥର ପାଇଁ ଏହିଦୌଡ଼ରେ ଭାଗ ନେଇଥିବା କଦମ ରବିବାର ସକାଳ ପ୍ରାୟ ୯ଟା ୩୦ରୁ ୧୦ଟା ମଧ୍ୟରେ ପାୱାରହାଉସ୍ ଅଞ୍ଚଳ ନିକଟରେ ତଳକୁ ଦୌଡୁଥିବା ବେଳେ ଅସୁସ୍ଥ ଅନୁଭବ କରିଥିଲେ। ଏହାପରେ ସହଧାବକମାନେ ତୁରନ୍ତ ତାଙ୍କୁ ସିପିଆର୍ ଦେଇଥିଲେ। ଦୌଡ଼ ମାର୍ଗରେ ନିୟୋଜିତ ଏକ କାର୍ଡିଆକ୍ ଆମ୍ବୁଲାନ୍ସ ମଧ୍ୟ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚିଥିଲା। ଚିକିତ୍ସାକର୍ମୀମାନେ ଜରୁରୀ ଚିକିତ୍ସା ଦେବା ସହ ସିପିଆର୍ ଜାରି ରଖି ତାଙ୍କୁ ପଲ୍ସ ହସ୍ପିଟାଲ୍‌କୁ ନେଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା।

## ଜିଲ୍ଲା ସିନିୟର ନକ୍ ଆଉଟ ଫୁଟବଲ ଟୁର୍ଣ୍ଣାମେଣ୍ଟ

# ସୁପର ନକଆଉଟରେ ସ୍ପୋର୍ଟ୍ସ ହଷ୍ଟେଲ, ରିଜର୍ଭ ପୋଲିସ, ବିକେସି ୟୁନାଇଟେଡ୍, ଜରାସିଂହା, ବାଦିବାହାଲ ଓ ଗୁଲମି ଏସ୍‌ସି

ବଲାଙ୍ଗିର,୦୭/୯ - ଜିଲ୍ଲା କ୍ରୀଡା ସଂସଦ ଆନୁକୂଲ୍ୟରେ ଚାଲିଥିବା ଫୁଟବଲ ଖେଳ ୬ ଟି ପଡିଆରେ ହୋଇଯାଇଛି। ଖୁଜେନପାଲି ପଡିଆରେ ସ୍ପୋର୍ଟ ହଷ୍ଟେଲ ୭-୦ ଗୋଲରେ ବ୍ଲୁମାଉଣ୍ଟେଣ୍ଡ କୁ ହରାଇ ଜୋନ ଚମ୍ପିୟାନ ହେଲା। ମୁଖ୍ୟ ଅତିଥି ଭାବେ ବଲାଙ୍ଗିର ଜିଲ୍ଲା ପରିଷଦ ଅଧ୍ୟକ୍ଷା ଦେବକୀ ସାହୁ ଯୋଗ ଦେଇଥିବା ବେଳେ ଅତିଥି ଭାବେ ବଲାଙ୍ଗିର ବ୍ଲକ ଅଧ୍ୟକ୍ଷା ସରିତା ବାଗ, କ୍ରୀଡା ସଂସଦର ଯୁଗ୍ମ ସଂପାଦକ ଶତ୍ରୁଘନ ସିଂ ଓ କ୍ରୀଡା ସଂପାଦକ ବିଭୁତି ଭୂଷଣ ପଣ୍ଡା ଯୋଗ ଦେଇଥିଲେ। ପଲ୍ଲିଶ୍ରୀ ଷ୍ଟାଡିୟମ ସଦାଇପାଲି ଠାରେ ରିଜର୍ଭ ପୋଲିସ ୧-୦ ଗୋଲ ରେ ସାଇଟ ସଦାଇପାଲିକୁ ହରାଇ ଜୋନ ଚମ୍ପିୟାନ ହେଲା। ମୁଖ୍ୟ ଅତିଥି ଭାବେ ସରକାରୀ ଆଇଟିଆଇ ଅଧ୍ୟକ୍ଷ ସୁରେଶ କୁମାର ଦଳବେହେରା ଯୋଗ ଦେଇଥିବା ବେଳେ ଅତିଥି ଭାବେ ସୁଶ୍ରୀ ଆଇଟିଆଇ ଅଧ୍ୟକ୍ଷ ଇଂ.ସନ୍ତୋଷ କୁମାର ବ୍ରହ୍ମା, ପୂର୍ବତନ ଖେଳାଳି ପ୍ରଦୀପ ମହାରଣା, କ୍ରୀଡା ସଂଗଠକ ଆଦିତ୍ୟ ପଟ୍ଟନାୟକ ଓ ଅଶୋକ ପ୍ରଧାନ ଯୋଗ ଦେଇଥିଲେ । ଟାଉନ ହାଇସ୍କୁଲ ପଡିଆରେ ବିକେସି ୟୁନାଇଟେଡ୍ ୩-୦ ଗୋଲରେ ଗେର୍ଡି କୁ ହରାଇ ଜୋନ ଚମ୍ପିୟାନ ହେଲା। ମୁଖ୍ୟ ଅତିଥି ଭାବେ ବଲାଙ୍ଗିର ପୌରାଧ୍ୟକ୍ଷା ଲିକା ସାହୁ ଯୋଗ ଦେଇଥିବା ବେଳେ ଅତିଥି ଭାବେ ଜେଆଇଟିଏମ୍ ଅଧ୍ୟକ୍ଷ ଅନଙ୍ଗ ଉଦୟ ନାୟକ, ସଂକି□ନ୍ୟ ଗାୟକ ନିରାକାର ସ୍ୱାଇଁ, କ୍ରୀଡା ସଂସଦ ଉପସଭାପତି କୃଷ୍ଣଚନ୍ଦ୍ର ମିଶ୍ର, କୋଷାଧ୍ୟକ୍ଷ ହେମନ୍ତ କୁମାର ବେହେରା, ବରିଷ୍ଠ ସଦସ୍ୟ ଡା. ସିଦ୍ଧେଶ୍ୱର ମିଶ୍ର ଓ ପୂର୍ବତନ ଖେଳାଳି ଲୋକନାଥ ନେପାକ ଯୋଗ ଦେଇଥିଲେ। ଜରାସିଂହା ମିନି ଷ୍ଟାଡିୟମରେ ଜରାସିଂହା ୩-୧ ଗୋଲରେ ମହିପୁର କୁ ହରାଇ ଜୋନ ଚମ୍ପିୟାନ ହେଲା ।ଅତିଥି ଭାବେ ଦେଓଗାଁ ବ୍ଲକ ପୂର୍ବତନ ଚେୟାରମେନ ଲକ୍ଷ୍ମଣ କୁମାର ମେହେର, ବରିଷ୍ଠ ନାଗରିକ ପ୍ରମୋଦ କୁମାର ସିଂନିନା ଓ ପୂର୍ବତନ ପୁଇଁତଲା ବ୍ଲକ ଭାଇସ ଚେୟାରମେନ ସନ୍ତୋଷ ଗୁରୁହାଣ୍ଡି ଯୋଗ ଦେଇଥିଲେ। ଲୋଇସିଂହା ମିନି ଷ୍ଟାଡିୟମରେ ବାଦିବାହାଲ ୪-୨ ଗୋଲରେ ଏନ୍‌ଆରଡିଏ ଖଲିଆପାଲି କୁ ହରାଇ ଜୋନ ଚମ୍ପିୟାନ ହେଲା। ମୁଖ୍ୟ ଅତିଥି ଭାବେ ପୂର୍ବତନ ଆଇନମନ୍ତ୍ରୀ ନରସିଂହ ମିଶ୍ର ଯୋଗ ଦେଇଥିବା ବେଳେ ଅତିଥି ଭାବେ ଲୋଇସିଂହା ଏଏ ସଭାପତି ଦିଲିପ କୁମାର ବେହେରା, ସଂପାଦିକା ଷ୍ଟାଡିୟମ ଟ୍ରଷ୍ଟବୋର୍ଡ ସ୍ମିତାରାଣୀ ମିଶ୍ର, ଏସୋସିଏସନ ସଂପାଦକ ଶିବ କୁମାର ଅଗ୍ରୱାଲ, ସଦସ୍ୟ ବିଶ୍ୱନାଥ ଭୁୟାଁ ଓ ବିଭୁତି ଭୂଷଣ ସାହାଣି ଯୋଗ ଦେଇଥିଲେ। ହଲଦି ପଡିଆରେ ଗୁଲମି ଟାଇବ୍ରେକର ରେ କେସି ୟୁନାଇଟେଡ୍ ଜୁରାବନ୍ଧକୁ ହରାଇ ଜୋନ ଚମ୍ପିୟାନ ହେଲା। ମୁଖ୍ୟ ଅତିଥି ଭାବେ ଜିଲ୍ଲା



ଓଷ୍ଟା ସଭାପତି ପ୍ରଦୀପ ପୁଟେଲ ଯୋଗ ଦେଇଥିବା ବେଳେ ଅତିଥି ଭାବେ ସହକାରୀ ଶିକ୍ଷକ ଉଷାବତୀ ବିଶି, ପୂର୍ଣ୍ଣିମା ପୁଟା ଓ ସାମ୍ବାଦିକ କେଦାର ବଡଜେନା ଯୋଗ ଦେଇଥିଲେ। ସୁନିଲ ଚନ୍ଦ୍ର ବିଶ୍ୱାଲ, ବଳରାମ ସା, ପ୍ରଦୀପ ବଗର୍ତ୍ତି, ନରସିଂସ୍ୱାମୀ ନାଇଡୁ, ଅବଦୁଲ ମୁଜିବ ଓ ଉଜ୍ଜଳ ଝାଙ୍କର ୬ ଗୋଟି ପଡିଆରେ ମ୍ୟାଚ କମିଶନର ଦାୟିତ୍ୱ ତୁଲାଇଥିଲେ । ଖେଳକୁ ଜିତେନ୍ଦ୍ର ପାତ୍ର, ବିକି ବିଶି, ରାଜେନ୍ଦ୍ର ଧରୁଆ, ଧନେଶ୍ୱର ସେଠ,ସଂଜିବ ମହାରଣା, ସୁଧାଂଶୁ ସେଠ, ସୁରେଶ ନାଏକ, ସୁଦର୍ଶନ ସେଠ, ସଂଜନ କୁଦେଇ, ଶୁଶାନ୍ତ ନାଗ, ଅଭିଷେକ ପ୍ରଧାନ, ରେବତି ରମଣ ବାଙ୍କ, ପୁରୁଷୋ□ମ ବୁଡେକ, ଡୋଲାମଣି ବଗ□, ଭୁବନେ ଭୋଇ, ଅକ୍ଷୟ ଦଣ୍ଡସେନା, କରୁଣାକରଣ ପ୍ରଧାନ, ସନ୍ଦିପ କୁମାର ତରିଆ, ବିଜୟ କୁମାର ରଣା, ଗୋପାଳ ପଧାନ, ଆଶିଷଦେବ ସା, ଅଶ୍ୱିନୀ ଭୁକ୍ତା, ଟିଙ୍କୁ ବିଶି ଓ ପାଣ୍ଡବ ବିଶି ପରିଚାଳନା କରିଥିଲେ।

Published and Owned by Sri Bibhuti Bhushan Mahapatra of House No.A/2, Suraj Vihar Phase-1, Po-Baragarh Brit Colony, Bhubaneswar-751018 published from Plot No.3774, Nageshwar Tangi, Bhubaneswar, Dist-Khurda-751002 and Printed by Smt. Sandhyarani Pati at M/S Swadhikar, IDCO Plot No-6/A/B/1, Revenue Plot No-8941(P) Mancheswar Industrial Estate,Bhubaneswar-751010, Near NSIC Office, Dist - Khordha (Odisha) , **Email : odishamahabharata@gmail.com, orissamahabharat@rediffmail.com**
**Editor: Bibhuti Bhushan Mahapatra** ସମ୍ପାଦକ: ବିଭୂତି ଭୂଷଣ ମହାପାତ୍ର